RNI No.ODIODI/2010/33031
୧୭ ବର୍ଷ Volume-17
ISSUE -174 ସଂଖ୍ୟା-୧୭୪
ଭୁବନେଶ୍ୱର, ଗୁରୁବାର ୨୪ ସେପ୍ଟେମ୍ବର ୨୦୨୬
Bhubaneswar, Thursday 24 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ବିଦ୍ୟୁତ୍ ତାର ଲାଗି ନାବାଳିକା ମୃତ୍ୟୁ

କୁକୁଡାଖଣ୍ଡି,୨୩।୯ :(ମନ୍ଥନ)ସଦର ଥାନା ଅନ୍ତର୍ଗତ ମସିଆଖାଲି ପଞ୍ଚାୟତ ଅଧିନ ଯଦୁନାଥ ପଲ୍ଲୀରେ ଘଟିଛି ଏକ ଦୁଃଖଦ ଓ ଅଭାବନୀୟ ଦୁର୍ଘଟଣା ।ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୯ ବର୍ଷୀୟା ଶିଶୁ ସିମରନ୍‌ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ସୂଚନା ଅନୁସାରେ, ସିମରନ୍ କେନାଲରୁ ଗାଧୋଇ ଘରକୁ ଫେରି, ଖାଇବା ପରେ ହଠାତ୍ ନିଖୋଜ ହୋଇଯାଇଥିଲେ । ଦିନ ପ୍ରାୟ ୧୦ ରୁ ଝିଅକୁ ନପାଇ ପରିବାର ଲୋକେ ଚିନ୍ତିତ ହୋଇପଡ଼ିଥିଲେ। ବାପା ବିଦେଶୀ ଦାସ ଓ ତାଙ୍କ ପତ୍ନୀ ଝିଅକୁ ଚାରିଆଡ଼େ ଖୋଜାଖୋଜି କରିଥିଲେ ଘର ଆଖପାଖ, ଗାଁ ଓ ସମ୍ଭାବ୍ୟ ସ୍ଥାନଗୁଡ଼ିକରେ ଖୋଜିଥିଲେ ମଧ୍ୟ ସିମରନ୍‌ଙ୍କ କୌଣସି ପତ୍ତା ମିଳିନଥିଲା ।ଶେଷରେ ପରିବାର ଲୋକେ ସ୍ଥାନୀୟ ସରପଞ୍ଚଙ୍କୁ ଝିଅ ନିଖୋଜଥିବା ନେଇ ଜଣାଇଥିଲେ ।ଏହାପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ପୁଣିଥରେ ଖୋଜାଖୋଜି ଆରମ୍ଭ ହୋଇଥିଲା ।ତେବେ ଖୋଜାଖୋଜି ସମୟରେ ଘର ଛାତ ଉପରେ ସିମରନ୍ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ । ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ସ୍ଥାନୀୟ ବଡ ମେଡିକାଲ ନିଆଗଲା । ସେଠାରେ ଡାକ୍ତର ସିମରନ ଙ୍କ ମୃତ ଘଟିଥିବା କହିଥିଲେ । ପ୍ରାଥମିକ ଭାବେ ମିଳିଥିବା ସୂଚନା ଅନୁସାରେ, ଘର ଛାତ ଉପରେ ଏକ ବିଦ୍ୟୁତ୍ ତାର କଟିଯାଇ ପାଣିରେ ପଡ଼ିଥିଲା । ସେହି ପାଣିରେ ବିଦ୍ୟୁତ୍ ପ୍ରବାହିତ ହେଉଥିବା ବେଳେ ସିମରନ୍ ତାହାର ସଂସ୍ପର୍ଶରେ ଆସିବାରୁ ବିଦ୍ୟୁତ୍‌ଆଘାତରେ ତାଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା କୁହାଯାଇଛି। ଏହି ଘଟଣା ପରେ ପରିବାର ଲୋକଙ୍କ ମଧ୍ୟରେ ଦୁଃଖର ପରିବେଶ ସୃଷ୍ଟି ହୋଇଛି ।ମାତ୍ର ୯ ବର୍ଷ ବୟସରେ ସିମରନ୍‌ଙ୍କଏଭଳି ଅକାଳ ମୃତ୍ୟୁକୁ ନେଇ ଯଦୁନାଥପଲ୍ଲୀରେ ଶୋକର ଛାୟା ଖେଳିଯାଇଛି ।ତେବେ ଘଟଣାର ପ୍ରକୃତ କାରଣ, ବିଦ୍ୟୁତ୍ ତାର କିପରି କଟି ଛାତ ଉପରେ ପଡ଼ିଲା ଏବଂ ଏନେଇ କୌଣସି ସୁରକ୍ଷାଗତ ଅବହେଳା ରହିଥିଲା କି ନାହିଁ ସେନେଇ ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡିବ ।

# କଲେଜକୁ ପରୀକ୍ଷା ଦେବାକୁ ଯାଇଥିବା ନାବାଳିକା ଛାତ୍ରୀ ଅପହରଣ

ବଲଙ୍ଗା,୨୩।୯ :(ମନ୍ଥନ)ବଲଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ୧୭ ବର୍ଷୀୟା ନାବାଳିକା ଛାତ୍ରୀ କଲେଜକୁ ପରୀକ୍ଷା ଦେବାକୁ ଯାଇଥିବା ବେଳେ ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରଖିଛି ପୋଲିସ୍। ସୂଚନା ମୁତାବକ ନାବାଳିକା ଛାତ୍ରୀ ଜଣଙ୍କ ବଲଙ୍ଗା କଲେଜରେ ପଢୁଥିବା ବେଳେ ଗତ ସୋମବାର ଦିନ କଲେଜରେ ପରୀକ୍ଷା ଦେବାକୁ କହି ଘରୁ ଆସିଥିଲା। ଘରକୁ ଅପରାହ୍ନ ୨ଟାରେ ଫେରିବା ନେଇ ଘରେ କହିଥିଲା ବେଳେ ସନ୍ଧ୍ୟା ସୁଦ୍ଧା ନାବାଳିକା ଜଣଙ୍କ ଘରକୁ ଫେରି ନଥିଲା। ଫଳରେ ପରିବାର ଲୋକେ ନାବାଳିକାର ମୋବାଇଲକୁ ଯୋଗଯୋଗ କରିବାରେ ତାହା ବନ୍ଦ ରହିଥିଲା। ପରିବାର ଲୋକ ସମସ୍ତ ବନ୍ଧୁ ବାନ୍ଧବ ଓ ନାବାଳିକାର ସାଙ୍ଗ ସାଥି ମାନଙ୍କ ଘରେ ଖୋଜ ଖବର ନେବାରେ ତାର କୌଣସି ସନ୍ଧାନ ମିଳିନଥିଲା ବୋଲି ନାବାଳିକାର ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଗଣେଶ ଭସାଣି ଶୋଭାଯାତ୍ରାରେ ଖଣ୍ଡାରେ ଆକ୍ରମଣ ଉଦ୍ୟମ

ବଲଙ୍ଗା,୨୩।୯ :(ମନ୍ଥନ)ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଲଙ୍ଗା ଥାନା ତୋଟାପଡ଼ା ଗ୍ରାମରେ ଗଣେଶ ଭସାଣି ଶୋଭାଯାତ୍ରାରେ ଶୋଭାଯାତ୍ରା କାରୀ ମାନଙ୍କୁ ଖଣ୍ଡାରେ ଆକ୍ରମଣ ଉଦ୍ୟମ ସହ ମାରପିଟ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଲଙ୍ଗା ଥାନା ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ମୁତାବକ ତୋଟାପଡ଼ା ଗ୍ରାମର ଶରତ ଚନ୍ଦ୍ର ଲେଙ୍କାଙ୍କ ସମେତ ଗ୍ରାମବାସୀ ମାନେ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ରବିବାର ରାତିରେ ଗ୍ରାମରେ ଗଣେଶ ଭସାଣି ଶୋଭାଯାତ୍ରା ଚାଲିଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶାଇଁସ ଗ୍ରାମର ଧୁନା ଜେନା, ଓ ଅନେଇ ଡିଅ ଗ୍ରାମର ସରୋଜ ନାରାୟଣ ଜେନା, ତାଙ୍କ ଭାଇ ଚଟୁଆ ଜେନା ଓ ଅନ୍ୟ ୫ଜଣଙ୍କ ସହ ହାତରେ ଖଣ୍ଡା, ଲୁହା ରଡ଼ ପ୍ରଭୃତି ଧରି ଶରତ ଓ ତାଙ୍କ ସହିତ ଥିବା ଗ୍ରାମର କେତେକ ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଥିଲେ। ଫଳରେ ଗ୍ରାମବାସୀ ମାନେ ପ୍ରତିବାଦ କରିବାରୁ ଆସାମୀ ମାନେ ଧରିଥିବା ଖଣ୍ଡାରେ ଆକ୍ରମଣ ଉଦ୍ୟମ କରିବାରୁ ଗ୍ରାମବାସୀ ମାନେ ସେମାନଙ୍କ ହାତରୁ ଲୁହା ରଡ଼, ଖଣ୍ଡା ଛଡ଼ାଇ ନେଇଥିଲେ। ଆସାମୀ ମାନେ ଗ୍ରାମବାସୀଙ୍କୁ ବିଧା ଗୋଇଠା ମାରିଥିଲେ। ଗ୍ରାମବାସୀ ମାନେ ସେମାନଙ୍କୁ ଧରିବାକୁ ଚେଷ୍ଟା କରିବାରୁ ଆସାମୀ ମାନେ ଘଟଣା ସ୍ଥଳରେ ଆଣିଥିବା ଖଣ୍ଡା ଓ ଚପଲ ଛାଡି ଦୌଡ଼ି ପଳାଇଥିଲେ ବୋଲି ଶରତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ସେହିଭଳି ସରୋଜଙ୍କୁ ଗ୍ରାମର ମାଡ ମାରିବା ଅଭିଯୋଗରେ ଗ୍ରାମର ୨ଜଣ ଯୁବକଙ୍କ ନାମରେ ମାମଲା ରୁଜୁ କରାଯାଇଛି ।

# ବିପଦ ସଂକୁଳ ସାଜିଛି ଋଷିକୁଲ୍ୟା ସଡକ ପୋଲ

ଗଞ୍ଜାମ,୨୩।୯ :(ମନ୍ଥନ) ଲଗାଣ ବର୍ଷାରେ ଗଞ୍ଜାମ ସହର ନିକଟରେ ରହିଥିବା ଋଷିକୁଲ୍ୟା ସଡ଼କ ପୋଲ ବିପଦ ପୂର୍ଣ୍ଣ ହୋଇପଡ଼ିଥିବା ଦେଖିବାକୁ ମିଳିଛି ।ଗଞ୍ଜାମ ପଟୁ ଛତ୍ରପୁର ଯିବା ପୂର୍ବପଟ ପୋଲ ମଧ୍ୟରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବା ଲକ୍ଷ କରାଯାଇଛି । ଯାହାକୁ ନେଇ ବ୍ରିଜ ଉପରେ ଦୁଇ ଓ ଚାରିଚକିଆ ଯାନ ବାହାନ ଯିବା ବେଳେ ଖାଲ ରେ ପଡି ଚାଳକ ହଠାତ ବ୍ରେକ ମାରିବା ପାଇଁ ବାଧ ହେଉଛନ୍ତି । ଏହି ପରିସ୍ଥିତି ରେ ପଛରୁ ଆସୁଥିବା ଗାଡି ସମ୍ମୁଖ ଭାଗ ଗାଡିରେଧକ୍କା ହୋଇ ଦୃଘଟଣାର ସମ୍ମୁଖୀନ ହେବା ର ସମ୍ଭାବନା ରହିଛି । ଅନ୍ୟପଟେ ବର୍ଷା ଯୋଗୁଁ ଖାଲ ଗୁଡିକରେ ବର୍ଷା ଜଳ ସମତୁଲ ହୋଇ ରହୁଛି । ବିଶେଷକରି ରାତ୍ର ସମୟରେ ସ୍କୁଟି ଓ ବାଇକ ଉକ୍ତ ଗର୍ତ୍ତରେ ପଡିବା ର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏହାର ମରାମତି କରି ସମତୁଲ ବ୍ୟବସ୍ଥା କରିବା ନେଇ ଦୃଢ଼ ଦାବୀ ହେଉଛି ।

# ପିପିଲିରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର

## ୨୮୭ ହିତାଧିକାରୀଙ୍କୁ ୧ କୋଟି ୬୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ପ୍ରଦାନ

ପିପିଲି, ୨୩।୯ :(ମନ୍ଥନ)ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ କାର୍ଯ୍ୟାଳୟର ଆନୁକୂଲ୍ୟରେ ପିପିଲି ବ୍ଲକ ଅନ୍ତର୍ଗତ ମଙ୍ଗଳପୁରସ୍ଥିତ ଏକ ଘରୋଇ ମଣ୍ଡପରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମଣ୍ଡଳ ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କେଶରୀ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିଥିଲେ । ଶ୍ରମିକ କଲ୍ୟାଣ ଯୋଜନାଗୁଡ଼ିକର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚାଇବା ଦିଗରେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ । ପିପିଲି ଓ ଡେଲାଙ୍ଗ



ବ୍ଲକ ସମେତ ପିପିଲି ଏନ୍ ?ଏସିର ମୋଟ ୨୮୭ ଜଣ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ୧ କୋଟି ୬୩ ଲକ୍ଷ ୮୨ ହଜାର ୬୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା । ଅନ୍ତିମ ସଂସ୍କାର, ବିବାହ, ଶିକ୍ଷା ଓ ଶ୍ରମ ଯନ୍ତ୍ରପାତି ଆଦି ବିଭିନ୍ନ ସହାୟତା ବାବଦରେ ଏହି ଅର୍ଥ ପ୍ରଦାନ କରାଯାଇଛି। ଏଥିସହ ନୂତନ ଶ୍ରମିକ କାର୍ଡ ମଧ୍ୟ ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ପ୍ରଜ୍ଞା ପରମିତା ସାହୁ, ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ଆଶିଷ ମାଝୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ପିପିଲି ସହକାରୀ ଶ୍ରମ ଅଧିକାରୀ ସୋନାଲୀ ଜେନା, କଣାସ ସହକାରୀ ଶ୍ରମ ଅଧିକାରୀ ଆଶୁତୋଷ ସାହୁଙ୍କ ସମେତ ବିଭିନ୍ନ ଶ୍ରମିକ ସଂଘର କର୍ମକର୍ତ୍ତା, ସଂଗଠିତ ଓ ଅଣସଂଗଠିତ ଶ୍ରମିକମାନେ ଯୋଗଦେଇଥିଲେ । ଏଥିରେ ବିଭିନ୍ନ ନିର୍ମାଣ ଶ୍ରମିକ ସଂଘ ର ସମ୍ପାଦକ ରଞ୍ଜନା ବିଶ୍ୱାଳ, ସତ୍ୟମୁନୀ ପ୍ରଧାନ, ସନ୍ତୋଷ କୁମାର ଖଟୋଇ, ରତିକାନ୍ତ ନାୟକ, ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ସମ୍ପାଦକ ମାନଙ୍କ ସହ ଟ୍ରେଡ ୟୁନିୟନର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ନେସନାଲ ପେନଚାକ ସିଲାଟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଗୌରବ ଆଣିଲେ ଶିବ ପ୍ରସାଦ ଜେନା

ଗଞ୍ଜାମ,୨୩।୯ :(ମନ୍ଥନ) ଲେହ ଲଦାଖରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ପେନଚାକ ସିଲକ୍ଷଟ ପ୍ରତିଯୋଗିତା ୨୦୨୬ ରେ ଓଡ଼ିଆ ପୁଅ ଶିବପ୍ରସାଦ ଜେନା ଗୋଲଡ଼ ମେଡାଲ ଜିତି ରାଜ୍ୟ ଓ ଜିଲା ପାଇଁ ଗୌରବ ଆଣିଛନ୍ତି । ଲେହ ଲାଦାଖରେ ନ୍ୟାସନାଲ ଚମ୍ପିୟନସିପରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଆସନ୍ତା ମାସରେ ଇଣ୍ଡୋନେସିଆ ଠାରେ ହେବାକୁ ଥିବା ଅନ୍ତର୍ଜାତୀୟ ପେନଚାକରେ ଖେଳିବା ନିଶ୍ଚିତ ହୋଇଥିବା ଶିବପ୍ରସାଦଙ୍କ ବାପା ବଟେଶ୍ୱର ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।ଗୁରୁଜନମାନଙ୍କ ଆର୍ଶିବାଦ ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ପୁଅ ସଫଳତା ହାସଲ କରିଥିବା ସେ କହିଛନ୍ତି । ଏଥିସହ ପୂର୍ବରୁ ଶିବପ୍ରସାଦ ବିଭିନ୍ନ ଇଭେଣ୍ଟରେ ଦୁଇଟି ବ୍ରୋଞ୍ଜ ଓ ଦୁଇଟି ରୋପ୍ୟ (ସିଲଭର )ପଦକ ମଧ୍ୟ ହାସଲ କରିଥିବା ଗଣମାଧ୍ୟମକୁ ସୂଚନା ମିଳିଛି । କାଶ୍ମୀର ଓ ଉତ୍ତରାଖଣ୍ଡ ଦୁଇ ରାଜ୍ୟର ଖେଳାଳିଙ୍କୁ ପଛରେ ପକାଇ ଶିବପ୍ରସାଦ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଜଣା ପଡିଛି ।ଆସନ୍ତା ୨୪ରେ ଲଦାଖରୁ ଫେରିବା ପରେ ଭୁବନେଶ୍ୱର ବିମାନ ବନ୍ଦର ଠାରେ ସରକାରଙ୍କ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ଶିବପ୍ରସାଦଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି । ଗତ ୧୯,୨୦ଓ ୨୧ ତିନି ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଓଡିଶାରୁ ନିଜ ଜିଲା ଗଞ୍ଜାମ ପାଇଁ ପ୍ରତିନିଧିତ୍ୱ କରିଥିବା ଶିବପ୍ରସାଦଙ୍କୁ ମିଶାଇ ଓଡିଶାରୁ ୩୫ ଜଣ ଭାଗ ନେଇଥିଲେ । ସେଥିରୁ ଓଡିଶାର ଏକ ମାତ୍ର ଶିବପ୍ରସାଦ ଗୋଲଡ଼ ମେଡାଲ ଜିତି ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏଥିପାଇଁ ଶିବପ୍ରସାଦଙ୍କ କୋଚ ପ୍ରେମ ସିଂ ଥୋପା ଏବଂ ରାଜ୍ୟ ଜେନେରାଲ ସେକ୍ରେଟାରୀ ଜିତେନ୍ଦ୍ର କୁମାର ରାଉତଙ୍କୁ କୃତଜ୍ଞତା ଜଣାଇଛନ୍ତି ଶିବପ୍ରସାଦଙ୍କ ବାପା ।ଗତ ବର୍ଷ ମହାରାଷ୍ଟ୍ରର ନାସିକ ଠାରେ ଆୟୋଜିତ ନେସନାଲ ପେନକାକ ସ୍ୱ ?ଷ୍ଟ ଚମ୍ପିୟାନ ସିପ ସବଜୁନିୟର ବର୍ଗରେ ଶିବପ୍ରସାଦ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ନିଜର ଦକ୍ଷତା ପଦର୍ଶନ କରି ଉତ୍କୃଷ୍ଟ ପଦର୍ଶନ ମାଧ୍ୟମରେ ଜାତୀୟ ସ୍ତରକୁ ମନୋନୀତ ହୋଇଥିବା କହିଛନ୍ତି ଶିବପ୍ରସାଦଙ୍କ ବାପା । ଗୋଲ୍ଡ ମେଡାଲ ଜିତି ଆନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ଲକ୍ଷ ରଖିଥିବା ଶିବପ୍ରସାଦ ସଫଳ ହୋଇଛନ୍ତି ବୋଲି କହିଛନ୍ତି ଗୋଲଡ଼ ମେଡାଲ ବିଜେତାଙ୍କ ବାପା। ପ୍ରକାଶଯୋଗ୍ୟ ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଏକ ମଫସଲ ଗ୍ରାମ ଗୋଖର କୁଦା ବଟେଶ୍ୱର ଜେନାଙ୍କ ପୁଅ ଶିବପ୍ରସାଦ ଜେନା ଙ୍କୁ ବିଭିନ୍ନ ମହଲ ରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି କ୍ଷ ଶିବପ୍ରସାଦ ସ୍ଥାନୀୟ ଜୟଶ୍ରୀ ଇଂରାଜୀ ମିଡ଼ିଅମ ସ୍କୁଲର ଦଶମ ଶ୍ରେଣୀରେ ପଢୁଛନ୍ତି । ପୂର୍ବରୁ ସ୍କୁଲ ପକ୍ଷରୁ ବ୍ରହ୍ମପୁର ସ୍ୟାଣ୍ଡ ଭିନସନ ଅନୁଷ୍ଠିତ ଟାଇକୋଣ୍ଡ ପ୍ରତିଯୋଗିତାରେ ଶିବପ୍ରସାଦ ଗୋଲଡ଼ ମେଡାଲ ଜିତି ଜିଲା ଓ ସହର ପାଇଁ ଗୌରବ ଆଣିଥିଲେ । ପରେ ଜିଲାସ୍ତରୀୟ ୧୪ ବର୍ଷ କମ ପ୍ରତିଯୋଗିତାରେ ପୁଣି ଗୋଲଡ଼, କେଉଁଝରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗୋଲଡ଼ ଜିତି ରାଜ୍ୟ ପାଇଁ ଓ ରାଜ୍ୟବାସୀଙ୍କ ମନ ଜିଣିଥିଲେ ଶିବପ୍ରସାଦ । ଗତ ଜାନୁୟାରୀ ଛଅରେ ରାଇପୁରରେ ଅନୁଷ୍ଠିତ କବାଡି ପ୍ରତିଯୋଗିତାରେ ମଧ୍ୟ ସଫଳତା ହାସଲ କରିଥିଲେ ଶିବପ୍ରସାଦ ।




# ଏନସିସି ଛାତ୍ରୀ ଉଷଶ୍ରୀ ଖାଡ଼ଙ୍ଗା ସମ୍ବର୍ଦ୍ଧିତ

ବୁଗୁଡ଼ା,୨୩।୯ :(ମନ୍ଥନ) ସ୍ଥାନୀୟ ପିପୁଲ୍ସ କଲେଜରେ ଅଧ୍ୟୟନରତ ଉଦ୍ଭିଦ ବିଜ୍ଞାନ ବିଭାଗୀୟ ଦ୍ୱିତୀୟ ବର୍ଷ ଛାତ୍ରୀ ଉଷଶ୍ରୀ ଖାଡ଼ଙ୍ଗା ନୂଆଦିଲ୍ଲୀଠାରେ ଏନସିସି ପକ୍ଷରୁ ଆୟୋଜିତ ସର୍ବ ଭାରତୀୟ ଥଲ୍ ସୈନିକ କ୍ୟାମ୍ପରେ ଯୋଗଦାନ ସହ ଜଜ୍ଜିଙ୍ଗ୍ ଡିସଷ୍ଟାଂଶ ଇଭେଣ୍ଟରେ କୃତିତ୍ୱ ହାସଲ କରି କଲେଜ ପାଇଁ ଗୌରବ ଆଣିଛନ୍ତି। ଉଷଶ୍ରୀ କଲେଜ ଏନସିସିର ଜଣେ ଶୃଙ୍ଖଳିତ କ୍ୟାଡେଟ୍ ହୋଇଥିବା ବେଳେ ତାଙ୍କର କୃତିତ୍ୱ ପାଇଁ ତାଙ୍କୁ କଲେଜ ତରଫରୁ ଶୁଭେଚ୍ଛା ଜ୍ଞାପନ ସହ ଅଧ୍ୟକ୍ଷ ଭଗବାନ ଶତପଥୀଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ବୁଗୁଡା ବ୍ଲକ ବାଲିପଦର ପଞ୍ଚାୟତ ଅନ୍ତର୍ଗତ ସଦାଶିବପୁର ଶାସନ ନିବାସୀ କାଳି ପ୍ରସାଦ ଖାଡ଼ଙ୍ଗା ଓ ସଙ୍ଗୀତା କୁମାରୀ ଖାଡ଼ଙ୍ଗାଙ୍କ ସୁକନ୍ୟା ଉଷଶ୍ରୀ ତାଙ୍କର ଏହି ସଫଳତା ପଛରେ ନିଜର ଦୃଢ ଅନୁରାଗ ଏବଂ ଏନସିସି ଅଫିସର ଲେଫ୍ଟନାଣ୍ଟ ଅଜୟ କୁମାର ସାହୁଙ୍କ ଯଥୋଚିତ ମାର୍ଗ ଦର୍ଶନ ରହିଥିବା ଦର୍ଶାଇ ଭବିଷ୍ୟତରେ ଭାରତୀୟ ସେନା ବାହିନୀରେ ଯୋଗ ଦେଇ ଦେଶ ମାତୃକାର ସେବା କରିବାକୁ ମନସ୍ଥ କରିଥିବା ନେଇ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାଯାଇଛି।

# ବର୍ଷାରେ ବେହାଲ କାକଟପୁର: ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍

କାକଟପୁର,୨୩।୯ :(ମନ୍ଥନ)କାକଟପୁର ରେ ଲଗାଣ ବର୍ଷା ଯୋଗୁଁ ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ଏବଂ ଜଳବନ୍ଦୀ ସମସ୍ୟା କାରଣରୁ ଅଞ୍ଚଳର ବ୍ୟବସାୟିକ ବାଣିଜ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି ।ବଜାରରେ ପାଣି ଜମି ରହିବା ଏବଂ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଦୋକାନ ବଜାରକୁ ଗ୍ରାହକମାନେ ଆସିପାରୁନାହାଁନ୍ତି। ଦିନସାରା ଦୋକାନ ଖୋଲା ରହୁଥିଲେ ମଧ୍ୟ ଗ୍ରାହକ ନାହାଁନ୍ତି, ଯାହାଫଳରେ ଛୋଟ ଓ ବଡ଼ ବ୍ୟବସାୟୀମାନେ ବ୍ୟାପକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବିଶେଷକରି କାକଟପୁର ମୁଖ୍ୟ ବଜାର, ପନିପରିବା ବଜାର ଏବଂ ଫୁଟ୍‌ପାଥ୍ ଦୋକାନୀମାନେ ଏହି ବର୍ଷା ଯୋଗୁଁ ବେଶ୍ ପ୍ରଭାବିତ ହୋଇଛନ୍ତି ।ଲଗାଣ ବର୍ଷା ଏବଂ



ଜଳ ନିଷ୍କାସନର ସମୁଚିତ ବ୍ୟବସ୍ଥା ନଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଶୀଘ୍ର ଜଳ ନିଷ୍କାସନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନଗଲେ ବ୍ୟବସାୟୀମାନେ ଆହୁରି ଗଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବେ ବୋଲି ଆଶଙ୍କା କରାଯାଉଛି ।ତୁହାକୁ ତୁହା ବର୍ଷା ସାଙ୍ଗକୁ ବିଜୁଳି ଘଡଘଡି ଯୋଗୁଁ ଦିନ ମଜୁରିଆ ମାନେ ଗୃହ ବନ୍ଦୀ ହୋଇ ରହୁଛନ୍ତି ।

# ଗୋଟିଏ ରାତିରେ ତିନୋଟି ମନ୍ଦିରରୁ ଚୋରୀ କରି ନେଲେ ଦୁର୍ବୃତ୍ତ

ଗଞ୍ଜାମ,୨୩।୯ :(ମନ୍ଥନ)ଗଞ୍ଜାମ ସହରରେ ଥିବା ବିଭିନ୍ନ ମନ୍ଦିରରୁ ଗୋଟିଏ ରାତ୍ରିରେ ତିନୋଟି ବିଭିନ୍ନ ଅଳଙ୍କାର ଲୁଟିନେଇଗଲେ ଦୁର୍ବୃତ୍ତ । ବଡ଼ ବଜାର ସ୍ଥିତ ଲଚ୍‌ମନ ବାଲାଜୀ ହନୁମାନ ମନ୍ଦିର, ଓଡ଼ିଆ ଡମଣା ସାହି ରାମଲୀଙ୍ଗେଶ୍ୱର ମନ୍ଦିର ଓ ସାନ ବଜାର କୈବର୍ତ୍ତ ସାହି ବୃନ୍ଦାବନ ସ୍ୱାମୀ ମନ୍ଦିରରୁ ସୋମବାର ବିଳମ୍ବିତ ରାତ୍ରରେ ଚୋରି ହୋଇଥିବା ଜଣା ପଡିଛି । ଦୁର୍ବୃତ୍ତ ମାନେ ବଡ଼ ବଜାର ସ୍ଥିତ ଲଛମନ ବାଲାଜୀ ଓ ହନୁମାନରୁ ଲଛମନ ବାଲାଜୀ ଓ ହନୁମାନଙ୍କ ମସ୍ତକରୁ ଦୁଇଟି ରୁପା କିରିଟି, ଏକ ରୁପା ଗ୍ଲାସ,କୈବର୍ତ୍ତ ସାହି ବୃନ୍ଦାବନ ସ୍ୱାମୀ ମନ୍ଦିରରୁ ଠାକୁରଙ୍କ ରୁପାରେ ନିର୍ମିତ ୬ଟି କିରିଟି ଓ ଗୋଟିଏ ରୁପା ବଂଶୀ ଓ ଓଡ଼ିଆ ଡମଣା ସାହି ସ୍ଥିତ ରମେଶ୍ୱର ମନ୍ଦିର ରେ ପାର୍ବତୀଙ୍କ ବେକରେ ପଡିଥିବା ଏକ ରୋଲ୍ଡ଼ ଗୋଲ୍ଡ଼ ହାର ନେଇଯାଇଥବା ଜଣା ପଡିଛି । ଖବର ପାଇ ଗଞ୍ଜାମ ଥାନା ଅତିରିକ୍ତ ଆଇଆଇସି ଶୁଭଲକ୍ଷ୍ମୀ କହଁର ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ଏନେଇ ମନ୍ଦିର ଓ ସାହି କମିଟି ପକ୍ଷରୁ ଲିଖିତ ଏତଲା ଦିଆଯାଇଛି । କିଛି ଦିନ ନୀରବତା ପରେ ମନ୍ଦିରକୁ ଟାର୍ଗେଟ କରୁଥିବା ଚୋର ମାନେ ପୁଣି ସକ୍ରିୟ ହୋଇ ଉଠିଛନ୍ତି ।ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭ ଫୁଟେଜ ଦେଖି ମନ୍ଦିରରୁ ଲୁଟ କରିଥିବା ସମସ୍ତେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସ୍ଥାନୀୟ ଅଞ୍ଚଳ ବାସୀ ଦାବୀ କରିଛନ୍ତି ।

# କୁମ୍ଭକାର ସମାଜର ବିକାଶ ଓ ମାଟିକଳା ବୋର୍ଡ ଗଠନ ପାଇଁ ରାଜ୍ୟ ସରକାରଙ୍କୁ ଦାବି ଜଣାଇଲେ ବିଜେପି ନେତା ପ୍ରଶାନ୍ତ ସ୍ୱାଇଁ

ଗୋପ,୨୩।୯ :(ମନ୍ଥନ)ରାଜ୍ୟର କୁମ୍ଭକାର ସମାଜର ସର୍ବାଙ୍ଗୀନ ବିକାଶ, ସେମାନଙ୍କ ଜୀବନଜୀବିକାର ସୁରକ୍ଷା ଏବଂ ପାରମ୍ପରିକ ହସ୍ତଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ରାଜ୍ୟରେ ଏକ ‘ମାଟିକଳା ବୋର୍ଡ’ ଗଠନ କରିବାକୁ ଦାବି ଜୋର୍ ଧରିଛି। ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ(ଲୁଲୁ) ପୁରୀ ଜିଲ୍ଲାର କୁମ୍ଭକାରମାନଙ୍କ ସହ ଆଲୋଚନା କରି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି।

କୁମ୍ଭକାର ସମାଜର ଲୋକମାନେ ପାରମ୍ପରିକ ମାଟିପାତ୍ର ଓ ଟେରାକୋଟା (ଝରଵଵବମକ୍ଟଥ୍ବବ) ଶିଳ୍ପକୁ ଜୀବନ୍ତ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ପୂର୍ବରୁ ଶ୍ରୀ ସ୍ୱାଇଁ ଗୋପ ଓ ନିମାପଡା ଏହାର ଆଖପାଖ ଅଞ୍ଚଳରେ ପ୍ରଧାନମନ୍ତ୍ରୀ କୁମ୍ଭକାର ସଶକ୍ତିକରଣ ଯୋଜନା ଅଧୀନରେ କୁମ୍ଭାର ଭାଇମାନଙ୍କ ପାଇଁ ଦଶଦିନିଆ କୌଶଳ ବିକାଶ ତାଲିମ ଏବଂ ବିଦ୍ୟୁତ ଚାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇଥିଲେ । ତେବେ ବର୍ତ୍ତମାନ ଏହି ଶିଳ୍ପକୁ ଆହୁରି ଆଗକୁ ବଢ଼ାଇବା ପାଇଁ କୁମ୍ଭାର ଭାଇମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଆବଶ୍ୟକ ହୋଇପଡ଼ିଛି ।ସ୍ୱତନ୍ତ୍ର ଭାବେ ପୁରୀ ଜିଲ୍ଲାର ପୁରୀ ସ୍ଥିତ କୁମ୍ଭାରପଡ଼ା, ଗୋପ ବ୍ଲକ ବେଦପୁର ପଞ୍ଚାୟତ ବାଲିକନ୍ଦଳ ଏବଂ ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରେଣା ପଞ୍ଚାୟତ ଯୋରକୁଳର କୁମ୍ଭାର ଭାଇମାନେ ଟେରାକୋଟା କାର୍ଯ୍ୟ ପାଇଁ ଆବଶ୍ୟକ ମାଟି ସହଜରେ ଯୋଗାଇଦେବାକୁ ନିବେଦନ କରିଛନ୍ତି। ଏହି ସମସ୍ୟାର ସମାଧାନ ହେଲେ ସେମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆସିପାରିବ ବୋଲି ଶ୍ରୀ ସ୍ୱାଇଁ ମତ ପ୍ରକାଶ କରିଛନ୍ତି ।ତେଣୁ, କୁମ୍ଭକାର ସମାଜର ଉନ୍ନତି ନିମନ୍ତେ ତୁରନ୍ତ ରାଜ୍ୟରେ ‘ମାଟିକଳା ବୋର୍ଡ’ ଗଠନ କରାଯିବା ସହ ଉପରୋକ୍ତ ଅଞ୍ଚଳଗୁଡ଼ିକର କୁମ୍ଭାର ଭାଇମାନଙ୍କୁ ସୁଲଭ ମୂଲ୍ୟରେ ନିର୍ଦ୍ଦିଷ୍ଟ କିସମର ମାଟି ଯୋଗାଇଦେବା ପାଇଁ ଶ୍ରୀ ସ୍ୱାଇଁ ସରକାରଙ୍କୁ ବିନମ୍ର ଅନୁରୋଧ କରିଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର-୨୦୨୬ ସ୍ଥଗିତ

ଜଗତସିଂହପୁର,କୁଜଙ୍ଗ ବ୍ଲକ ଅନ୍ତର୍ଗତ ବନବିହାରୀ ହାଇସ୍କୁଲଠାରେ ତା. ୨୩.୦୯.୨୦୨୬ (ବୁଧବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ (ଇଇଝଇ) ଶିବିର-୨୦୨୬ କୁ ସ୍ଥଗିତ କରାଯାଇଛି ।ସ୍ୱତନ୍ତ୍ର ରିଲିଫ୍ କମିଶନର (ଝଜଓ), ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରବଳ ବର୍ଷା ସମ୍ପର୍କିତ ସତର୍କ ସୂଚନା ଜାରି କରାଯାଇଥିବାରୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ଶିବିରକୁ ସ୍ଥଗିତ କରାଯାଇଛି ।ଏହି ଶିବିରଟି ବର୍ତ୍ତମାନ ତା. ୩୦.୦୯.୨୦୨୬ (ବୁଧବାର) ଦିନ ସେହି ସ୍ଥାନରେ ଅନୁଷ୍ଠିତ ହେବ ।ସମସ୍ତ ସମ୍ପୃକ୍ତ ବ୍ୟକ୍ତିବିଶେଷ ଓ ଜନସାଧାରଣ ଏହି ପରିବର୍ତ୍ତିତ ତାରିଖକୁ ଧ୍ୟାନରେ ରଖି ଆବଶ୍ୟକ ସହଯୋଗ କରିବାକୁ ଅନୁରୋଧ ।

# ଚୂଡ଼ାକୁଟିରେ କମ୍ ଚାଉଳ ବଣ୍ଟନକୁ ନେଇ ଉତ୍ତେଜନା

ଧାମନଗର,୨୩।୯ :(ମନ୍ଥନ) ଧାମନଗର ବ୍ଲକ ଚୂଡ଼ାକୁଟି ପଞ୍ଚାୟତ ଅଧିନସ୍ଥ ବିଦ୍ୟାଧରପୁର ଛକ ଅଙ୍ଗନବାଡ଼ିକେନ୍ଦ୍ର ପରିସରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସରୋଜ ନାୟକଙ୍କ ଉପସ୍ଥିତିରେ ଡିଲରଙ୍କ ଜରିଆରେ ଚାଉଳ ବଣ୍ଟନ ଚାଲିଥିଲା ।ହିତାଧିକାରୀଙ୍କ ନାମ କଟିବା ଓ କମ୍ ପରିମାଣରେ ଚାଉଳ ଦିଆଯାଉଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଉତ୍ତ ?ଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଚୂଡ଼ାକୁଟି ପଞ୍ଚାୟତ ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼ ଘଟଣାସ୍ଥଳରେ ପହଞ୍ଚି ପିଇଓ ସରୋଜ ନାୟକଙ୍କୁ ପଚାରି ଥିଲେ। ସରକାରୀ ନିୟମ ଅନୁସାରେ ବଡ଼ ଲୋକଙ୍କୁ ୭କିଲୋ ଏବଂ ଛୁଆଙ୍କୁ ୩ କିଲୋ ୫୦୦ କରି ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ପୂର୍ବ ତାଲିକାରୁ କେତେକ ହିତାଧିକାରୀଙ୍କ ନାମ କଟିବା ଏବଂ ୬ ଏବଂ ୩ କିଲୋ ନିର୍ଦ୍ଧାରିତ ପରିମାଣଠାରୁ କମ୍ ଚାଉଳ ଦିଆଯାଉଥିବା ନେଇ ଅଭିଯୋଗ କରିଛନ୍ତି। କାହା



ନିର୍ଦ୍ଦେଶରେ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ପଡ଼ିଲା ଏବଂ ଚାଉଳ କମ୍ ପରିମାଣରେ କାହିଁକି ଦିଆଯାଉଛି ସେ ନେଇ ପ୍ରଶ୍ନ ଉଠାଇଥିଲେ। ଏହାକୁ କେନ୍ଦ୍ର କରି ସମିତି ସଭ୍ୟ ଓ ପିଇଓଙ୍କ ମଧ୍ୟରେ ଉତ୍ତ ?ଜନାପୂର୍ଣ୍ଣ ଯୁକ୍ତିତର୍କ ଓ ମୁହାଁମୁହିଁ ହୋଇଥିବା ସୂଚନା ମିଳିଛି ।ପରିସ୍ଥିତି ଉତ୍ତ ?ଜନାପୂର୍ଣ୍ଣ ହେବା ପରେ ଘଟଣାସ୍ଥଳରୁ ପିଇଓ ଛାଡ଼ି ଚାଲିଯାଇଥିଲେ। ଫଳରେ ଚାଉଳ ବଣ୍ଟନ ପ୍ରକ୍ରିୟା ଅଧାରେ ବନ୍ଦ ହୋଇଥିବା ସୂଚନା ମିଳିଛି ।ତେବେ ହିତାଧିକାରୀଙ୍କ ନାମ ବାଦ୍ ପଡ଼ିବା ଓ କମ୍ ପରିମାଣରେ ଚାଉଳ ଦିଆଯାଇଥିବା ଅଭିଯୋଗର ପ୍ରକୃତ କାରଣ କ’ଣ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦିଆଯିବ ବୋଲି ସମିତି ସଭ୍ୟ ସୂଚନା ଦେଇଛନ୍ତି ।ତେବେ ଖବର ଲେଖିବା ପର୍ଯ୍ୟନ୍ତ ବିଡ଼ିଓ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଯୋଗାଯୋଗ କଲେ ମଧ୍ୟ ଯୋଗାଯୋଗ ହୋଇ ପାରିଲାନାହିଁ।

# ସାଢେ ୩ ବର୍ଷ ପରେ ବସିଲା ରୋଗୀ କଲ୍ୟାଣ ସମିତି ବୈଠକ

ଖଣ୍ଡପଡା, ୨୩।୯ :(ମନ୍ଥନ)ପ୍ରାୟ ସାଢେ ୩ ବର୍ଷ ପରେ ଖଣ୍ଡପଡା ସହରାଞ୍ଚଳ ସ୍ଥିତ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ବସିଛି। ତେବେ ବୈଠକକୁ ସ୍ଥାନୀୟ ପଞ୍ଚାୟତରଗଣମାଧ୍ୟମ ପ୍ରତିନିଧିଙ୍କୁ ଡକା ଯାଇନଥିବା ବେଳେ ଏଥିରେ ପୂର୍ବରୁ ଥିବା କିଛି ସଦସ୍ୟଙ୍କୁ ମଧ୍ୟ ବିନାନୋଟିସରେ ବାହାର କରିଦିଆଯାଇଛି। ଫଳରେ ଗୋଷ୍ଠୀ ଚିକିତ୍ସାଧିକାରୀଙ୍କ ଭୂମିକା ନେଇ ନେଇ ସନ୍ଦେହପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ପାଖାପାଖି ସାଢେ ୩ ବର୍ଷ ପରେ ଗତ ଶୁକ୍ରବାର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଗୁରୁତ୍ୱପୂର୍ଣ୍ଣକଥା ହେଉଛି ରୋଗୀ କଲ୍ୟାଣ ସମିତି କମିଟିରେ ପୂର୍ବରୁ ଥିବା କିଛି ସଦସ୍ୟଙ୍କୁ ବୈଠକ ବାବଦରେ ସୂଚନାଦିଆଯାଇନାହିଁ। ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡା ଅଭିସାର ପଣ୍ଡା ରୋଗୀକଲ୍ୟାଣ ସମିତି ବୈଠକ ସଂଯୋଜନା କରୁଥିବା ବେଳେ କିନ୍ତୁ ଏଭଳି ନିୟମକୁ ସତେ ଯେମିତି ଭୁଲି ଯାଇଛନ୍ତି ।ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାକୁ




ନେଇ ଗତ ୧ ତାରିଖରେ ହୋଇଥିବା ଗଣଧାରଣା ସମୟରେ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଓ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ଆରକେଏସ ବୈଠକ ବାବଦରେଗଣମାଧ୍ୟମ ପ୍ରତିନିଧୀଙ୍କୁ ସାମିଲ ନିମନ୍ତେ ଆଲୋଚନା ହୋଇଥିଲା। ମାତ୍ର ଦାୟିତ୍ୱରେ ଥିବା ବିପିଏମକିମ୍ବା ଗୋଷ୍ଠୀ ଚିକିତ୍ସାଧିକାରୀ ଏ ବାବଦରେ ସାମାନ୍ୟତମ ସୂଚନା ମଧ୍ୟ ଦେଇନଥିଲେ। ରୋଗୀଙ୍କୁଉପଯୁକ୍ତ ସେବା ପ୍ରଦାନ ପାଇଁ ପ୍ରତି ୬ ମାସରେ ଥରେ ରୋଗୀ କଲ୍ୟାଣ ସମିତି ବୈଠକ ବସିବା କଥା ।ଏଭଳି ସ୍ଥିତିରେ ପୁରାତନ ସଦସ୍ୟଙ୍କୁ ବାଦ ଦେଇ ସାଢେ ୩ ବର୍ଷ ପରେ ବୈଠକ କରିବା ନାନା ସନ୍ଦେହସୃଷ୍ଟି କରିଛି। ବର୍ଷ ବର୍ଷ ଧରି ୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡା ପଣ୍ଡାଙ୍କ ଏଭଳିକାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଜନପ୍ରତିନିଧି ଓ କଂଗ୍ରେସ। ଗତ ପ୍ରାୟ ଅଢେଇ ବର୍ଷ ହେବଖଣ୍ଡପଡା ଓ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ରନ୍ଧାଖାଦ୍ୟ ନ ମିଳିବା,ବହିର୍ବିଭାଗରେ ଲମ୍ବା ଧାଡି, ଭୁଲ ଇଂଜେକସନ ଯୋଗୁଁ ରୋଗୀ ଓ ସମ୍ପର୍କୀୟ ହନ୍ତସନ୍ତ ଭଳି ସମସ୍ୟାଦେଖିବାକୁ ମିଳୁଛି। ସ୍ଥିତି ଏମିତି ଯେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ୨୦ କିମି ଦୂର ନୟାଗଡ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ଲୋକେ ଭରସା କଲେଣି। ଏଭଳି ସ୍ଥିତିରେ ରୋଗୀ କଲ୍ୟାଣ ସମିତି ବୈଠକକୁ ଗଣମାଧ୍ୟମପ୍ରତିନିଧି ଓ ପୁରାତନ ସଦସ୍ୟଙ୍କୁ ନ ଡାକି ବିଫଳତା ଘୋଡାଇବାକୁ ଶ୍ରୀ ପଣ୍ଡା ଚେଷ୍ଟା କରୁଥିବାଅଭିଯୋଗ କରିଛି ନଗର କଂଗ୍ରେସ। ସେହିପରି ମାଳମାଳ ସମସ୍ୟା ଥିବାବେଳେ ଏହାକୁ ସମାଧାନ ଦିଗରେପଦକ୍ଷେପ ନିଆଯାଉନଥିବା ମଧ୍ୟ ସୂଚନା ମିଳିଛି। ଯାହାଫଳରେ ଏଭଳି ବୈଠକ ପ୍ରଶାସନ ଛଡା ଆଉକିଛିନୁହେଁ, ବୋଲି ଅଞ୍ଚଳ ବାସୀ କୁହନ୍ତି। ନୟାଗଡ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ନଗର କଂଗ୍ରେସସଭାପତି ସନ୍ତୋଷ କୁମାର ସାହୁ ଦାବି କରିଛନ୍ତି।



## ପ୍ରକାଶ ପାଇଲା ଯାଜପୁର ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା

ଯାଜପୁର,୨୩।୯ :(ମନ୍ଥନ)ଏସଆଇଆର ପ୍ରକ୍ରିୟା ପରେ ପ୍ରକାଶ ପାଇଲା ଯାଜପୁର ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା। ଏସଆଇଆର ମାଧ୍ୟମରେ ଯାଜପୁର ଜିଲ୍ଲାରେ ବାଦ ପଡ଼ିଛନ୍ତି ୧ଲକ୍ଷ ୬ ହଜାର ୩୮୧ ଭୋଟର। ଚୂଡ଼ାନ୍ତ ଭୋଟର ତାଲିକାରେ ୧୪ଲକ୍ଷ ୪୩ହଜାର ୬୪୫ ଜଣ ଭୋଟରଙ୍କର ନାମ ରହିଥିବା ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀଙ୍କ ସମେତ ସମସ୍ତ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଚୂଡ଼ାନ୍ତ ଭୋଟର ତାଲିକା ଲୋକାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ।

## ଯାଜପୁରର ଶିବାଙ୍ଗୀଙ୍କୁ ମିଳିଲା ତ୍ୱରିତ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହାୟତା

ଯାଜପୁର,୨୩।୯ :(ମନ୍ଥନ)ଦିବ୍ୟାଙ୍ଗ ଶିଶୁ ଶିବାଙ୍ଗୀ ବୈଷ୍ଣବୀ ନାୟକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରାଯାଇଛି। ତାଙ୍କ ଅସୁବିଧା କଥା ଜାଣି ଶିବାଙ୍ଗୀଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବା ପାଇଁ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଥିଲେ। ମାନ୍ୟବର ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ଶିବାଙ୍ଗୀଙ୍କ ଆବଶ୍ୟକ ଚିକିତ୍ସା ସୁନିଶ୍ଚିତ କରାଯାଇଥିଲା। ଏମ୍ସ ଭୁବନେଶ୍ୱରରେ ତାଙ୍କ ହାତର ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ତାଙ୍କର ଚିକିତ୍ସା ଓ ଅସ୍ତ୍ରୋପଚାର ବ୍ୟବସ୍ଥା କରାଯାଇଥିବା ସହ ହସ୍ପିଟାଲରେ ତାଙ୍କ ଚିକିତ୍ସା ସୁଚାରୁ ଭାବେ ଚାଲିବା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଥିଲା। ମାଇକ୍ରୋବ୍ଲୋଗିଙ୍ଗ ସାଇଟ "ଏକ୍ସ"ରେ ଦେବୀପ୍ରସାଦ ନାମକ ଜଣେ ୟୁଜର ଏ ବାବଦରେ ଜଣାଇବା ପରେ ମାନ୍ୟବର ମନ୍ତ୍ରୀ ଅସ୍ତ୍ରୋପଚାର ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଶିବାଙ୍ଗୀଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ପ୍ରତି ମାନ୍ୟବର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କ ସହାୟତା ନିରନ୍ତର ରହିଛି। ୨୦୨୫ ମସିହାରେ ମଧ୍ୟ ତାଙ୍କ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେବା ସହ ଶିବାଙ୍ଗୀଙ୍କୁ ଏକ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯିବାରେ ସହଯୋଗ କରାଯାଇଥିଲା। ଶିବାଙ୍ଗୀଙ୍କ ଚିକିତ୍ସା ଓ ଆବଶ୍ୟକ ସହାୟତା ପାଇଁ ତ୍ୱରିତ ପଦକ୍ଷେପ ନେଇଥିବାରୁ ମାନ୍ୟବର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କୁ ଶିବାଙ୍ଗୀଙ୍କ ପରିବାର କୃତଜ୍ଞତା ଜଣାଇଛନ୍ତି। ରାଜ୍ୟ ସରକାର ଦିବ୍ୟାଙ୍ଗ ଶିଶୁ ଓ ଆବଶ୍ୟକତା ଥିବା ପ୍ରତ୍ୟେକ ନାଗରିକଙ୍କୁ ସମୟୋପଯୋଗୀ ଚିକିତ୍ସା, ସାମାଜିକ ସୁରକ୍ଷା ଓ ଆବଶ୍ୟକ ସହାୟତା ଯୋଗାଇ ଦେବା ପାଇଁ ପ୍ରତିବଦ୍ଧ।

## ଜିଲ୍ଲାରେ ଜନଜାତିଙ୍କ ସର୍ବାଙ୍ଗୀଣ ବିକାଶ ଉପରେ ଗୁରୁତ୍ୱ

ଯାଜପୁର,୨୩।୯ :(ମନ୍ଥନ)ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଉପସ୍ଥିତିରେ ଜିଲ୍ଲାର ଅନୁସୂଚିତ ଜନଜାତି ଲୋକ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଯାଜପୁରର ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆଦିବାସୀ ଅଧ୍ୟୁଷିତ ଅଂଚଳର ସାମଗ୍ରିକ ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଭିତିଭୂମି ଓ ଅନ୍ୟାନ୍ୟ ମୌଳିକ ସୁବିଧାର ସୁଦୃଢ଼ୀକରଣ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଆଦିବାସୀ ସମୁଦାୟର ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହ ବିଭିନ୍ନ ସରକାରୀ ଯୋଜନାର ସୁଫଳ ସେମାନଙ୍କ ନିକଟରେ ପହଂଚାଇବା ନେଇ ଆଗାମୀ କାର୍ଯ୍ୟପନ୍ଥା ଉପରେ ବିଚାରବିମର୍ଶ କରାଯାଇଥିଲା। ଏହି ଅବସରରେ ଆଦିବାସୀ ଅଂଚଳରେ ଶିକ୍ଷା ଓ ଶିଶୁ ବିକାଶକୁ ଆହୁରି ସୁଦୃଢ଼ କରିବା ନେଇ ଆଶ୍ରମ ବିଦ୍ୟାଳୟ, ହଷ୍ଟେଲ ଏବଂ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ମାନ ଉନ୍ନତି ଉପରେ ମାନ୍ୟବର ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଯାଜପୁରର ମାନ୍ୟବର ଅଧ୍ୟକ୍ଷ ରାଜେନ୍ଦ୍ର କାଲୁଣ୍ଡିଆ ଏବଂ ମାନ୍ୟବର ଉପାଧ୍ୟକ୍ଷା,ଶ୍ରୀମତୀ ଦଶମା ଜାରିକା,ଜିଲ୍ଲାପାଳ ଅମ୍ବର କୁମାର କର , ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମାଙ୍ଗଳିକା ରାଉତ ପାୱାର ପଏଂଟ ମାଧ୍ୟମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ‘ବସନ୍ତ ସେବା ସମ୍ମାନ’ରେ ସମ୍ମାନିତ ହେଲେ ଜିଲ୍ଲାର ଦୁଇ ଶିକ୍ଷକ

ନୟାଗଡ଼,୨୩।୯ :(ମନ୍ଥନ)ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ୍, ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ଆୟୋଜିତ ଶାନ୍ତି ଦିବସ ସମାରୋହରେ ବିଭିନ୍ନ ସମାଜସେବା ନିମନ୍ତେ ରାଜ୍ୟର ୬୦ ଜଣ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ନୟାଗଡ଼ ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ୍ ପକ୍ଷରୁ ଦୁଇଜଣ ଆଦର୍ଶ ଶିକ୍ଷକଙ୍କୁ ପ୍ରତିଷ୍ଠିତ ‘ବସନ୍ତ ସେବା ସମ୍ମାନ’ ପ୍ରଦାନ କରାଯାଇଛି। ଏହି ପ୍ରତିଭାମାନେ ହେଲେ ଦଶପଲ୍ଲା ବ୍ଲକ ନେଳିଗୁଡ଼ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ସୁଦାମ ପ୍ରଧାନ ଏବଂ ରଣପୁର ବ୍ଲକ ଗୋପାଳପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଗାଇଡ୍ କ୍ୟାପଟେନ୍ କଳ୍ପନା ନାଥ। ସେମାନଙ୍କର ନିଷ୍ଠାପର ସେବା ଓ ସାମଗ୍ରିକ ଅବଦାନ ପାଇଁ ସେମାନଙ୍କୁ ଏହି ସମ୍ମାନରେ ଭୂଷିତ କରାଯାଇଛି। ଭୁବନେଶ୍ୱରସ୍ଥିତ ରାଜ୍ୟ ମୁଖ୍ୟାଳୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଜାତୀୟ ଉପ-ସଭାପତି ତଥା ଭାରତ ସ୍କାଉଟ ଓ ଗାଇଡ୍ ରାଜ୍ୟ କମିଶନର ଡକ୍ଟର କାଳୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ସ୍କାଉଟ୍ ଓ ଗାଇଡ୍‌ର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଉପ-ସଭାପତି ତଥା ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି ଏବଂ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ପ୍ରମୁଖ ଉପସ୍ଥିତ ରହି କୃତୀ ସ୍କାଉଟ୍ ଓ ଗାଇଡ୍ କର୍ମକର୍ତ୍ତା ମାନଙ୍କୁ ସମ୍ମାନିତ କରିଥିଲେ। ନୟାଗଡ଼ ଜିଲ୍ଲାରୁ ଏଭଳି ସ୍ୱୀକୃତି ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ବାତାବରଣ ଦେଖାଦେଇଥିବା ବେଳେ ବିଭିନ୍ନ ମହଲରୁ ସୁଦାମ ପ୍ରଧାନ ଓ କଳ୍ପନା ନାଥଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



# ଦରମା ବିବାଦରେ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ

ନବରଙ୍ଗପୁର, ୨୩।୯ :(ମନ୍ଥନ) ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଚିକିତ୍ସାଳୟରେ ଆଉଟସୋର୍ସିଂ ଏଜେନ୍ସି ଜରିଆରେ ନିୟୋଜିତ ସଫେଇ କର୍ମଚାରୀମାନେ ଦରମା ପ୍ରଦାନରେ ଅନିୟମିତତା ଅଭିଯୋଗ କରି ଗତ ଦୁଇ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। କର୍ମଚାରୀମାନେ ନବରଙ୍ଗପୁର ଡିଏଚ୍‌ଏଚ୍ ପରିସରରେ ଧାରଣାରେ ବସିଥିବାରୁ ହସ୍ପିଟାଲର ନିୟମିତ ସଫେଇ କାର୍ଯ୍ୟ ପ୍ରଭାବିତ ହୋଇଛି। ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଜମିବା ଆରମ୍ଭ ହୋଇଥିବାରୁ ପରିମଳ ବ୍ୟବସ୍ଥା ନେଇ ଚିନ୍ତା ବଢ଼ିଛି। ଆନ୍ଦୋଳନକାରୀଙ୍କ କହିବାନୁସାରେ, ସେମାନଙ୍କୁ ଠିକ୍? ସମୟରେ ଦରମା ମିଳୁନାହିଁ। ଦୁଇ ମାସର ଦରମା ବକେୟା ହେଲେ ଗୋଟିଏ ମାସର ଦରମା ଦିଆଯାଉଛି ଏବଂ ଅନ୍ୟ ମାସର ପାଉଣା ଅଟକି ରହୁଛି। ଅଗଷ୍ଟ ମାସରୁ ଏନେଇ ଏଜେନ୍ସିକୁ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବା ସଂଗୀତା ସିନାଙ୍କ ସମେତ ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଆଧାର ଲିଙ୍କ୍ ଭଳି କାରଣରୁ ଯେଉଁ କର୍ମଚାରୀଙ୍କ ପେମେଣ୍ଟ ଅଟକିଛି, ସେମାନଙ୍କ ପାଉଣା ମଧ୍ୟ ସମାଧାନ କରି ସମସ୍ତଙ୍କୁ ଏକାସାଙ୍ଗରେ ଦରମା ଦେବାକୁ ସେମାନେ ଦାବି କରିଛନ୍ତି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ, ଏଜେନ୍ସି ପକ୍ଷରୁ ସାତ ଦିନ ସମୟ ମଗାଯାଇଛି। ତେବେ ପୂର୍ବରୁ ମଧ୍ୟ ସମୟ ଦିଆଯାଇଥିବାରୁ ଏଥର ଲିଖିତ ପ୍ରତିଶ୍ରୁତି ଦେବାକୁ ସେମାନେ ଅଡ଼ି ବସିଛନ୍ତି। ବକେୟା ଦରମା ପ୍ରଦାନ ସହ ପ୍ରତି ମାସରେ ନିୟମିତ ଦରମା ଦେବାକୁ ଲିଖିତ ଭାବେ ନିଶ୍ଚିତ କରାଗଲେ ଆନ୍ଦୋଳନରୁ ଓହରିବେ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଆବିରାମ କେୟାରଟେକିଂର ଏରିଆ ମ୍ୟାନେଜର ତପନ କୁମାର ଭୋତ୍ରା କହିଛନ୍ତି, ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ କର୍ମଚାରୀଙ୍କ ସମସ୍ତ ଦରମା କ୍ଲିୟର୍? ରହିଛି। ଅଗଷ୍ଟ ମାସର ଦରମା ପ୍ରକ୍ରିୟାରେ ଥିବାରୁ ତାହା ଶୀଘ୍ର ପ୍ରଦାନ କରାଯିବ। ପ୍ରତି ମାସରେ ନିୟମିତ ଦରମା ପ୍ରଦାନ ନେଇ କର୍ମଚାରୀଙ୍କ ଦାବିକୁ ଏଜେନ୍ସି ସହମତି ଦେଇଥିବା ସେ କହିଛନ୍ତି। ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରର ଏଡିଏମ୍‌ଓ ସୁକାନ୍ତ ସତପଥୀ କହିଛନ୍ତି, ସଫେଇ କର୍ମଚାରୀମାନେ ଆଉଟସୋର୍ସିଂ ଏଜେନ୍ସି ମାଧ୍ୟମରେ ନିୟୋଜିତ ହୋଇଛନ୍ତି। ଦରମା ପ୍ରଦାନକୁ ନେଇ ସମସ୍ୟା ହୋଇଥିବାରୁ ସେମାନେ ଆନ୍ଦୋଳନ କରୁଛନ୍ତି। ଏ ସମ୍ପର୍କରେ ଏଜେନ୍ସି ସହ ଆଲୋଚନା ଚାଲିଥିବା ବେଳେ ତୁରନ୍ତ ସମସ୍ୟା ସମାଧାନ କରି କର୍ମଚାରୀଙ୍କୁ କାମରେ ଯୋଗଦେବାକୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ଏଡିଏମ୍?ଓଙ୍କ ସୂଚନା ଅନୁଯାୟୀ, ସଫେଇ କାର୍ଯ୍ୟର ନିର୍ଦ୍ଧାରିତ ମାନଦଣ୍ଡ ପୂରଣରେ ଏଜେନ୍ସି ପକ୍ଷରୁ କିଛି ଅଭାବ ରହିଥିବାରୁ ପୂର୍ବରୁ ଏକାଧିକ ଥର ନୋଟିସ୍? ଦିଆଯାଇଛି। ମାନଦଣ୍ଡ ପୂରଣ ନହେବା କାରଣରୁ ଏଜେନ୍ସିର ପେମେଣ୍ଟରୁ କିଛି ଅର୍ଥ ଡିଡକ୍ସନ୍? କରାଯାଇଥିବା ସେ କହିଛନ୍ତି। ଏହି ଏଜେନ୍ସିର କାର୍ଯ୍ୟ ଅବଧି ଶେଷ ହୋଇଥିବାରୁ ନୂଆ ଟେଣ୍ଡର ମାଧ୍ୟମରେ ନୂଆ ଏଜେନ୍ସି ଚୟନ ପ୍ରକ୍ରିୟା ଚାଲିଥିବା ମଧ୍ୟ ସେ ସୂଚନା ଦେଇଛନ୍ତି। ତେବେ ଦରମା ସମସ୍ୟାର ତୁରନ୍ତ ସମାଧାନ ସହ ହସ୍ପିଟାଲର ସଫେଇ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ଏବେ ପ୍ରମୁଖ ଚ୍ୟାଲେଞ୍ଜ ହୋଇଛି। ଦୀର୍ଘ ସମୟ ଧରି ସଫେଇ କାର୍ଯ୍ୟ ବନ୍ଦ ରହିଲେ ରୋଗୀ ଓ ସମ୍ପର୍କୀୟଙ୍କ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଏହି କାର୍ଯ୍ୟକ୍ରମରେ ମରିୟମ ଗରଡ଼ା ସଭାପତି, ନମିତା ନାଗ ସମ୍ପାଦକ, ସାବିତ୍ରୀ ବାରା, ସୁନେଲି ନନ୍ଦ, କନକ ହରିଜନ, ଚନ୍ଦ୍ରା ହରିଜନ, ଜୟନ୍ତୀ ହରିଜନ ମନୀଷା ଭତ୍ରାଏବଂ ବହୁ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ

## ବାମନ ଜୟନ୍ତୀ ପାଳିତ

ବଲାଙ୍ଗିର,୨୩।୯ :(ମନ୍ଥନ)ଶ୍ରୀନୃସିଂହ ମନ୍ଦିର ବଲାଙ୍ଗିର ପ୍ରାଙ୍ଗଣେ ଜିଲ୍ଲା ବ୍ରାହ୍ମଣ ମହାସଭା, ବଲାଙ୍ଗିର ଦ୍ୱାରା ଭଗବାନ ବାମନଙ୍କ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଜୟ ବିହାରୀ ବେଦବାକ ସପତ୍ନୀକଙ୍କ କର୍ତ୍ତାକର୍ତ୍ତୀତ୍ୱ ରେ ତଥା ପଣ୍ଡିତ ଲକ୍ଷ୍ମୀପ୍ରସାଦ ଋଦ୍ର ଏବଂ ବ୍ରହ୍ମଶ୍ରୀ ଗିରିଧାରୀ ଶତପଥୀଙ୍କ ପୂଜାକାର୍ଯ୍ୟ ସମହିତ ଏହି ଜନ୍ମୋତ୍ସବରେ ମହାସଭାର ସଂପାଦକ ଶ୍ୟାମ ସୁନ୍ଦର ଦାଶ, ଶ୍ରୀମଦ୍ ଭାଗବତ ମହାପୁରାଣ ଅଷ୍ଟମ ସ୍କନ୍ଦ ଅଷ୍ଟାଦଶ ଅଧ୍ୟାୟ ବାମନ ଜନ୍ମ ଉପାଖ୍ୟାନ ପଠନ କରିଥିବା ବେଳେ ବିଶିଷ୍ଟ ଉପଦେଷ୍ଟା ଅଧ୍ୟାପକ ସତ୍ୟବନ୍ତ ବେଦାକ, ଗୋପବନ୍ଧୁ ପୁରୋହିତ, ଉପସଭାପତି ବିଶ୍ୱନାଥ ମିଶ୍ର, କୋଷାଧ୍ୟକ୍ଷ ପଂଚାନନ ବେଦବାକ, କାର୍ଯ୍ୟକାରୀ ସଭ୍ୟ କବିରାଜ ହୋତା, ଅଶୋକ ମିଶ୍ର, ଜଗନ୍ନାଥ ଷଡଙ୍ଗୀ, ସରୋଜ କୁମାର ବେହେରା, ଗୀତାଞ୍ଜଳି ବେହେରା, ଗୋବିନ୍ଦ ଚନ୍ଦ୍ର ମିଶ୍ର, ରମେଶ ଚନ୍ଦ୍ର ନାଥ, ପୁରୁଷୋତ୍ତମ ପଣ୍ଡା, ଡ. ଗୋପାଳକୃଷ୍ଣ ମିଶ୍ର, ବିରଂଚି ନାରାୟଣ ତ୍ରିପାଠି, ଗୋବର୍ଦ୍ଧନ ଶତପଥୀ, ସାଧନା ପଣ୍ଡା, ଲଳିତା ଦାଶ, ଯୁଧିଷ୍ଠିର ପଣ୍ଡା, ପ୍ରଦୀପ ଖମାରୀ, ଆଶୁତୋଷ ମିଶ୍ର, ରାମଶଙ୍କର ଶତପଥୀ, ରାଜ କିଶୋର ଦାଶ ପ୍ରମୁଖ ଅନେକ ସଦସ୍ୟ ଭାଗବତ ପଠନରେ ଯୋଗଦାନ କରିଥିଲେ। ପରିଶେଷରେ କର୍ତ୍ତାକର୍ତ୍ତୀଙ୍କ ଦ୍ୱାରା ଘୃତାହୁତି ଯଜ୍ଞ ସମ୍ପନ୍ନ ହେବା ସହ ସମବେତ ଆରତୀ ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ଉତ୍ସବ ସମାପନ ହେଲା ତା.୨୬.୦୯.୨୦୨୬ ଘ.୬ ସମୟରେ ଶ୍ରୀନୃସିଂହ ବନ୍ଧଘାଟରେ ପ୍ରସ୍ତାବିତ ଗଙ୍ଗା ଆରତି ରେ ଯୋଗଦାନ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଗଲା।

## ପାନୀୟଜଳର ସମସ୍ୟା ଓ ଅନ୍ୟାନ୍ୟ ଗଠନମୂଳକ କାମ ନେଇ ଉନ୍ନୟନ ଓ ସୁରକ୍ଷା ମଞ୍ଚ ସୁଗୋ ଶାଖା ତରଫରୁ ସୁଗୋ ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ

ଜଳେଶ୍ୱର୨୩।୯ :(ମନ୍ଥନ) ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ଫାଣ୍ଡି ଅଧୀନ ସୁଗୋ ଗ୍ରା.ପ.ର ଗାଁମାନଙ୍କରେ ପାନୀୟ ଜଳ ଯୋଗାଣରେ ଅନେକ ସମୟରେ ଅଚ୍‌ଳାବସ୍ଥା ସମସ୍ୟା ଓ ଗଠନମୂଳକ କାମ ବିଷୟନେଇ ଆଜି ସରପଞ୍ଚଙ୍କ କାର୍ଯ୍ୟାଳୟରେଉନ୍ନୟନ ଓ ସୁରକ୍ଷା ମଞ୍ଚ, ସୁଗୋ ଶାଖା ତରଫରୁ ନେତୃତ୍ୱ ମାନେ ସରପଞ୍ଚଙ୍କୁ ଜଣାଇବା ସହିତ ବିଭାଗୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ୪ ଦଫାସମ୍ବଳିତ ଦାବୀପତ୍ର ପ୍ରଦାନ କରିଛନ୍ତି। ଦାବୀ ପତ୍ରକୁ ଗ୍ରହଣ କରି ସରପଞ୍ଚ ଜୟନ୍ତୀ ପରିଡ଼ା ପ୍ରତିକ୍ରିୟା ରଖିଛନ୍ତି କି ପଞ୍ଚାୟତକୁ ଆସୁଥିବା ମୋଟ ପାଣ୍ଠିର ୩୦% ଅର୍ଥ ପାନୀୟ ଜଳପାଇଁ, ବିଦ୍ୟୁତ୍ ବିଲ ଦେବାର ସରକାରୀ ନିର୍ଦ୍ଦେଶନାମା ରହୁଛି। ମାତ୍ର ପଞ୍ଚାୟତରେ ପାନୀୟ ଜଳ ପାଇଁ ବିଦ୍ୟୁତ୍ ବାବଦରେ ଦେୟ ୩୦%ରୁ ଅଧିକ ହେଉଥିବାରୁ ଅତିରିକ୍ତ ଦେୟର ବ୍ୟବସ୍ଥା ଗତ ଅସୁବିଧା ସୃଷ୍ଟି ହେବାରେ ସମସ୍ୟା ହେବା ସ୍ୱରୂପ ରାସ୍ତା, ଘାଟ, ପୋଲ ପ୍ରମୁଖ ଉନ୍ନୟନମୂଳକ କାମକୁ କରିବାରେ ପ୍ରଭାବିତ କରିବା ହେବ। ପଞ୍ଚାୟତକୁ ଆସିଥିବା ଅର୍ଥ ସହ ସ୍ୱତନ୍ତ୍ର ବିଧାୟକ ଓ ଚେୟାରମ୍ୟାନ ପାଣ୍ଠିରୁ ଆଣିଥିବା ଅର୍ଥକୁ ବିଭିନ୍ନ କ୍ଷେତ୍ରରେ କରିଥିବା ଖର୍ଚ୍ଚକୁ ଉପସ୍ଥାପନା କରିଥିଲେ। ପ୍ରକାଶ ଥାଉକି,ଡ଼ବଲ ଇଞ୍ଜିନ୍ ବି.ଜେ.ପି. ସରକାର ସବୁ ଲୋକଙ୍କ ଘରକୁ ମାଗଣା ପାନୀୟଜଳ ଯୋଗାଇବା,ମାଗଣା ବିଜୁଳି ପ୍ରଭୃତି ଦେବାରପ୍ରତିଶୃତି ଓ ପ୍ରଚାର କରି ସାଧାରଣ ଲୋକଙ୍କୁ ଭ୍ରମିତ କରୁଛି। ଯାହାର ବାସ୍ତବତାକୁ ସରପଞ୍ଚ ଦର୍ଶାଇଥିବା ସହିତ ସୁଗୋ କାମାନପଦା ଆଦିବାସୀ ସାହି ଓ କାଶୀଡ଼ିହା ଠାରେ ୨ଟି ନୂଆ ବସୁଧା ପ୍ରକଳ୍ପ ଯଥାଶୀଘ୍ର ଆରମ୍ଭ ହେବ ବୋଲିପ୍ରକାଶ କରିଥିଲେ। ସମସ୍ତ ଘରକୁ ପାଣିଯୋଗାଇଦେବା ସହ ବାକିଥିବା ଧାନସିମୁଳିଆ, ଭୁରୁକୁଣ୍ଡା, କାଶିଡିହା ଓ ବାଣିଦା ସ୍କୁଲ ସମ୍ମୁଖଆଦିବାସୀ ପଡ଼ାକୁ ଯଥାଶୀଘ୍ର ପାଇପ୍ ବିଚ୍ଛାଣି ପାଇଁ ନେତୃତ୍ୱ ମାନେ ଦାବୀ ରଖିବା ଉପରେ ସରପଞ୍ଚ ଏହି କାମକୁ ଗୁରୁତ୍ୱ ଦେଇ ସର୍ବୋଚ୍ଚ ଚେଷ୍ଟା କରିବା ସହିତ ଉଚ୍ଚ ପଦାଧିକାରୀଙ୍କ ଯୋଗାଯୋଗ କରିବେ ବୋଲି ଉତ୍ତରରଖିଥିଲେ। ଅନ୍ୟପକ୍ଷରେ ସରକାରଙ୍କର ୩୦୦ ୟୁନିଟ୍ ବିଜୁଳି ଛାଡ଼, ଚାଷୀଙ୍କଠାରୁ ସମସ୍ତ ଧାନ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କାରେ କିଣିବା, ସମସ୍ତଙ୍କୁ ୩ ହଜାରଟଙ୍କା ଭତ୍ତା (ବାର୍ଦ୍ଧକ୍ୟ ବିଧବା ଓ ବିକଳାଙ୍ଗ)ଦେବା,ନିଯୁକ୍ତି ଆଦି ପୁଳା ପୁଳା ପ୍ରତିଶୃତିର କାର୍ଯ୍ୟକାରିତା ଓ ବ୍ୟବସ୍ଥାଗତ ସମସ୍ୟାର ସମାଧାନ ନ ହେଲେ ଜନ ଆନ୍ଦୋଳନ ହେବ ବୋଲି ନେତୃତ୍ୱ ମାନେ ଚେତାବନୀ ଦେଇଛନ୍ତି। ଦାବୀପତ୍ର ପ୍ରଦାନ ସମୟରେ ମଞ୍ଚର ନେତୃତ୍ୱ ପ୍ରତିନିଧି ପଲଟୁ ଦାସ, ସମାଜସେବୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧିର କୁମାର ଜେନା, ଶଶାଙ୍କ ଜେନା,ବିନୟ ମହାନ୍ତି, ସୁରଞ୍ଜନ ଆଚାର୍ଯ୍ୟ, ଶ୍ରୀକାନ୍ତଦାସ, ମଦନ ମାହାଳି, ପରମେଶ୍ୱର ପଲାଇ,ଅଜିତ୍ ଦାସ, କୁନା ଟୁଡୁ,ରୁହ୍ୟା ଟୁଡୁ, ଗଣେଶ ଜେନା, କରୁଣାକରଦାସ, ସବିତା ଭୂୟାଁ ପ୍ରମୁଖ ପ୍ରମୁଖ ଉପସ୍ଥିତଥିଲେ।

## ଘଞ୍ଚ ଜଙ୍ଗଲ ମଧ୍ୟରୁ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ମୋରଡ଼ା,୨୩।୯ :(ମନ୍ଥନ) ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ମଣ୍ଡା ଜଙ୍ଗଲ ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ମଣ୍ଡା ଗ୍ରାମର ପାର୍ବଣ ହେମ୍ବ୍ରମ ବୋଲି ଜଣାପଡିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ପରିବାର ଲୋକଙ୍କ ସୂଚନା ଅନୁସାରେ, ପାର୍ବଣ ହେମ୍ବ୍ରମ ଗତକାଲି ସନ୍ଧ୍ୟା ସମୟରୁ ଘରକୁ ଫେରି ନଥିଲେ। ଗତକାଲି ସନ୍ଧ୍ୟାରେ ସେହି ଗ୍ରାମର ସୁମିତା ଟୁଡୁ ନାମକ ଜଣେ ମହିଳା ପାର୍ବଣଙ୍କ ମୋବାଇଲ ଫୋନ୍ ତାଙ୍କ ସ୍ତ୍ରୀଙ୍କୁ ଦେଇଥିଲେ ଏବଂ କହିଥିଲେ ଯେ ସେ ରାସ୍ତାରେ ଆସୁଛନ୍ତି। କିନ୍ତୁ ରାତି ସାରା ପରିବାର ଲୋକେ ବହୁ



ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନଥିଲା। ଆଜି ସକାଳେ କିଛି ଲୋକ ମଣ୍ଡା ଜଙ୍ଗଲ ମଧ୍ୟକୁ ଯାଇଥିବା ବେଳେ ପାର୍ବଣଙ୍କ ମୃତଦେହ ପଡିଥିବାର ଦେଖି ପରିବାର ଲୋକ ଓ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଶୁଳିଆପଦା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛନ୍ତି। ତାଙ୍କ ସାଇକେଲ, ଓ ଚପଲ ଏଣେତେଣେ ପଡ଼ିଛି ମମୃତକ ବାନ୍ତି କରିଥିବା ଓ ମୁହଁ ଗାମୁଛରେ ଧଙ୍କା ହୋଇଥିଲା। ପରିବାର ଲୋକେ ଏହାକୁ ପରିକଳ୍ପିତ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ତେବେ ପୋଲିସ ପକ୍ଷରୁ କୁହାଯାଇଛି ଯେ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ବର୍ତ୍ତମାନ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଏହି ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆଣି ଦୋଷୀକୁ କଠୋର ଦଣ୍ଡ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୫ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦ୍ରାପଡ଼ା,୨୩।୯ :(ମନ୍ଥନ)ଏକ ନାବାଳିକା ଗଣଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ପ୍ରଜ୍ଞା ପାରମିତା ରାଉଳ ଦୋଷୀକୁ ୨୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଆଉ ଏକ ବର୍ଷ ଅତିରିକ୍ତ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡିତ ଅଭିଯୁକ୍ତ ଜଣକ ହେଉଛନ୍ତି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସାଂକୁପା ଗ୍ରାମର ଗୌରାଙ୍ଗ ସେଠୀ(୫୮)। ଘଟଣାର ବିବରଣୀ ଅନୁଯାୟୀ୨୦୨୩ ମସିହାରେ ନାବାଳିକା ଜଣକ ଗ୍ରାମ ନିକଟସ୍ଥ ବଜାରରୁ ଘରକୁ ଫେରୁଥିବା ବେଳେ ନାବାଳିକାଙ୍କୁ ବାଟରେ ଅଟକାଇ ଅଭିଯୁକ୍ତମାନେ ଘରକୁ ଡାକି ନେଇ ମୁହଁ ବନ୍ଦ କରି ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଥିଲେ ଏବଂ କାହାକୁ କହିଲେ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଉକ୍ତ ଘଟଣାରେ ନାବାଳିକା ଜଣକ ଘଟଣାର ପ୍ରାୟ ୬ ମାସ ପରେ ଅସୁସ୍ଥ ହୋଇପଡିଥିଲେ। ପିଡିତାଙ୍କୁ ଡାକ୍ତରଖାନାରେ ପରୀକ୍ଷା କରାଇବା ପରେ ସେ ୬ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏହାପରେ ପରିବାର ପକ୍ଷରୁ ୨୦୨୩ ମସିହା ସେପ୍ଟେମ୍ବର ୯ ତାରିଖରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ସେହି ଅଭିଯୋଗକୁ ଭିତ୍ତି କରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ କେସ୍ ନଂ ୪୮୧/୨୦୨୩ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ କୋର୍ଟରେ ଅଭିଯୋଗଫର୍ଦ୍ଦ ଦାଖଲ କରିବା ପରେ ମକଦ୍ଦମାର ବିଚାର ଆରମ୍ଭ ହୋଇଥିଲା। ସେହି ମକଦ୍ଦମାର ବିଚାର ସମୟରେ କୋର୍ଟ ୧୭ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ପୋକ୍ସୋ ଆକ୍ଟର ଧାରା ୬ ଅଧିନରେ ଅଭିଯୁକ୍ତ ଗୌରାଙ୍ଗ ସେଠୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨୫ ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମାମଲାର ଅନ୍ୟ ଦୁଇ ଅଭିଯୁକ୍ତଙ୍କ ନାମରେ ମକଦ୍ଦମା ବିଚାରାଧୀନ ରହିଛି। ସେହି ଦୁଇଜଣ ଫେରାର ଥିବା ଦର୍ଶାଯାଇଛି। ପୀଡ଼ିତାଙ୍କ ମାନସିକ ଆଘାତକୁ ଦୃଷ୍ଟିରେ ରଖି ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନେହେରୁ କୁମାର ସାହୁ ଏହି ମାମଲାଟି କୋର୍ଟରେ ସରକାରଙ୍କ ପକ୍ଷରୁ ପରିଚାଳନା କରୁଥିଲେ।

## ବିଜେପି ଜିଲ୍ଲା ଆଇଟି ସେଲ୍ ସଂଯୋଜକ ଭାବେ ଶିପନ୍ ଦେହୁରୀ ନିଯୁକ୍ତି

ଅନୁଗୋଳ, ୨୩।୯ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତେଣ୍ଟୁଲୋଇ-କୋଡ଼ାସାହି ଗ୍ରାମ ପଞ୍ଚାୟତର ତେଣ୍ଟୁଲୋଇ ଗ୍ରାମର ଶିପନ୍ ଦେହୁରୀ (ସିପୁ)ଙ୍କୁ ଅନୁଗୋଳ ଜିଲ୍ଲା ଭାରତୀୟ ଜନତା ପାର୍ଟିର ଜିଲ୍ଲା ଆଇଟି ସେଲ୍ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି।



ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକଙ୍କ ସୁପାରିସ କ୍ରମେ ରାଜ୍ୟ ଆଇଟି ସେଲ୍ ସଂଯୋଜକ ଜ୍ୟୋତି ରଞ୍ଜନ ନାୟକଙ୍କ ଦ୍ୱାରା ତାଙ୍କ ନିଯୁକ୍ତି ପ୍ରସ୍ତାବ ଦିଆଯାଇଥିବା ବେଳେ, ଏହାକୁ ରାଜ୍ୟ ସଭାପତି ମନମୋହନ ସାମଲ ଅନୁମୋଦନ କରିଛନ୍ତି। ଏହି ନୂତନ ଦାୟିତ୍ୱ ପାଇଁ ଶିପନ୍ ଦେହୁରୀ ଙ୍କୁ ବିଜେପି ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି । ଜିଲ୍ଲା ଆଇଟି ସେଲ କାର୍ଯ୍ୟ ତାଙ୍କ ନେତୃତ୍ୱ ରେ ଆଗକୁ ବଢ଼ିବ ବୋଲି ଆଶା ପ୍ରକଟ କରାଯାଇଛି ।

## ପିପିଲି ବିଧାୟକଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର ଓ ମେଧାବୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ

ପିପିଲି,୨୩।୯ :(ମନ୍ଥନ) ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ର ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଶୁଭ ଜନ୍ମଦିନ ମଙ୍ଗଳବାର ଦିନ ଡେଇଶିପୁର ନିକଟସ୍ଥ ରାଞ୍ଚ ହୋଟେଲରେ ପାଳନ କରାଯାଇଛି । ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ସ୍ୱେଚ୍ଛାକୃତ ୧୨୮ଜଣ ରକ୍ତଦାନ କରିଥିଲେ । ଶୁଭ ଜନ୍ମଦିନ ଉପଲକ୍ଷେ ଡେଲାଙ୍ଗ ପିପିଲି ବ୍ଲକ ର ୧୧୧ ଜଣ ମେଧାବୀ ଛାତ୍ର ଛାତ୍ରୀଙ୍କୁ ବିଧାୟକ ମାନପତ୍ର ସହିତ ପୁରସ୍କାର ବିତରଣ କରିଥିଲେ । ଜନ୍ମଦିନ ଅବସରରେ ବିଧାୟକ ଙ୍କୁ ପିପିଲି ବିଡିଓ ସରୋଜ କୁମାର ରାଉତ, ଡେଲାଙ୍ଗ ବିଡ଼ିଓ ସମୀର କୁମାର ବେହେରା, ପିପିଲି ଏସିଡ଼ିପିଓ ଦେବାଶିଷ ମିଶ୍ର, ପିପିଲି ଥାନା ଅଧିକାରୀ ସୋମ୍ୟାନ୍ଦୁ ଶେଖର ତ୍ରିପାଠୀ, ଡେଲାଙ୍ଗ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ, ସହ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ,ବିଜେପି ଦଳର କାର୍ଯ୍ୟକର୍ତ୍ତା, ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ , ସ୍ଥାନୀୟ ଜନସାଧାରଣ ଶୁଭେଚ୍ଛୁ ମାନେ ଫୁଲ ତୋଡ଼ା ଓ ଉତ୍ତରୀୟ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ରକ୍ତଦାନ ଶିବିର ରୁ ଭୁବନେଶ୍ୱରରେ ବିଏମସି ହସ୍ପିଟାଲ ଓ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା ।

## ଷ୍ଟେଟବ୍ୟାଙ୍କର ଶ୍ରେଷ୍ଠ ଗ୍ରାହକ ଭାବେ ସମ୍ବର୍ଦ୍ଧିତ ହେଲେ ସମୀର

କେନ୍ଦ୍ରାପଡ଼ା,୨୩।୯ :(ମନ୍ଥନ) :ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କୁ ଶ୍ରେଷ୍ଠ ଗ୍ରାହକ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଚାନ୍ଦଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା




ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ରମାକାନ୍ତ ମାଝୀ ଯୋଗଦେଇ ଷ୍ଟେଟବ୍ୟାଙ୍କର ଶ୍ରେଷ୍ଠ ଗ୍ରାହକ ଶ୍ରୀ ଚାନ୍ଦଙ୍କ ବ୍ୟବସାୟୀକ ବୁଦ୍ଧିମତା, ଉତ୍ତମ ବ୍ୟବହାର ଓ ସମାଜସେବା କ୍ଷେତ୍ରରେ ତାଙ୍କ ଅବଦାନ ସମ୍ପର୍କରେ ବିଷଦ ଭାବେ ବର୍ଣ୍ଣନା କରିଥିଲେ। ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ମୁଖ୍ୟ ପରିଚାଳକ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟ ଯୋଗଦେଇ ଶ୍ରୀ ଚାନ୍ଦଙ୍କ ବ୍ୟବସାୟିକ କଳାକୌଶଳ, ଶତାଧିକ କର୍ମଚାରୀଙ୍କୁ ଗୋଟିଏ ସୁତ୍ରରେ ବାନ୍ଧି ରଖିବା ଏବଂ ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ ଯୋଗୁଁ ଦିନକୁ ଦିନ ତାଙ୍କ ବ୍ୟବସାୟର ଅଭିବୃଦ୍ଧି ହୋଇଚାଲିଥିବା କହିଥିଲେ। ସବୁ ଦୃଷ୍ଟିରୁ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ଜଣେ ଶ୍ରେଷ୍ଠ ଗ୍ରାହକ ଭାବରେ ଶ୍ରୀ ଚାନ୍ଦଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ୟାଙ୍କର ପ୍ରତିନିଧି ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଗୁରୁବାର ୨୪ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର
Thursday September 24 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼,
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଓଡିଶାର କଳା

ଭାରତବର୍ଷର ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ହସ୍ତଶିଳ୍ପ ମଧ୍ୟରେ ବା ତନ୍ତବୁଣା ଶିଳ୍ପ ଏକ ଅନନ୍ୟ ସ୍ଥାନ ଅଧିକାର କରି ରହିଛି, ଯାହାକି କେବଳ ପୋଷାକ ପରିଧାନର ଏକ ମାଧ୍ୟମ ନୁହେଁ, ବରଂ ଏହା ଦେଶର କୋଟି କୋଟି କାରିଗର, ତନ୍ତୀ ଏବଂ ବୁଣାକାରମାନଙ୍କର ଜୀବିକା, ସୃଜନଶୀଳତା ଏବଂ ଆତ୍ମସମ୍ମାନର ପ୍ରତୀକ ଅଟେ । ୧୯୦୫ ମସିହାରେ କଲିକତା ସହରର ଟାଉନ୍ ହଲରେ ବ୍ରିଟିଶ ଶାସନ ବିରୋଧରେ ଏବଂ ଦେଶୀୟ ଶିଳ୍ପ ଓ ବସ୍ତ୍ରକୁ ପ୍ରୋତ୍ସାହିତ କରିବା ପାଇଁ 'ସ୍ୱଦେଶୀ ଆନ୍ଦୋଳନ'ର ବିଧିବଦ୍ଧ ଶୁଭାରମ୍ଭ ହୋଇଥିଲା । ସେହି ଐତିହାସିକ ଦିନଟିର ସ୍ମୃତିକୁ ସବୁବେଳେ ଜୀବନ୍ତ ରଖିବା ପାଇଁ ଏବଂ ଦେଶର ତନ୍ତବୁଣା ସମ୍ପଦକୁ ବିଶ୍ୱସ୍ତରରେ ଆଗକୁ ଆଣିବା ନିମନ୍ତେ ଭାରତ ସରକାର ୨୦୧୫ ମସିହାରୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ଘୋଷଣା କରିଥିଲେ । ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସାଧାରଣ ଜନତାଙ୍କ ହସ୍ତତନ୍ତର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବା, ଗ୍ରାମାଂଚଳର ବୁଣାକାରମାନଙ୍କୁ ଆର୍ଥିକ ଏବଂ ସାମାଜିକ ଭାବେ ସଶକ୍ତ କରିବା ଏବଂ ଆମର ପ୍ରାଚୀନ ହସ୍ତକଳାକୁ ସୁରକ୍ଷା ଯୋଗାଇବା । ବିଶେଷ କରି ଓଡିଶା ପରି ଏକ କଳା ଓ ସଂସ୍କୃତି ସମ୍ପନ୍ନ ରାଜ୍ୟ ପାଇଁ ଏହି ଦିବସର ମହତ୍ତ୍ୱ ଅତ୍ୟନ୍ତ ଗଭୀର ଓ ବ୍ୟାପକ ଅଟେ, କାରଣ ଓଡିଶାର ତନ୍ତବୁଣା କଳା କେବଳ ଦେଶ ଭିତରେ ନୁହେଁ, ବରଂ ଆନ୍ତର୍ଜାତୀୟ ବଜାରରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଓଡିଶାର ପାରମ୍ପରିକ ହସ୍ତତନ୍ତ ଶିଳ୍ପ ଯେପରିକି ସମ୍ବଲପୁରୀ ବାନ୍ଧ, ବାମଡା, ଖଣ୍ଡୁଆ ପାଟ, ବ୍ରହ୍ମପୁରୀ ପାଟ, କୋଟପାଡ ଶାଢୀ ଏବଂ ନୂଆପାଟଣା କଟକୀ ଶାଢୀ ଆଜି ମଧ୍ୟ ବିଶ୍ୱର ଚାହିଦାକୁ ନିଜର ନିଖୁଣ କାରୁକାର୍ଯ୍ୟ ଏବଂ ପ୍ରାକୃତିକ ରଙ୍ଗର ବ୍ୟବହାର ଦ୍ୱାରା ପ୍ରଭାବିତ କରିଆସୁଛି । ଏହି ସମସ୍ତ ବସ୍ତୁଗୁଡିକ ନିର୍ମାଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ପରିବେଶ ଅନୁକୂଳ ଅଟେ, ଯେଉଁଥିରେ ଅଧିକ ବିଦ୍ୟୁତ୍ ଶକ୍ତି କିମ୍ବା ଯନ୍ତ୍ରପାତିର ଆବଶ୍ୟକତା ପଡେ ନାହିଁ ଏବଂ ପ୍ରକୃତିର କୋଳରେ ରହି ବୁଣାକାରମାନେ ସେମାନଙ୍କର ହାତର ଯାଦୁ ଦ୍ୱାରା ସୂତାକୁ ଅଦ୍ଭୁତ କଳାକୃତିରେ ପରିଣତ କରନ୍ତି । ବର୍ତ୍ତମାନର ସମୟରେ ଯେତେବେଳେ ସମଗ୍ର ବିଶ୍ୱ ଦ୍ରୁତଗତିରେ ପରିବର୍ତ୍ତିତ ଫ୍ୟାଶନ ଏବଂ ମେସିନ୍ ଦ୍ୱାରା ପ୍ରସ୍ତୁତ କୃତ୍ରିମ ପୋଷାକ ଆଡକୁ ଆକର୍ଷିତ ହେଉଛି, ସେତେବେଳେ ହସ୍ତତନ୍ତ ଶିଳ୍ପ କିଛି ଗମ୍ଭୀର ଆହ୍ୱାନର ସମ୍ମୁଖୀନ ହେଉଛି । ଆଜିର ବଜାରରେ ଶସ୍ତା ପାୱାରଲୁମ୍ (ପାୱାର ଲୁମ୍ ବା ଯନ୍ତ୍ରପାତି ତନ୍ତ) ସାମଗ୍ରୀଗୁଡିକ ପ୍ରତିଯୋଗିତାରେ ଆସି ହସ୍ତତନ୍ତର ପ୍ରକୃତ ମୂଲ୍ୟକୁ କମାଇ ଦେଉଛନ୍ତି, ଯାହାଫଳରେ ଅନେକ ଗରିବ ବୁଣାକାର ସଠିକ୍ ପାରିଶ୍ରମିକ ନପାଇ ଏହି ପାରମ୍ପରିକ ବୃତିରୁ ମୁହଁ ଫେରାଇ ନେବାକୁ ବାଧ୍ୟ ହେଉଛନ୍ତି । ସୂତା, ରଙ୍ଗ ଏବଂ ଅନ୍ୟାନ୍ୟ କଂଚାମାଲର ଦରବୃଦ୍ଧି ବୁଣାକାରମାନଙ୍କ ପାଇଁ ଏକ ବଡ ଆର୍ଥିକ ବୋଝ ପାଲଟିଛି ଏବଂ ନୂତନ ପିଢିର ଲୋକମାନେ ଉଚ୍ଚ ରୋଜଗାର ଏବଂ ସହଜ ଜୀବନଶୈଳୀରେ ଆଶାରେ ଏହି ପାରମ୍ପରିକ କଳାରୁ ଦୂରେଇ ଯାଉଛନ୍ତି । ତଥାପି, ଏହି ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ହସ୍ତତନ୍ତର ଭବିଷ୍ୟତ ଅତି ଉଜ୍ଜ୍ୱଳ ଏବଂ ପ୍ରତିଶ୍ରୁତିବଦ୍ଧ ରହିଛି, ଯଦି ସମୟୋଚିତ ପଦକ୍ଷେପ ଏବଂ ସଚେତନତା ଗ୍ରହଣ କରାଯାଏ । ଭାରତ ସରକାର ଏବଂ ଓଡିଶା ସରକାରଙ୍କ ଦ୍ୱାରା ବୁଣାକାରମାନଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା ଯେପରିକି 'ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ', 'ମୁଦ୍ରା ସୂତା ଯୋଗାଣ ଯୋଜନା' ଏବଂ 'ବୁଣାକାର କ୍ରେଡିଟ୍ କାର୍ଡ' ଆଦି କାର୍ଯ୍ୟକାରୀ କରାଯାଉଛି, ଯାହାଦ୍ୱାରା ସେମାନଙ୍କୁ ସୁଲଭ ମୂଲ୍ୟରେ ସୂତା ଏବଂ ଆର୍ଥିକ ସହାୟତା ମିଳିପାରୁଛି । ବର୍ତ୍ତମାନର ଡିଜିଟାଲ୍ ଯୁଗରେ ଇ-କମର୍ସ ପ୍ଲାଟଫର୍ମ ଏବଂ ସୋସିଆଲ ମିଡିଆର ବ୍ୟାପକ ପ୍ରଚାର ଯୋଗୁଁ ଓଡିଶାର ତନ୍ତବୁଣା ଶାଢୀ ଓ ପୋଷାକଗୁଡିକ ବିଶ୍ୱର ଯେକୌଣସି କୋଣରୁ ଅତି ସହଜରେ କ୍ରୟ କରାଯାଇପାରୁଛି, ଯାହା ବୁଣାକାରମାନଙ୍କୁ ସିଧାସଳଖ ବଜାର ସହ ଯୋଡିବାରେ ସାହାଯ୍ୟ କରୁଛି । ଯୁବ ପିଢିର ଫ୍ୟାଶନ୍ ଡିଜାଇନରମାନେ ପାରମ୍ପରିକ ଓଡିଆ ବାନ୍ଧ କଳାକୁ ଆଧୁନିକ ପୋଷାକ ଶୈଳୀ ସହିତ ମିଶ୍ରଣ କରି ଏକ ନୂତନ ଧାରା ସୃଷ୍ଟି କରୁଛନ୍ତି, ଯାହାଫଳରେ ଆଜିର ଯୁବବର୍ଗ ମଧ୍ୟ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଗର୍ବ ଅନୁଭବ କରୁଛନ୍ତି । ମହିଳା ସଶକ୍ତିକରଣ ଦୃଷ୍ଟିରୁ ମଧ୍ୟ ହସ୍ତତନ୍ତ କ୍ଷେତ୍ରର ଅବଦାନ ଅତୁଳନୀୟ, କାରଣ ଏହି ଶିଳ୍ପରେ ଶତକଡା ପ୍ରାୟ ସତୁରୀ ଭାଗରୁ ଅଧିକ କର୍ମଚାରୀ ଓ କାରିଗର ମହିଳା ଅଟନ୍ତି, ଯାହା ଗ୍ରାମାଂଚଳର ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଆମକୁ ମନେ ରଖିବାକୁ ପଡିବ ଯେ ହସ୍ତତନ୍ତ କେବଳ କେତୋଟି ସୂତାର ସମାହାର ନୁହେଁ, ବରଂ ଏହା ଆମର ସଂସ୍କୃତି, ଇତିହାସ ଏବଂ ପରମ୍ପରାର ଏକ ଜୀବନ୍ତ ଦସ୍ତାବେଜ୍ ଅଟେ । ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ହେଉଛି 'ଭୋକାଲ ଫର ଲୋକାଲ୍' (ଠକ୍ଟ- ମବକ୍ଷ ଲକ୍ଟକ୍ସ ଖକ୍ଟମବକ୍ଷ) ମନ୍ତ୍ରକୁ ଆପଣାଇ ସ୍ୱଦେଶୀ ହସ୍ତତନ୍ତ ସାମଗ୍ରୀ କ୍ରୟ କରିବା ଏବଂ ଆମର ସେହି କଷ୍ଟସହିଷ୍ଣୁ ବୁଣାକାର ଭାଇଭଉଣୀମାନଙ୍କୁ ପ୍ରୋତ୍ସାହିତ କରିବା, ଯାହାଦ୍ୱାରା ସେମାନଙ୍କର ହାତର ଯାଦୁ ଓ କଳା ଅକ୍ଷୁର୍ଣ୍ଣ ରହିପାରିବ ଏବଂ ଆଗାମୀ ପିଢି ପାଇଁ ଏହି ଗୌରବମୟ ଧାରା ସୁରକ୍ଷିତ ହୋଇ ରହିପାରିବ । ଓଡିଶାର ହସ୍ତତନ୍ତ ପରମ୍ପରାର ଅଭିବୃଦ୍ଧି ପାଇଁ ସରକାରୀ ପ୍ରୋତ୍ସାହନ ସାଙ୍ଗକୁ ସାଧାରଣ ଜନତାଙ୍କ ସଚେତନତା ନିହାତି ଜରୁରୀ, କାରଣ ଏହା କେବଳ ଏକ ବ୍ୟବସାୟ ନୁହେଁ ବରଂ ଆମ ମାଟିର ସୁଗନ୍ଧ ଏବଂ ସଂସ୍କୃତିର ପ୍ରତିଫଳନ ଅଟେ । ଆଜିର ଦିନରେ ବିଦେଶୀ ବ୍ରାଣ୍ଡର ଅନୁକରଣ କରିବା ବଦଳରେ ନିଜ ରାଜ୍ୟର ସମ୍ବଲପୁରୀ, ବ୍ରହ୍ମପୁରୀ କିମ୍ବା ଖଣ୍ଡୁଆ ପାଟକୁ ଦୈନନ୍ଦିନ ପୋଷାକରେ ସ୍ଥାନ ଦେଲେ ବୁଣାକାରଙ୍କ ପରିବାର ମୁହଁରେ ହସ ଫୁଟିପାରିବ । ବିଶ୍ୱସ୍ତରୀୟ ଫ୍ୟାଶନ୍ ଜଗତରେ ଓଡିଆ ତନ୍ତର ଚାହିଦା ବୃଦ୍ଧି ପାଇଁ ଅଧିକରୁ ଅଧିକ ପ୍ରଦର୍ଶନୀ, ଫ୍ୟାଶନ୍ ଶୋ ଏବଂ ଅନ୍ତର୍ଜାତୀୟ ବଜାର ସଂଯୋଗର ଆବଶ୍ୟକତା ରହିଛି । ଯଦି ଆମେ ସମସ୍ତେ ମିଶି ସ୍ୱଦେଶୀ ହସ୍ତତନ୍ତ ବ୍ୟବହାର କରିବାର ପ୍ରତିଜ୍ଞା ନେବା, ତେବେ ଏହି ପାରମ୍ପରିକ ଶିଳ୍ପ ଆହୁରି ଅଧିକ ଗୌରବ ଅର୍ଜନ କରିବ । ଜାତୀୟ ହସ୍ତତନ୍ତ ଦିବସ କେବଳ ଏକ କ୍ୟାଲେଣ୍ଡରର ପର୍ବ ନୁହେଁ, ବରଂ ଏହା ଆମର ସାଂସ୍କୃତିକ ଗୌରବ, ଆତ୍ମନିର୍ଭରଶୀଳତା ଏବଂ ପ୍ରାଚୀନ ଐତିହ୍ୟ ପ୍ରତି ଆମର ଗଭୀର ନିଷ୍ଠା ଓ ପ୍ରତିବଦ୍ଧତାର ଏକ ମହାନ ପ୍ରତୀକ ଅଟେ, ଯାହା ଅତୀତର ସୁବର୍ଣ୍ଣ ଇତିହାସକୁ ବର୍ତ୍ତମାନର ବାସ୍ତବତା ସହ ଏବଂ ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନା ସହ ସୂତା ପରି ସୂକ୍ଷ୍ମ ଭାବରେ ବାନ୍ଧି ରଖିଥାଏ । ଓଡିଶାର ପବିତ୍ର ମାଟିରେ ଜନ୍ମ ନେଇଥିବା ସମ୍ବଲପୁରୀ, ବାମଡା, ଖଣ୍ଡୁଆ, ବ୍ରହ୍ମପୁରୀ ପାଟ ଏବଂ କୋଟପାଡ ଭଳି ଅମୂଲ୍ୟ ହସ୍ତତନ୍ତ କଳାକୃତିଗୁଡିକ କେବଳ କିଛି ସୂତାର କାରୁକାର୍ଯ୍ୟ ନୁହେଁ, ବରଂ ଏହା ହେଉଛି ଆମର ରାଜ୍ୟର ଅଗଣିତ ମୂକ ଓ ପରିଶ୍ରମୀ ବୁଣାକାରମାନଙ୍କର ଲୁହ, ଝାଳ, ସ୍ୱପ୍ନ ଏବଂ ସୃଜନଶୀଳତାର ଏକ ଜୀବନ୍ତ ଦସ୍ତାବେଜ୍, ଯେଉଁମାନେ ନିଜର ଆଙ୍ଗୁଠିର ଜାଦୁ ବଳରେ ତନ୍ତଶାଳାରେ ଇତିହାସ ରଚି ଚାଲିଛନ୍ତି । ବର୍ତ୍ତମାନର ଏହି ଅତ୍ୟାଧୁନିକ ମେସିନ୍ ଯୁଗରେ ଯେତେବେଳେ ଶସ୍ତା କୃତ୍ରିମ ବସ୍ତ୍ର ଏବଂ ପାୱାରଲୁମ୍ ସାମଗ୍ରୀଗୁଡିକ ବଜାରକୁ କବ୍ଜା କରିନେଇଛନ୍ତି, ସେତେବେଳେ ଆମର ଏହି ପାରମ୍ପରିକ ହସ୍ତତନ୍ତ ଶିଳ୍ପକୁ ବଂଚାଇ ରଖିବା ଏବଂ ଏହାର ଅସ୍ତିତ୍ୱକୁ ସୁରକ୍ଷାଦେବା ଆମ ସମସ୍ତଙ୍କର ଏକ ସାମୂହିକ ଏବଂ ନୈତିକ ଦାୟିତ୍ୱ ହୋଇପଡିଛି, ଯାହାକି କେବଳ ସରକାରୀ ଯୋଜନା କିମ୍ବା ଆର୍ଥିକ ସହାୟତା ଦ୍ୱାରା ସମ୍ଭବ ହୋଇନପାରେ, ବରଂ ଏଥିପାଇଁ ସାଧାରଣ ଜନତାଙ୍କ ମାନସିକତାରେ ଏକ ବଡ ପରିବର୍ତ୍ତନ ଆବଶ୍ୟକ ରହିଛି । ଯଦି ଆମେ ପ୍ରତ୍ୟେକ ଆମର ଦୈନନ୍ଦିନ ପୋଷାକ ପରିଧାନ ଏବଂ ବିଶେଷ ଉତ୍ସବ, ପର୍ବପର୍ବାଣୀ ଏବଂ ବିବାହ କାର୍ଯ୍ୟକ୍ରମରେ ବିଦେଶୀ କିମ୍ବା କୃତ୍ରିମ ବ୍ରାଣ୍ଡ ବଦଳରେ ଓଡିଶାର ମୌଳିକ ତନ୍ତବୁଣା ଶାଢୀ ଓ ପୋଷାକୁ ଗର୍ବର ସହ ଆପଣାଇବା, ତେବେ ଏହା ସେହି ଗରିବ ବୁଣାକାରମାନଙ୍କ ପରିବାରରେ ଆର୍ଥିକ ସ୍ୱଚ୍ଛଳତା ଆଣିଦେବା ସହିତ ସେମାନଙ୍କ ମୁହଁରେ ଏକ ପ୍ରକୃତ ହସ ଫୁଟାଇ ପାରିବ । ଆଜିର ଯୁବପିଢି ଏବଂ ପ୍ୟାଶନ୍ ଡିଜାଇନରମାନେ ଆଗାମୀ ଦିନରେ ଏହି ପାରମ୍ପରିକ କଳାକୁ ଆଧୁନିକ ଫ୍ୟାଶନ୍ ଧାରା ସହିତ ସଫଳ ଭାବରେ ସଂଯୋଗ କରି ବିଶ୍ୱସ୍ତରୀୟ ବଜାରରେ ଏକ ନୂତନ ବିପ୍ଳବ ସୃଷ୍ଟି କରିପାରିବେ, ଯାହା ଫଳରେ ଆମର ରାଜ୍ୟର କଳା ବିଦେଶୀ ମାଟିରେ ମଧ୍ୟ ଆଦରଲାଭ କରିବ । ଆସନ୍ତୁ, ଏହି ଜାତୀୟ ହସ୍ତତନ୍ତ ଦିବସର ପବିତ୍ର ଅବସରରେ ଆମେ ସମସ୍ତେ ଏକ ଦୃଢ ସଂକଳ୍ପ ନେବା ଯେ ଆମେ 'ଭୋକାଲ୍ ଫର ଲୋକାଲ୍' ମନ୍ତ୍ରକୁ କେବଳ ଏକ ସ୍ଲୋଗାନ ଭାବେ ସୀମିତ ନରଖି ନିଜ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିବା ଏବଂ ସ୍ୱଦେଶୀ ହସ୍ତତନ୍ତ ସାମଗ୍ରୀ କ୍ରୟ କରି ଆମର ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ତଥା ଅକ୍ଷୁର୍ଣ୍ଣ ରଖିବା, ଯାହାଦ୍ୱାରା ଆମର ବୁଣାକାର ଭାଇଭଉଣୀମାନଙ୍କର ହାତର ଏହି ଅପୂର୍ବ କଳାକୃତି ଆଗାମୀ ଅନେକ ଶତାବ୍ଦୀ ଧରି ଏହି ଧରାପୃଷ୍ଠରେ ନିଜର ଦୀପ୍ତିମୟୀ ପ୍ରଭାବ ବିସ୍ତାର କରିଚାଲିବ ଏବଂ ଆମର ଓଡିଆ ଜାତିର ସ୍ୱାଭିମାନକୁ ବିଶ୍ୱଦରବାରରେ ସବୁଦିନ ପାଇଁ ଉଚ୍ଚା ରଖିବ ।

# 'ସହଯୋଗ' : ଅନ୍ତ୍ୟୋଦୟର ଏକ ରୂପାୟନ

**ଡ. କୃଷ୍ଣଚନ୍ଦ୍ର ମହାପାତ୍ର ■**

କୌଣସି ଯୋଗ୍ୟ ପରିବାର ଯେପରି ବଞ୍ଚିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବା ଠାରୁ ଆରମ୍ଭ କରି ସହରାଞ୍ଚଳର ଗରିବ ସମୁଦାୟର ଜୀବନଧାରଣ, ବିକାଶ ଓ ସମୃଦ୍ଧିର ପୁନଃ ପରିକଳ୍ପନା ପର୍ଯ୍ୟନ୍ତ—'ସହଯୋଗ' ଓଡ଼ିଶାର ଅନ୍ୟତମ ରୂପାନ୍ତରଣକାରୀ ସହରୀ ସମାବେଶୀ ପଦକ୍ଷେପ ଭାବେ ଉଭା ହୋଇଛି । ସମାଜର ଶେଷ ନାଗରିକଙ୍କ ନିକଟରେ ପ୍ରଶାସନ ପହଞ୍ଚିଲେ ତାହା କିପରି ପ୍ରକୃତରେ ଫଳପ୍ରଦ ହୋଇପାରେ, ଏହା ତାହାର ଏକ ଜ୍ୱଳନ୍ତ ଉଦାହରଣ । ଏହି ଅଭିଯାନ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ କାଳଜୟୀ ଦର୍ଶନରୁ ପ୍ରେରଣା ଲାଭ କରିଛି, ଯାହାଙ୍କର 'ଏକାତ୍ମ ମାନବବାଦ' ଦର୍ଶନ 'ଅନ୍ତ୍ୟୋଦୟ'-ଅର୍ଥାତ୍ ଶେଷ ଧାଡ଼ିରେ ଠିଆ ହୋଇଥିବା ବ୍ୟକ୍ତିର ବିକାଶ—ପରି କଳ୍ପନାକୁ ସଦାସର୍ବଦା ଏକ ସାର ଗର୍ଭକ ରୂପ ଦେଇଥିଲା । ସେ ବିଶ୍ୱାସ କରୁଥିଲେ ଯେ ଶୀର୍ଷରେ ଥିବା ଲୋକଙ୍କ ସମୃଦ୍ଧି ପ୍ରଶାସନର ପ୍ରକୃତ ମାପକାଠି ନୁହେଁ, ବରଂ ଶେଷ ଧାଡ଼ିର ଶେଷ ସୀମାରେ ଛିଡ଼ା ହୋଇଥିବା ବ୍ୟକ୍ତିଙ୍କୁ ମିଳୁଥିବା ସମ୍ମାନ, ସୁରକ୍ଷା ଓ ସୁଯୋଗ ହିଁ ଏହାର ପ୍ରକୃତ ମାପକାଠି । ଏହି ଦର୍ଶନ ଆମର ସମାବେଶୀ ବିକାଶର ଦୂରଦୃଷ୍ଟିକୁ ନିରନ୍ତର ମାର୍ଗଦର୍ଶନ କରିଆସୁଛି, ଯେଉଁଥିରେ ପ୍ରତ୍ୟେକ ନାଗରିକ ପ୍ରଗତିର ଯାତ୍ରାରେ ସାମିଲ ହେବା ପାଇଁ ସଶକ୍ତ ହୋଇପାରିଛନ୍ତି ।

ଏହି ଦୂରଦୃଷ୍ଟି କଟକର ଜୋବ୍ରା ସ୍ଥିତ ଏକ ନିରୋଳା ଗଳିରେ ସାକାର ହୋଇଉଠେ । ଯେଉଁଠାରେ ୪୪ ବର୍ଷୀୟା ଭିନ୍ନକ୍ଷମ ଆଶାଲତା ଦାସ ବଞ୍ଚିବା ପାଇଁ ସଂଗ୍ରାମ କରୁଥିବା ବେଳେ ତାଙ୍କର ବୃଦ୍ଧା ମା' ଜଣେ ଦିନ ମଜୁରିଆ ସଫେଇ କର୍ମଚାରୀ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ସରକାରୀ ସହାୟତା ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ହୋଇଥିଲେ ବି ଆଶାଲତା ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିଲେ । ଜଣେ 'ସହଯୋଗ' ସ୍ୱେଚ୍ଛାସେବୀ (ଫାସିଲିଟେଟର) ତାଙ୍କ ଘରକୁ ଯାଇ ଆବଶ୍ୟକୀୟ କାଗଜପତ୍ର କରାଇ ତାଙ୍କୁ 'ମଧୁବାବୁ ପେନସନ ଯୋଜନା' ସହ ଯୋଡ଼ି ଥିଲେ । ଆଜି ସେହି ପେନସନ କେବଳ ଆର୍ଥିକ ସହାୟତା ଯୋଗାଉ ନାହିଁ, ବରଂ ତାଙ୍କୁ ଏକ ନୂତନ ସୁରକ୍ଷା ଓ ଆତ୍ମ ସମ୍ମାନର ଭାବନା ଦେଇଛି । ଏହି କାହାଣୀ ସାରା ସହରାଞ୍ଚଳ ଓଡ଼ିଶାର ହଜାର ହଜାର ବିଧବା, ବୃଦ୍ଧ ନାଗରିକ, ଭିନ୍ନକ୍ଷମ ଓ ପ୍ରବାସୀ ପରିବାର ପାଇଁ ପ୍ରେରଣାର ଉତ୍ସ ହୋଇପଡିଛି , ଯେଉଁମାନେ ଯୋଗ୍ୟତା ଥାଇ ବି ଦୀର୍ଘଦିନ ଧରି ସରକାରୀ ଯୋଜନା ରୁ ବଞ୍ଚିତ ହୋଇ ରହିଛନ୍ତି । ଏହା ସ୍ପଷ୍ଟ ଯେ, ପ୍ରଶାସନ ତାହାର ଲକ୍ଷ୍ୟ ସେତେବେଳେ ହାସଲ କରେ, ଯେତେବେଳେ ପ୍ରାପ୍ୟ/ଯୋଗ୍ୟତା ସହଜରେ ଅଧିକାରରେ ପରିଣତ ହୁଏ ଏବଂ ଅଧିକାର ସୁଯୋଗର ରୂପ ନିଏ ।ଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଦ୍ରୁତ ସହରୀକରଣ ଦେଖିବାକୁ ମିଳିଛି, ଯେଉଁଥିରେ ଆମ ସହରଗୁଡ଼ିକ ବିକାଶ, ନବୋନ୍ମେଷ ଓ ଉଦ୍‌ଯୋଗର ସମୃଦ୍ଧ କେନ୍ଦ୍ର ଭାବେ ଉଭା ହୋଇଛନ୍ତି । ତଥାପି, ସହରାଞ୍ଚଳର ଅନେକ ଅସହାୟ ପରିବାର କିଛି ଅଦୃଶ୍ୟ ପ୍ରତିବନ୍ଧକ ପଛରେ ବାନ୍ଧିହୋଇ ରହିଥିଲେ । ସମସ୍ୟା କେବେ ବି କଲ୍ୟାଣକାରୀ ଯୋଜନାର ଅଭାବ ନ ଥିଲା । ଭାରତ ସରକାର ଏବଂ ଓଡ଼ିଶା ସରକାର ଉଭୟ ଏକ ବ୍ୟାପକ ସାମାଜିକ ସୁରକ୍ଷା ଢାଞ୍ଚା ନିର୍ମାଣ କରିଛନ୍ତି । ପ୍ରକୃତ ପ୍ରତିବନ୍ଧକ ରହିଥିଲା ବିଖଣ୍ଡିତ ସେବା ଯୋଗାଣ, ଜଟିଳ ପ୍ରକ୍ରିୟା, ସଚେତନତାର ଅଭାବ, କାଗଜପତ୍ରର ଅଭାବ ଏବଂ ଉପଯୁକ୍ତ ସମନ୍ୱୟର ଅଭାବ ପାଇଁ ଏହି ଅସହାୟ ପରିବାରଗୁଡ଼ିକୁ ସରକାରୀ ବ୍ୟବସ୍ଥା ବୁଝିବା ଓ ସାହାଯ୍ୟ କରିବା ପାଇଁ କୌଣସି ସମର୍ପିତ ବ୍ୟବସ୍ଥା ନଥିଲା ।

ଏହି ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ପୂରଣ କରିବା ପାଇଁ 'ସହଯୋଗ'ର କଳ୍ପନା କରାଯାଇଥିଲା ଯାହା ସହଯୋଗିତା, ଭାଗୀଦାରୀ ଏବଂ ସାମୂହିକ ସମର୍ଥନକୁ ସୂଚିତ କରେ । ଏହା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ନାଗରିକ-କେନ୍ଦ୍ରିକ ଶାସନ ପ୍ରଣାଳୀରେ ଏକ ନୂତନ ଦିଗଦର୍ଶନ । ଓଡ଼ିଶାର ବସ୍ତି ରୂପାନ୍ତରଣ ଅଭିଯାନ ସମୟରେ ବର୍ଷ ବର୍ଷର ସମୁଦାୟ ସହଭାଗିତାରୁ ଆବିର୍ଭୂତ ହୋଇଥିବା 'ସହଯୋଗ' ଏକ ସରଳ କିନ୍ତୁ ଗଭୀର ବାସ୍ତବତାକୁ ସ୍ୱୀକାର କରେ । ତଦନୁସାରେ, ଏହି କାର୍ଯ୍ୟକ୍ରମ ଏକ ମୌଳିକ ପ୍ରଶ୍ନକୁ ନେଇ ଜନସେବା ଯୋଗାଣକୁ ନୂତନ ମୋଡ଼ ଦେଇଛି । ଏହି ପରିବାରର ଆବଶ୍ୟକତା କ'ଣ, ଏବଂ ସରକାରୀ ବ୍ୟବସ୍ଥା କିପରି ସୁନିଶ୍ଚିତ କରିପାରିବ ଯେ ସେମାନଙ୍କର ପ୍ରତ୍ୟେକ ଯୋଗ୍ୟ ପ୍ରାପ୍ୟ ସେମାନଙ୍କ ପାଖରେ ପହଞ୍ଚିପାରିବ ?

'ସହଯୋଗ'ର ଏକ ମୁଖ୍ୟ ଶକ୍ତି ହେଉଛି ଏହାର ସହଯୋଗାତ୍ମକ ବ୍ୟବସ୍ଥା (ଇକୋସିଷ୍ଟମ୍) । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କୌଶଳଗତ ନେତୃତ୍ୱ ଏବଂ ନୀତିଗତ ଦିଗଦର୍ଶନ ପ୍ରଦାନ କରୁଥିବା ବେଳେ, ପୌରସଂସ୍ଥା (Urban Local Bodies) ଗୁଡ଼ିକ ତୃଣମୂଳ ସ୍ତରରେ କାର୍ଯ୍ୟାନ୍ୱୟନକୁ ଆଗେଇ ନେଉଛନ୍ତି । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ ଟାଟା ଟ୍ରଷ୍ଟସ୍ ସେମାନଙ୍କର ବ୍ୟାପକ ସମୁଦାୟ ସଂଗଠନ ଓ କ୍ଷେତ୍ରୀୟ ବିଶେଷଜ୍ଞତା ପ୍ରଦାନ କରୁଛନ୍ତି । ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (OCAC) ଏହାର ଡିଜିଟାଲ୍ ଭିତ୍ତିଭୂମିକୁ ସଶକ୍ତ କରୁଛି, ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ, ୱାର୍ଡ ସ୍ୱେଚ୍ଛାସେବୀ ଓ ଲୋକପ୍ରତିନିଧି ମାନେ ଶେଷ ସୀମା ପର୍ଯ୍ୟନ୍ତ ସେବା ପହଞ୍ଚାଇବା ବ୍ୟବସ୍ଥାକୁ ସୁଦୃଢ଼ କରୁଛନ୍ତି । ଏହି ସହଯୋଗାତ୍ମକ ଢାଞ୍ଚା 'ଅଙ୍କୁର' (ANKUR) ପ୍ଲାଟଫର୍ମ ମାଧ୍ୟମରେ ଅଧିକ ସୁଦୃଢ଼ ହୋଇଛି, ଯାହା ନବୋନ୍‌ମେଷ, ସମନ୍ୱୟ ଏବଂ ସାମୂହିକ ସମସ୍ୟା ସମାଧାନ ପାଇଁ ନାଗରିକ ସଂଗଠନ, ଅନୁଷ୍ଠାନ ଏବଂ ସହରୀ ବିଶେଷଜ୍ଞମାନଙ୍କୁ ଗୋଟିଏ ମଞ୍ଚକୁ ଆଣିଥାଏ ।

'ସହଯୋଗ'ର ମୂଳପିଣ୍ଡ ହେଉଛି ସରକାରୀ ଲୋକହିତକର ଯୋଜନାରେ ଜନସାଧାରଣଙ୍କୁ ଶତ ପ୍ରତିଶତ ସାମିଲ କରିବା । ସୂଚାରୁରୂପେ ଗୃହ ସର୍ବେକ୍ଷଣ ମାଧ୍ୟମରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଥିବା ସମସ୍ୟା ଓ ଅସହାୟତାକୁ ଚିହ୍ନଟ କରାଯାଏ । ସେହିପରି ତାଲିମପ୍ରାପ୍ତ ଆଗୁଆ ସୁବିଧାଦାତାମାନେ ସମସ୍ତ ପୌରସଂସ୍ଥାରେ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରି ଯୋଜନାର ଯୋଗ୍ୟତା ତୁରନ୍ତ (real time) ଆକଳନ କରିବା । ପୃଥକ୍ ପୃଥକ୍ ଭାବେ ସୁବିଧା ପ୍ରଦାନ କରିବା ଏହି ପଦକ୍ଷେପ ବ୍ୟକ୍ତିଗତ ପରିବାରଗୁଡ଼ିକୁ କେନ୍ଦ୍ର କରି ଏକାଧିକ କଲ୍ୟାଣକାରୀ ଯୋଜନାର ସମନ୍ୱୟ କରିଥାଏ କ୍ଷ ଏହା ବିଖଣ୍ଡିତ ସେବା ଯୋଗାଣକୁ ଏକ ସମନ୍ୱିତ, ନାଗରିକ-କେନ୍ଦ୍ରିକ ମଡେଲରେ ପରିଣତ କରେ ଏବଂ ସ୍ଥାୟୀ ସାମାଜିକ ଓ ଆର୍ଥିକ ପ୍ରଭାବ ସୃଷ୍ଟି କରେ ।

କେବଳ ସାମାଜିକ ସୁରକ୍ଷା ଦୀର୍ଘକାଳୀନ ସାମାଜିକ ଅଗ୍ରଗତିର ଗ୍ୟାରେଣ୍ଟି ଦେଇପାରିବ ନାହିଁ ବୋଲି ହୃଦବୋଧ କରି, ଓଡ଼ିଶା 'ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ୍' (CMSCM) ଅଧୀନରେ 'ସହଯୋଗ ପ୍ଲସ୍' ମାଧ୍ୟମରେ ଏହି ଅଭିଯାନକୁ ଆହୁରି ବ୍ୟାପକ କରାଯାଇଛି । ଏହି ପରବର୍ତ୍ତୀ ପର୍ଯ୍ୟାୟ ପ୍ରାପ୍ୟ ଯୋଗାଣ ସହିତ ବାସ ସ୍ଥାନର ଉନ୍ନତିକୁ ଯୋଡ଼ିଥାଏ, ଯାହା ଯୋଗ୍ୟ ପରିବାରଗୁଡ଼ିକୁ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ' (PMAY-U) ଏବଂ ରାଜ୍ୟର 'PMAY-(U) ବନ୍ଧୁ' ଯୋଜନା ଅଧୀନରେ ଗୃହ ନିର୍ମାଣ ସୁଯୋଗ ସହ ଯୋଡ଼ିଥାଏ । ସୁରକ୍ଷିତ ଆବାସ, ଉନ୍ନତ ଭିତ୍ତିଭୂମି ଏବଂ ଆବଶ୍ୟକୀୟ ପୌରସେବା ପ୍ରାପ୍ତି ମିଶି ସ୍ୱାଭିମାନ, ସହନଶୀଳତା ଏବଂ ନିରନ୍ତର ଆର୍ଥିକ ପ୍ରଗତିର ଭିତ୍ତିଭୂମି ସୃଷ୍ଟି କରେ ।

ଏହି ସମନ୍ୱିତ ଆଭିମୁଖ୍ୟର ପ୍ରଭାବ ଉଭୟ ମାନଦଣ୍ଡ ଏବଂ ଉଲ୍ଲେଖନୀୟ । ୬.୬୦ ଲକ୍ଷରୁ ଅଧିକ ସହରାଞ୍ଚଳ ପରିବାର, ଯେଉଁଥିରେ ୨୦.୭୪ ଲକ୍ଷ ବ୍ୟକ୍ତି ଅନ୍ତର୍ଭୁକ୍ତ, ସେମାନଙ୍କୁ ସହରୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ଭିତରକୁ ଅଣାଯାଇଛି । ୩.୨୫ ଲକ୍ଷରୁ ଅଧିକ ଆବେଦନକୁ ସହଜ କରାଯାଇଛି, ଯାହା ଫଳରେ ୨.୫୨ ଲକ୍ଷରୁ ଅଧିକ ସଫଳ ଯୋଜନା ସଂଯୋଗ ସମ୍ଭବ ହୋଇପାରିଛି । ସାରା ରାଜ୍ୟରେ କାର୍ଯ୍ୟରତ ୧୦,୦୦୦ରୁ ଅଧିକ ଆଗ ଧାଡିର ସେବାଦାତାଙ୍କ ନେଟୱର୍କ ଦ୍ୱାରା ଅସହାୟ ନାଗରିକଙ୍କ ପାଇଁ ନିକଟତର ୧୦,୦୦୦ କୋଟି ଟଙ୍କାର ସରକାରୀ ସୁବିଧା ଉପଲବ୍ଧ କରାଯାଇପାରିଛି । ତଥାପି 'ସହଯୋଗ'ର ପ୍ରକୃତ ସଫଳତା କେବଳ ପରିସଂଖ୍ୟାନ ଦ୍ୱାରା ସୀମିତ ରହିପାରିବ ନାହିଁ । ଏହା ଜଣେ ବୃଦ୍ଧ ନାଗରିକଙ୍କ ବହୁପ୍ରତୀକ୍ଷିତ ପେନସନ ପାଇବାରେ, ଜଣେ ଭିନ୍ନକ୍ଷମ ବ୍ୟକ୍ତି ଆବଶ୍ୟକ ସହାୟତା ପାଇବାରେ, ଏକ ଅସହାୟ ପରିବାର ସ୍ଥାୟୀ ଘରଟିଏ ପାଇବାରେ ଏବଂ ଗୋଟିଏ ଶିଶୁ ବଡ଼ ଆଶା ଓ ସୁଯୋଗ ସହ ବଡ଼ ହେବାରେ ପ୍ରତିଫଳିତ ହୁଏ ।

ଓଡ଼ିଶା ଯେତେବେଳେ 'ବିକଶିତ ଭାରତ ଅ୨୦୪୭'ର ଜାତୀୟ ଆକାଂକ୍ଷାରେ ଯୋଗଦାନ ଦେବା ସହ 'ବିକଶିତ ଓଡ଼ିଶା ୨୦୩୬'ର ଦୂରଦୃଷ୍ଟି ଆଡ଼କୁ ଆତ୍ମ ବିଶ୍ୱାସର ସହ ଆଗେଇ ଚାଲିଛି, 'ସହଯୋଗ' ଅନ୍ତୋଦ୍ୟୟର ଆଦର୍ଶର ଏକ ଜୀବନ୍ତ ପ୍ରତୀକ ଭାବରେ ଛିଡ଼ା ହୋଇଛି । ଏହା ପୁନଃପ୍ରତିପାଦିତ କରେ ଯେ, ବିକାଶ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ ଯେତେବେଳେ ଏହା ସମାବେଶୀ, ସମ୍ବେଦନଶୀଳ ଏବଂ ସମସ୍ତଙ୍କ ପାଇଁ ପହଞ୍ଚ ଯୋଗ୍ୟ ହୋଇଥାଏ । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦୂରଦୃଷ୍ଟି ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି କେବଳ ତାଙ୍କ ଦର୍ଶନକୁ ମନେ ରଖିବାରେ ନାହିଁ, ବରଂ ତାହାକୁ କାର୍ଯ୍ୟରେ ପରିଣତ କରିବାରେ ରହିଛି—ଯାହା ସୁନିଶ୍ଚିତ କରେ ଯେ ଶେଷ ନାଗରିକ ବିକାଶର ଲାଭ ପାଇବାରେ ଶେଷ ବ୍ୟକ୍ତି ନୁହଁନ୍ତି, ବରଂ ଏହାର ରୂପାନ୍ତରଣକାରୀ ସୁଫଳ ଅନୁଭବ କରିବାରେ ପ୍ରଥମ ବ୍ୟକ୍ତି ହୁଅନ୍ତୁ ।

ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସରକାରୀ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର

# ଭଗବାନ ବିଷ୍ଣୁଙ୍କ ୨୪ଟି ଅବତାର

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆଜି ହେଉଛି ଶ୍ରୀଜଗନ୍ନାଥଙ୍କ ପାର୍ଶ୍ୱ ପରିବର୍ତ୍ତନ ନୀତି । ଆଷାଢ଼ ଏକାଦଶୀ ତିଥିରେ ଶୟନ କରିଥିବା ଭଗବାନ ବିଷ୍ଣୁ ଭାଦ୍ରବ ଏକାଦଶୀରେ କଡ଼ ଲେଉଟାଇ ଥାଆନ୍ତି । ତେଣୁ ଆଜିର ଦିନକୁ ଶ୍ରୀବିଷ୍ଣୁ ପାର୍ଶ୍ୱ ପରିବର୍ତ୍ତନ ବଡ଼ ଏକାଦଶୀ ଭାବେ ପାଳନ କରାଯାଏ । ଭଗବାନ ବିଷ୍ଣୁଙ୍କ ଚବିଶଟି ଅବତାର ରହିଛି । ପ୍ରଥମ ଅବତାର ହେଉଛନ୍ତି 'ସନକାଦି ମୁନି' : ଆବହମାନ ସମୟରୁ ବିଶ୍ୱାସ ରହିଛି ସୃଷ୍ଟି ପ୍ରଳୟ ପରେ ବ୍ରହ୍ମ ସମସ୍ତ ଲୋକର ରଚନା କରିବା ପାଇଁ ତପସ୍ୟା କରିଥିଲେ । ଏଥିରେ ପ୍ରସନ୍ନ ହୋଇ ବିଷ୍ଣୁ ସନ ନାମ ଯୁକ୍ତ ସନକ, ସନନ୍ଦନ, ସନାତନ ଏବଂ ସନ୍ନତକୁମାର ନାମକ ଚାରିଟି ମୁନି ଅବତାର ନେଇଥିଲେ । ସେଥିପାଇଁ ତାଙ୍କୁ ସନକାଦି ମୁନି କୁହାଗଲା । ସେହିପରି ପରବର୍ତ୍ତୀ ଅବତାର ହେଉଛନ୍ତି 'ବରାହ' ପ୍ରଳୟ କାଳରେ ପୃଥିବୀ ସମୁଦ୍ର ମଧ୍ୟରେ ଲୀନ ହୋଇଯାଇଥିଲା । ବିଷ୍ଣୁ ବ୍ରହ୍ମାଙ୍କ ନାକରୁ ବରାହ ଅବତାର ନେଲେ । ପୃଥିବୀକୁ ନାକରେ ଖୋଜି ଦାନ୍ତରେ ଉଦ୍ଧାର କରିଥିଲେ । ଏହାପରେ ଅବତାର ଆସିଥିଲେ 'ନାରଦ' । ବ୍ରହ୍ମାଙ୍କର ସାତ ମାନସ ପୁତ୍ରଙ୍କ ମଧ୍ୟରୁ ନାରଦ ଜଣେ । ଧର୍ମର ପ୍ରଚାର ପାଇଁ ତାଙ୍କର ଜନ୍ମ । ଭାଗବତର ଦଶମ ଅଧ୍ୟାୟ ୨୪ତମ ଶ୍ଳୋକରେ ଶ୍ରୀକୃଷ୍ଣ କହିଛନ୍ତି 'ଦେବର୍ଷିଙ୍କ ଶରୀରରେ ମୁଁ ନାରଦ' । ଏହାପରେ ଆସିଥିଲେ 'ନର-ନାରାୟଣ' : ଧର୍ମର ସ୍ଥାପନା ପାଇଁ ବିଷ୍ଣୁ ଦକ୍ଷ ପ୍ରଜାପତିଙ୍କ କନ୍ୟା ମୂର୍ତ୍ତିଙ୍କ ଗର୍ଭରୁ ଜନ୍ମ ନେଇଥିଲେ । ତାଙ୍କ ସମ୍ପୂର୍ଣ୍ଣ ବେଶ ତପସ୍ୱୀ ସମାନ ଥିଲା । ବିଷ୍ଣୁଙ୍କର ଏହି ରୂପକୁ ନର ନାରାୟଣ ଅବତାର କୁହାଗଲା । ସେହିପରି ପରବର୍ତ୍ତୀ ଅବତାର ଭାବେ ଆସିଥିଲେ 'କପିଳ ମୁନି', ସେ ଥିଲେ ସାଂଖ୍ୟ ଦର୍ଶନର ପ୍ରବର୍ତ୍ତକ । ତାଙ୍କୁ ଅନ୍ୟ ନାମରେ 'କପିଳ ମୁନି କର୍ଦ୍ଦମ' ଭାବେ ପ୍ରାର୍ଥନା କରାଯାଏ । ପ୍ରଜାପତିଙ୍କ ପତ୍ନୀ ଦେବହୁତିଙ୍କ ଗର୍ଭରୁ ଜନ୍ମ ନେଇଥିଲେ । କପିଳ ମୁନି ଭାଗବତ ଧର୍ମର ପ୍ରମୁଖ ବାର ଆଚାର୍ଯ୍ୟଙ୍କ ମଧ୍ୟରୁ ଜଣେ । ପରେ ଆସିଲେ ଅବତାର

'ଦତ୍ତାତ୍ରେୟ', ମହର୍ଷି ଅତ୍ରୀଙ୍କ ପତ୍ନୀ ଦେବୀ ଅନୁସୂୟାଙ୍କ ଗର୍ଭରୁ ଦତ୍ତାତ୍ରେୟ ଅବତାରରେ ବିଷ୍ଣୁ ଜନ୍ମ ନେଇଥିଲେ ।

ଶାସ୍ତ୍ରରେ ଉଲ୍ଲେଖ ଅଛି ଯଦୁ ଏବଂ ସହସ୍ରାର୍ଜ୍ଜୁନଙ୍କୁ ଯୋଗର ଉପଦେଶ ଦେଇଥିଲେ । ଏହାପରେ ଆବିର୍ଭାବ ହୋଇଥିଲେ ଅବତାର 'ଯଜ୍ଞ' : ଯଜ୍ଞଙ୍କ ଜନ୍ମ ସ୍ୱୟାମ୍ଭୁବ ମନବନ୍ତର ସ୍ଥାନରେ ଆକୁତିଙ୍କ ଗର୍ଭରୁ ହୋଇଥିଲା । ଏହି ଅବତାରରେ ବିଷ୍ଣୁ ଦେବତାଙ୍କ ସଂକଟ ଦୂର କରି ହରି ନାମରେ ଖ୍ୟାତ ହେଲେ । ପରବର୍ତ୍ତୀ ଅବତାର ଥିଲେ 'ଋଷଭଦେବ' : ଶାସ୍ତ୍ରରେ ଉଲ୍ଲେଖ ଅଛି ମହାରାଜ ନାଭିଙ୍କର କେହି ସନ୍ତାନ ନଥିଲେ । ସନ୍ତାନପ୍ରାପ୍ତି ପାଇଁ ମହାରାଜ ଧର୍ମପତ୍ନୀଙ୍କ ସହ ପୁତ୍ରକାମନା ପାଇଁ ଯଜ୍ଞ କଲେ । ବିଷ୍ଣୁ ପ୍ରସନ୍ନ ହୋଇ ନାଭିଙ୍କ ପୁତ୍ର ରୂପେ ଜନ୍ମ ନେଲେ । ପୁତ୍ରର ରୂପ ଏବଂ ଗୁଣ ଦେଖି ମହାରାଜ ତାଙ୍କ ନାମ ଋଷଭ ଦେଇଥିଲେ । ଏହାପରେ ଆବିର୍ଭାବ ହୋଇଥିଲେ ଅବତାର 'ଆଦିରାଜ ପୃଥୁ' : ବ୍ରାହ୍ମଣଙ୍କ ଦ୍ୱାରା ପାପି ରାଜା ବେନ୍‌ଙ୍କ ଶରୀର ମନ୍ଥନ ସମୟରେ ବିଷ୍ଣୁ ରାଜାଙ୍କ ବାହୁରୁ ପୃଥୁ ଅବତାରରେ ଜନ୍ମ ନେଇଥିଲେ । ତାଙ୍କ ଶରୀରରେ ଚକ୍ର ଏବଂ କମଳ ଦେଖି ସ୍ୱୟଂ ଶ୍ରୀହରି ଅବତାରିତ ହୋଇଥିବା ଋଷିଗଣ କହିଥିଲେ । ସେହିପରି 'ମତ୍ସ୍ୟ' ଅବତାରଙ୍କ ଆଗମନ ହୋଇଥିଲା । ବିଷ୍ଣୁପୁରାଣରେ ଉଲ୍ଲେଖ ରହିଛି ରାଜା ସତ୍ୟବ୍ରତ ନଦୀରେ ସ୍ନାନ କଲା ବେଳେ ତାଙ୍କ ଆଞ୍ଜୁଳିକୁ ମାଛଟିଏ ଆସିଥିଲା । ରାଜା ମାଛଟିକୁ ନିଜ ସରୋବରରେ ରଖିଲେ । କୌଣସି କାରଣରୁ ରାଜା ଜାଣିପାରିଲେ ଯେ ଏହା ସାଧାରଣ ମାଛ ନୁହେଁ, ତେଣୁ ସେ ତାଙ୍କୁ ବାସ୍ତବିକ ରୂପରେ ଆସିବା ପାଇଁ ପ୍ରାର୍ଥନା କଲେ । ପରେ ମାଛଟି ବିଷ୍ଣୁଙ୍କ ରୂପରେ ପ୍ରକଟ ହୋଇ ମତ୍ସ୍ୟାବତାର ବିଷୟରେ କହିଲେ । ଏହାପରେ ଆଗମନ ହୋଇଥିଲା 'କଚ୍ଛପ ବା କଇଁଛ' ଅବତାର । ବ୍ରହ୍ମ ବୈବର୍ତ୍ତ ପୁରାଣରେ ଉଲ୍ଲେଖ ରହିଛି କ୍ଷୀର ସାଗର ମନ୍ଥନରେ ଭଗବାନ ବିଷ୍ଣୁ କଇଁଛ ଅବତାର ଧାରଣ କରିଥିଲେ । ସମ୍ପୂର୍ଣ୍ଣ ମନ୍ଦିରାଚଳ ପର୍ବତକୁ ନିଜ ପିଠିରେ ଧାରଣ କରିଥିଲେ । ସେହିପରି 'ଧନ୍ୱନ୍ତରୀ' ଅବତାରରେ କ୍ଷୀରସାଗର ମନ୍ଥନରେ ହସ୍ତରେ ଅମୃତ କଳସ ଧରି ଧନବନ୍ତରି ପ୍ରକଟ ହୋଇଥିଲେ । ଆୟୁର୍ବେଦର ରଚନା ପାଇଁ ବିଷ୍ଣୁ ଧନ୍ୱନ୍ତରୀ ଅବତାର ନେଇଥିଲେ । ଏହାପରେ ଆବିର୍ଭାବ ହୋଇଥିଲା 'ମୋହିନୀ' ଅବତାରଙ୍କର । ଏହି ଅବତାରରେ ଭଗବାନ ବିଷ୍ଣୁ ମୋହିନୀ ଅବତାର ନେଇ ସମୁଦ୍ର ମନ୍ଥନରୁ ଉତ୍ପନ୍ନ ଅମୃତ କଳସକୁ ନେଇ ଦେବତାଙ୍କୁ ଅମୃତପାନ କରାଇଥିଲେ । ଏହାର ପରବର୍ତ୍ତୀ ଅବତାର ଥିଲେ 'ନୃସିଂହ' ବିଷ୍ଣୁ ନୃସିଂହ ଅବତାର ନେଇ ହିରଣ୍ୟକଶ୍ୟପକୁ ବଧ କରି ତାଙ୍କର ପରମ ଭକ୍ତ ପ୍ରହ୍ଲାଦକୁ ରକ୍ଷା କରିଥିଲେ । ଏହାପରେ ଆସିଥିଲେ ଅବତାର 'ବାମନ' । ବାମନ ପୁରାଣରେ ଉଲ୍ଲେଖ ରହିଛି ମହାରାଜ ବଳିର ଗର୍ବ ଅହଂକାରକୁ ନଷ୍ଟ କରିବା ସହ ଇନ୍ଦ୍ର ଦେବଙ୍କୁ ସ୍ୱର୍ଗଲୋକ ଫେରାଇବା ପାଇଁ ସ୍ୱୟଂ ଭଗବାନ ବିଷ୍ଣୁ ବାମନ ଅବତାର ନେଇଥିଲେ । ସେହିପରି 'ହୟଗ୍ରୀବ' ଅବତାରଙ୍କର ଆବିର୍ଭାବ ହୋଇଥିଲା । ନୃସିଂହ ପୁରାଣର ଉଲ୍ଲେଖ ଅନୁଯାୟୀ ମଧୁ ଓ କୈଟଭ ଦୁଇ ରାକ୍ଷସ ବେଦ ହରଣ କରିଥିଲେ । ବେଦ ଉଦ୍ଧାର ପାଇଁ ବିଷ୍ଣୁ ହୟଗ୍ରୀବ ଅବତାର ନେଇଥିଲେ । ଭଗବାନ ଦୁଇ ରାକ୍ଷସଙ୍କ ବଧ କରି ବେଦକୁ ବ୍ରହ୍ମାଙ୍କୁ ଦେଇଥିଲେ । ପରବର୍ତ୍ତୀ ଅବତାର ଥିଲେ 'ଶ୍ରୀହରି' । ପ୍ରାଚୀନ କାଳରେ ତ୍ରିକୁଟ ନାମକ ହାତୀ କୁମ୍ଭୀର କବଳରୁ ନିଜକୁ ରକ୍ଷା କରିବା ପାଇଁ ଭଗବାନ ଶ୍ରୀହରିଙ୍କୁ ସ୍ମରଣ କରିଥିଲା । ହାତୀର କଷ୍ଟ ସହି ନପାରି ବିଷ୍ଣୁ ଶ୍ରୀହରି ଅବତାର ନେଇ କୁମ୍ଭୀରକୁ ବଧ କଲେ ଏବଂ ହାତୀକୁ ଉଦ୍ଧାର କଲେ । ଏହାପରେ ଆସିଥିଲେ ଅବତାର 'ପର୍ଶୁରାମ' । ପୁରାଣର କଥାବସ୍ତୁ ଅନୁଯାୟୀ ଏକ ବଣରେ ଋଷି ଆପବ ତପସ୍ୟା କରୁଥିଲେ । ଏହି ସମୟରେ ଅଗ୍ନିଦେବ ଉକ୍ତ ବଣକୁ ଜଳାଇ ଦେଲେ ଏଥିରେ ଋଷି ଆପଦଙ୍କ ଆଶ୍ରମ ମଧ୍ୟ ଜଳିଗଲା । ଋଷି କ୍ରୋଧିତ ହୋଇ ଅଭିଶାପ ଦେଲେ ବିଷ୍ଣୁ ପର୍ଶୁରାମ ଅବତାର ନେବେ ଓ ସମସ୍ତ ଗର୍ବୀ କ୍ଷତ୍ରୀୟଙ୍କ ନାଶ କରିବେ । ପରେ ଭାର୍ଗବ କୁଳରେ ମହର୍ଷି ଜମଦଗ୍ନିଙ୍କ ପାଖରେ ବିଷ୍ଣୁ ପର୍ଶୁରାମ ରୂପରେ ଜନ୍ମ ନେଲେ । ପରବର୍ତ୍ତୀ ଅବତାର ଥିଲେ 'ମହର୍ଷିବେଦବ୍ୟାସ' : ବ୍ରହ୍ମ ବୈବର୍ତ୍ତ ପୁରାଣର ଉଲ୍ଲେଖ ଅନୁଯାୟୀ ମହାଜ୍ଞାନି ପରଶରଙ୍କ ପୁତ୍ର ଥିଲେ ବ୍ୟାସ । ତାଙ୍କ ଜନ୍ମ କୈବର୍ତ୍ୟରାଜଙ୍କ ପୋଷ୍ୟପୁତ୍ରୀ ସତ୍ୟବତୀଙ୍କ ଗର୍ଭରୁ ହୋଇଥିଲା । ଶରୀରର ରଙ୍ଗ କଳା ହୋଇଥିବାରୁ ତାଙ୍କ ନାମ 'କୃଷ୍ଣଦ୍ୱୈପାୟନ' ଥିଲା । ମନୁଷ୍ୟଙ୍କ ଆୟୁ ଏବଂ ଶକ୍ତିକୁ ଦେଖି ସେ ବେଦ ବିଭାଗ କରିଥିଲେ । ସେଥିପାଇଁ ତାଙ୍କ ନାମ ବେଦବ୍ୟାସ । ଏହାପରେ ଆସିଥିଲେ 'ହଂସ' ଅବତାର ।

ମନୁଷ୍ୟଙ୍କ ମୋକ୍ଷ ସମ୍ବନ୍ଧରେ ଜଣାଇବା ପାଇଁ ଭଗବାନ ବିଷ୍ଣୁ ହଂସ ଅବତାର ନେଇଥିଲେ ବୋଲି ବିଷ୍ଣୁ ପରାଣରେ ଉଲ୍ଲେଖ ରହିଛି । ଏହାପରେ ଆବିର୍ଭାବ ହୋଇଥିଲା ମର୍ଯ୍ୟାଦା ପୁରୁଷୋତ୍ତମ 'ଶ୍ରୀରାମ'ଙ୍କର ତ୍ରେତୟାଯୁଗରେ ରାବଣ ଏବଂ ତାର ସହଯୋଗୀ ଅସୁରର ବହୁଳ ଅତ୍ୟାଚାର ଚାଲିଥିଲା । ସେମାନଙ୍କ ଅତ୍ୟାଚାରରୁ ମନୁଷ୍ୟଙ୍କୁ ମୁକ୍ତି ଦେବା ସହ ସୃଷ୍ଟିକୁ ରକ୍ଷା କରିବା ପାଇଁ ଭଗବାନ ବିଷ୍ଣୁ ରାମ ଅବତାରରେ ଜନ୍ମ ନେଲେ । ପରବର୍ତ୍ତୀ ଅବତାର ଥିଲେ ପରମପ୍ରେମମୟ 'କୃଷ୍ଣ' ଅବତାର । ଦ୍ୱାପର ଯୁଗରେ ଭଗବାନ ବିଷ୍ଣୁ କୃଷ୍ଣ ରୂପରେ କାରାଗାରରେ ଦେବକୀଙ୍କ ଗର୍ଭରୁ ଜନ୍ମ ନେଇଥିଲେ । ଅଧର୍ମୀଙ୍କ ନାଶ, ଦୁଷ୍ଟଙ୍କ ସର୍ବନାଶ ଏବଂ ଧର୍ମର ପ୍ରତିଷ୍ଠା କରିବା ପାଇଁ ସେ ଏହି ଅବତାର ନେଇଥିଲେ । ବିଷ୍ଣୁ ସମସ୍ତ ଅବତାର ମଧ୍ୟରୁ କୃଷ୍ଣବତାର ସର୍ବଶ୍ରେଷ୍ଠ ଅବତାର । ଏହାପରେ ଆଗମନ ହୋଇଥିଲା 'ବୁଦ୍ଧ' ଅବତାରଙ୍କର । ବୌଦ୍ଧ ଧର୍ମର ପ୍ରବର୍ତ୍ତକ ଗୌତମ ବୁଦ୍ଧ ଭଗବାନ ବିଷ୍ଣୁଙ୍କର ଏକ ଅବତାର । ବୁଦ୍ଧ ଦେବଙ୍କ ଜନ୍ମ ଗୟା ନିକଟରେ ହୋଇଥିଲା । ତାଙ୍କ ପିତାଙ୍କ ନାମ ଅଜନ । ଶେଷ ଅବତାର ହେଉଛନ୍ତି 'କଳକୀ ଅବତାର' । କଳିଯୁଗରେ ଭଗବାନ ବିଷ୍ଣୁ କଳ୍କୀ ଅବତାର ନେବେ । ଦେବଦତ୍ତ ନାମକ ଏକ ଘୋଡାରେ ବସି ସେ ସାରା ବିଶ୍ୱରୁ ପାପୀଙ୍କ ବିନାଶ କରି ଧର୍ମର ପ୍ରତିଷ୍ଠା କରିବେ । ଶ୍ରୀବିଷ୍ଣୁଙ୍କ ପାର୍ଶ୍ୱ ପରିବର୍ତ୍ତନ ବଡ଼ ଏକାଦଶୀରେ ଭଗବାନଙ୍କର ଚବିଶ ଅବତାର ସମଗ୍ର ବିଶ୍ୱବାସୀଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ପଣ୍ଡିତ ନୀଳକଣ୍ଠ ଦାସ: ଓଡିଆ ଜାତିର ପ୍ରାଣପ୍ରତିଷ୍ଠାତା

**ସୌଭାଗ୍ୟ ମହାନ୍ତି**

ଓଡିଶାର ଇତିହାସ ପୃଷ୍ଠାରେ ଯେଉଁ କେତେଜଣ ମହାନ ମନୀଷୀ, ସାଧକ ଏବଂ ଦେଶପ୍ରେମୀଙ୍କ ପାଇଁ ଆଜି ଆମେ ଏକ ସ୍ୱାଧୀନ, ସ୍ୱତନ୍ତ୍ର ଏବଂ ଗର୍ବିତ ଓଡିଶାର ପରିଚୟ ପାଇଛୁ, ସେମାନଙ୍କ ଭିତରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସ୍ଥାନ ଅତ୍ୟନ୍ତ ସ୍ୱତନ୍ତ୍ର, ଅନନ୍ୟ ଏବଂ ଅପରିହାର୍ଯ୍ୟ । ୧୮୮୪ ମସିହା ଅଗଷ୍ଟ ୫ ତାରିଖରେ ପୁରୀ ଜିଲ୍ଲାର ସତ୍ୟବାଦୀ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଶାସନରେ ଜନ୍ମଗ୍ରହଣ କରିଥିବା ଏହି ଅସାଧାରଣ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ ଓଡିଶାର ସେହି ସମୟରେ ଆବିର୍ଭୂତ ହୋଇଥିଲେ ଯେତେବେଳେ ବ୍ରିଟିଶ ଶାସନ ଏବଂ ପଡୋଷୀ ରାଜ୍ୟମାନଙ୍କ ଚକ୍ରାନ୍ତରେ ଓଡିଆ ଜାତିର ଅସ୍ତିତ୍ୱ ବିପନ୍ନ ହୋଇପଡ଼ିଥିଲା । ତାଙ୍କର ପିତା ନାରାୟଣ ଦାସ ଏବଂ ମାତା ବିମଳା ଦେବୀଙ୍କ କୋଳରେ ଜନ୍ମନେଇଥିବା ନୀଳକଣ୍ଠ ପିଲାଦିନରୁ ଥିଲେ ଅତ୍ୟନ୍ତ ମେଧାବୀ, ବିଦ୍‌ରୋହୀ ଏବଂ ସତ୍ୟପ୍ରିୟ । ତାଙ୍କର ପ୍ରାରମ୍ଭିକ ଶିକ୍ଷା ଗ୍ରାମର ଚାଟଶାଳୀରୁ ଆରମ୍ଭ ହୋଇ ପୁରୀ ଏବଂ ପରେ କଲିକତା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା, ଯେଉଁଠାରୁ ସେ ସଂସ୍କୃତ ଏବଂ ଦର୍ଶନଶାସ୍ତ୍ରରେ ଉଚ୍‌ଚଶିକ୍ଷା ଲାଭ କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ପ୍ରତିଷ୍ଠା ଓ ପରିଚାଳନାରେ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଉଁଠାରେ ସେ ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, ଗୋଡାବରୀଶ ମିଶ୍ର ଏବଂ କୃପାସନ୍ଧୁ ମିଶ୍ରଙ୍କ ସହିତ ମିଶି ଓଡିଶାରେ ଜାତୀୟ ଶିକ୍ଷାର ମୂଳଦୁଆ ପକାଇଥିଲେ । ଏହି ବନବିଦ୍ୟାଳୟ କେବଳ ପାଠପଢ଼ା କେନ୍ଦ୍ର ନଥିଲା, ବରଂ ଏହା ଥିଲା ଦେଶପ୍ରେମୀ, ସାହସୀ, ନିଃସ୍ୱାର୍ଥପର ଏବଂ ସମାଜସେବୀ ଯୁବକ ସୃଷ୍ଟି କରୁଥିବା ଏକ ଜୀବନ୍ତ କାରଖାନା । ପ୍ରକୃତିର କୋଳରେ ଗଛମୂଳେ ପାଠପଢ଼ା, ଛାତ୍ରମାନଙ୍କ ମଧ୍ୟରେ ଜାତିଭେଦ ନଥିବା ଏକ ସମାନ ବାତାବରଣ ଏବଂ ଶାରୀରିକ ତଥା ମାନସିକ ବିକାଶର ସମନ୍ୱୟ ଏହି ବିଦ୍ୟାଳୟର ମୁଖ୍ୟ ବିଶେଷତ୍ୱ ଥିଲା, ଯାହା ଭାରତବର୍ଷରେ ଏକ ଅନନ୍ୟ ପ୍ରୟୋଗ ଥିଲା । ପଣ୍ଡିତ ନୀଳକଣ୍ଠ ଦାସ ଏହି ବିଦ୍ୟାଳୟରେ ଛାତ୍ରମାନଙ୍କୁ କେବଳ ପୁସ୍ତକୀୟ ଜ୍ଞାନ ଦେଉନଥିଲେ, ବରଂ ସେମାନଙ୍କୁ ସମାଜର ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଶିକ୍ଷା ଦେଉଥିଲେ । ଶିକ୍ଷା କ୍ଷେତ୍ରରେ ତାଙ୍କର ଏହି ପରୀକ୍ଷା ଓଡ଼ିଶାର ଚିନ୍ତାଜଗତକୁ ଏପରି ଏକ ମାର୍ଗ ଦେଖାଇଲା ଯାହା ଆଜି ମଧ୍ୟ ଆଦର୍ଶ ସ୍ଥାନୀୟ ଅଟେ । ସାହିତ୍ୟ ସାଧନା କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅବଦାନ ସମୁଦ୍ର ସମାଦୃତ ଏବଂ ଗଭୀର ।ସେ ଜଣେ ଉଚ୍ଚକୋଟୀର ପ୍ରାଚ୍‌ଚୀନ ଓ ଆଧୁନିକ ସାହିତ୍ୟର ସମାଲୋଚକ, ଗବେଷକ, ପ୍ରାବନ୍ଧିକ ଏବଂ କବି ଥିଲେ । ଓଡିଆ ସାହିତ୍ୟର ଇତିହାସ ଏବଂ ସମାଲୋଚନାକୁ ଏକ ବୈଜ୍ଞାନିକ ଓ ଐତିହାସିକ ଭିତ୍ତିଭୂମି ଦେବାରେ ତାଙ୍କର ଭୂମିକା ସବୁଠାରୁ ଅଧିକ ଥିଲା । ତାଙ୍କର ଅମର ସୃଷ୍ଟି 'ଓଡିଆ ସାହିତ୍ୟର କ୍ରମପରିଣାମ' ଓଡିଆ ସାହିତ୍ୟର ଗବେଷକମାନଙ୍କ ପାଇଁ ଏକ ବାଇବେଲ୍ ସଦୃଶ ଅଟେ । (କ୍ରମଶଃ)









# ନିର୍ବାଚନ ଆୟୁକ୍ତ ନିଯୁକ୍ତି ଆଇନ ନେଇ ସୁପ୍ରିମକୋର୍ଟରେ ମତଭେଦ

**ନୂଆଦିଲ୍ଲୀ, ୨୩।୯(ଏଜେନ୍ସି):** ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଓ ନିର୍ବାଚନ ଆୟୁକ୍ତଙ୍କ (ଇସି) ନିଯୁକ୍ତି ସମ୍ପର୍କିତ ୨୦୨୩ ଆଇନକୁ ଚ୍ୟାଲେଞ୍ଜ କରି ଦାଏର ଆବେଦନଗୁଡ଼ିକୁ ୫ ଜଣିଆ ସମ୍ବିଧାନ ପୀଠକୁ ପଠାଯିବ କି ନାହିଁ, ଏନେଇ ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ମଧ୍ୟରେ ମତଭେଦ ଦେଖାଦେଇଛି। ମାମଲାଟି ଏବେ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନିକଟକୁ ଯିବ। ବୃହତ୍ତର ପୀଠ ଗଠନ ନେଇ ସିଜେଆଇ ନିଷ୍ପତ୍ତି ନେବେ। ବିଚାରପତି ଦୀପଙ୍କର ଦତ୍ତା ଓ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆବେଦନରେ ୨୦୨୩ ଆଇନକୁ ଚାଲେଞ୍ଜ କରାଯାଇଥିଲା, ଯେଉଁଥିରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ପରିବର୍ତ୍ତେ ଚୟନ ପ୍ୟାନେଲରେ



ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀଙ୍କୁ ରଖାଯାଇଥିଲା।ଜଷ୍ଟିସ୍ ଦତ୍ତା ତାଙ୍କ ରାୟରେ ନିର୍ବାଚନ ଆୟୁକ୍ତଙ୍କ ସ୍ୱାଧୀନତା ଓ ନିରପେକ୍ଷତା ଉପରେ ବ୍ୟାପକ ଚିନ୍ତା ପ୍ରକାଶ କରିଥିଲେ ଏବଂ ପ୍ରଶ୍ନ କରିଥିଲେ ଯେ, ୨୦୨୩ ଆଇନ ଅନୁଯାୟୀ ନିଯୁକ୍ତି ବ୍ୟବସ୍ଥା ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ଆବଶ୍ୟକ ସାମ୍ବିଧାନିକ ମାନଦଣ୍ଡ ପୂରଣ କରୁଛି କି ନାହିଁ। ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀଙ୍କୁ ନେଇ ଗଠନ ହୋଇଥିବା ପାନେଲ କାର୍ଯ୍ୟନିର୍ବାହୀ କ୍ଷମତା ଉପରେ ପ୍ରଭାବଶାଳୀ ଯାଞ୍ଚ କରିପାରିବ କି ବୋଲି ଜଷ୍ଟିସ୍ ଦତ୍ତା ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ବିଚାରପତି ସତୀଶ ଚନ୍ଦ୍ର ଶର୍ମା କହିଛନ୍ତି, ଆଇନର ସାମ୍ବିଧାନିକ ବୈଧତା ନେଇ ଉଠିଥିବା ପ୍ରଶ୍ନର ବିଚାର ୫ ଜଣିଆ ସମ୍ବିଧାନ ପୀଠରେ ହେବା ଆବଶ୍ୟକ।୨୦୨୩ ଆଇନରେ ନିର୍ବାଚନ କମିଶନର ଚୟନ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାଦ ଦିଆଯାଇ ତାଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ମନୋନୀତ କେନ୍ଦ୍ରମନ୍ତ୍ରୀଙ୍କୁ ସାମିଲ କରାଯାଇଛି। ଏହି ବ୍ୟବସ୍ଥାକୁ ନେଇ ହିଁ ମୁଖ୍ୟ ଆଇନଗତ ପ୍ରଶ୍ନ ଉଠିଛି। ଦୁଇ ବିଚାରପତିଙ୍କ ମତଭେଦ ପରେ ମାମଲାର ପରବର୍ତ୍ତୀ ଦିଗ ଏବେ ପ୍ରଧାନ ବିଚାରପତିଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିବ।

# ପୁଣି ସ୍ମୃତିଙ୍କୁ ବିଜେପିର ବଡ଼ ଦାୟିତ୍ୱ

**ନୂଆଦିଲ୍ଲୀ, ୨୩।୯(ଏଜେନ୍ସି):** ଭାରତୀୟ ଜନତା ପାର୍ଟିରେ ବଡ଼ ସାଂଗଠନିକ ପରିବର୍ତ୍ତନ । ପ୍ରଭାରୀ ଓ ସହ-ପ୍ରଭାରୀଙ୍କ ନାମ ଘୋଷଣା କରିଛି ଭାରତୀୟ ଜନତା ପାର୍ଟି । ବିଜେପିର ଜାତୀୟ ଅଧ୍ୟକ୍ଷ ନିତିନ ନବୀନ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରଦେଶ ପ୍ରଭାରୀ ଏବଂ ସହ-ପ୍ରଭାରୀଙ୍କୁ ନିଯୁକ୍ତ କରିଛନ୍ତି । ବିଭିନ୍ନ ରାଜ୍ୟରେ ପ୍ରଭାରୀ ଏବଂ ସହ-ପ୍ରଭାରୀଙ୍କୁ ନେଇ ଦଳୀୟ ସ୍ତରରେ ଦାୟିତ୍ୱ ବଣ୍ଟନ ହୋଇଛି । ଆଗାମୀ ବିଧାନସଭା ନିର୍ବାଚନ ଏବଂ ସାଂଗଠନିକ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ଏହି ନିଯୁକ୍ତି କରାଯାଇଛି । ବିଶେଷକରି ଉତ୍ତର ପ୍ରଦେଶ, ପଞ୍ଜାବ ଭଳି ନିର୍ବାଚନୀ ରାଜ୍ୟରେ ଦଳର ସଂଗଠନକୁ ଅଧିକ ସକ୍ରିୟ କରିବା ଉପରେ ଫୋକସ୍ ରହିଛି । ବିଜେପିର ନୂଆ ସାଂଗଠନିକ ବ୍ୟବସ୍ଥାରେ ଉତ୍ତର ପ୍ରଦେଶର ପ୍ରଭାରୀ ଭାବେ ବିନୋଦ ତାୱ୍ଡେଙ୍କୁ ଦାୟିତ୍ୱ ଦିଆଯାଇଛି । ତାଙ୍କ ସହ ଜଗଦୀଶ ଈଶ୍ୱରଭାଇ ପଟେଲଙ୍କୁ ସହ-ପ୍ରଭାରୀ କରାଯାଇଛି । ସେହିଭଳି ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ବି ଦଳ ବଡ ଦାୟିତ୍ୱ ଦେଇଛି । ସ୍ମୃତି ଇରାନୀଙ୍କୁ ଛତିଶଗଡ ସହ ହରିଆଣା ପ୍ରଭାରୀ ଭାବେ ଦଳ ନିଯୁକ୍ତ କରିଛି ।୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଦାୟିତ୍ୱକୁ ଦଳୀୟ ସଂଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବେ ଦେଖାଯାଉଛି । ତାୱ୍ଡେ ନିକଟରେ ଉତ୍ତର ପ୍ରଦେଶରେ ସାଂଗଠନିକ ବୈଠକ କରି ବୁଥ୍ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ନେଇ ଆଲୋଚନା କରିଛନ୍ତି । ସେହିପରି ପଞ୍ଜାବର ପ୍ରଭାରୀ ଭାବେ ଡାକ୍ତର ସତୀଶ ପୁନିଆଙ୍କୁ ଦାୟିତ୍ୱ ଦିଆଯାଇଛି । ଗୁଜରାଟ ପାଇଁ ତରୁଣ ଚୁଘଙ୍କୁ ପ୍ରଭାରୀ କରାଯାଇଥିବା ନେଇ ମଧ୍ୟ ବିଜେପି ପକ୍ଷରୁ ଘୋଷଣା ହୋଇଥିଲା । ଅନ୍ୟପଟେ, ଅଗଷ୍ଟରେ ଘୋଷିତ ବିଜେପିର ନୂଆ ଜାତୀୟ ଟିମ୍‌ରେ ମଧ୍ୟ ଅନେକ ବଡ଼ ନାଁକୁ ନୂଆ ଦାୟିତ୍ୱ ମିଳିଛି । ସ୍ମୃତି ଇରାନୀଙ୍କୁ ଜାତୀୟ ମହାସଚିବ ଏବଂ ରାମ ମାଧବଙ୍କୁ ଜାତୀୟ ଉପାଧ୍ୟକ୍ଷ କରାଯାଇଛି । ବିପ୍ଳବ କୁମାର ଦେବ ମଧ୍ୟ ଜାତୀୟ ମହାସଚିବ ଭାବେ ଦାୟିତ୍ୱ ପାଇଛନ୍ତି । ବିଜେପିର ଏହି ସାଂଗଠନିକ ପୁନର୍ବିନ୍ୟାସ ଆଗାମୀ ନିର୍ବାଚନୀ ପ୍ରସ୍ତୁତି ସହ ଜଡ଼ିତ ବୋଲି ବିଭିନ୍ନ ରିପୋର୍ଟରେ ଉଲ୍ଲେଖ ରହିଛି । ନୂଆ ପ୍ରଭାରୀ ଓ ସହ-ପ୍ରଭାରୀମାନେ ନିଜ ନିଜ ରାଜ୍ୟରେ ସାଂଗଠନିକ ସମନ୍ୱୟ, କାର୍ଯ୍ୟକର୍ତ୍ତାଙ୍କ ସହ ଯୋଗାଯୋଗ ଏବଂ ନିର୍ବାଚନୀ ପ୍ରସ୍ତୁତି ଦିଗରେ କାମ କରିବେ । ତେବେ ନୂଆ ଦାୟିତ୍ୱ ବଣ୍ଟନ ସହ ବିଜେପି ନିଜ ସଂଗଠନକୁ ରାଜ୍ୟସ୍ତରରୁ ବୁଥ୍‌ସ୍ତର ପର୍ଯ୍ୟନ୍ତ ଅଧିକ ସକ୍ରିୟ କରିବା ଦିଗରେ ଆଗକୁ ବଢୁଛି । ଆଗାମୀ ଦିନରେ ଏହି ନୂଆ ପ୍ରଭାରୀମାନଙ୍କ ଭୂମିକା ଏବଂ ରାଜ୍ୟଗୁଡ଼ିକରେ ସାଂଗଠନିକ କାର୍ଯ୍ୟକଳାପ କିଭଳି ଆଗକୁ ବଢୁଛି, ତାହା ଉପରେ ରହିବ ନଜର ।

## ଇସ୍ତଫା ଦେଲେ କର୍ଣ୍ଣାଟକ କଂଗ୍ରେସ ବିଧାୟକ

**ନୂଆଦିଲ୍ଲୀ, ୨୩।୯(ଏଜେନ୍ସି):** ନିଜ ନିର୍ବାଚନମଣ୍ଡଳୀ ମରୁଡି ତାଲିକାରେ ସ୍ଥାନ ନ ପାଇବାରୁ କଂଗ୍ରେସ ବିଧାୟକ ଯଶୱନ୍ତରାୟଗୌଡ଼ା ପାଟିଲ କର୍ଣ୍ଣାଟକ ବାଚସ୍ପତି ଜିଏସ୍ ପାଟିଲଙ୍କ ନିକଟକୁ ନିଜ ଇସ୍ତଫା ପତ୍ର ପଠାଇଛନ୍ତି। ରାଜ୍ୟ ସରକାରଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ବିଜୟପୁରା ଜିଲ୍ଲାର ଇନ୍ଦି ନିର୍ବାଚନମଣ୍ଡଳୀକୁ ମରୁଡି ପ୍ରଭାବିତ ଘୋଷଣା କରାଯାଇ ନାହିଁ ବୋଲି ବିଧାୟକ ପାଟିଲ ଅଭିଯୋଗ କରିଛନ୍ତି।ସେପ୍ଟେମ୍ବର ୨୨ ତାରିଖରେ ପାଟିଲ ଲେଖିଥିବା ଚିଠିରେ କୁହାଯାଇଛି ଯେ, ସେ ତାଙ୍କ ନିର୍ବାଚନ ମଣ୍ଡଳୀର ଲୋକଙ୍କ ଆଶା ଓ ଭରସା ରଖିବାରେ ବିଫଳ ହୋଇଛନ୍ତି। ବର୍ତ୍ତମାନର ରାଜନେ ?ତିକ ସ୍ଥିତିରେ କେବଳ ପ୍ରଭାବଶାଳୀ ଲୋକ ଓ ଯେଉଁମାନେ ଚାପ ପକାଇ ପାରିବେ ସେମାନଙ୍କୁ କେବଳ ଗୁରୁତ୍ୱ ଦିଆଯାଉଛି। ପାଟିଲ କହିଛନ୍ତି, ୨୦୨୬-୨୭ ଖରିଫ୍ ଋତୁରେ ଇନ୍ଦି ତାଲୁକ ମରୁଡି ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଥିଲା।ଅଗଷ୍ଟ ୨୮ତାରିଖରେ ସେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଇନ୍ଦି ତାଲୁକକୁ ମରୁଡ଼ି ପ୍ରଭାବିତ ଘୋଷଣା କରିବାକୁ ଅନୁରୋଧ କରିଥିଲେ। ତେବେ ବିଜୟପୁରା ଜିଲ୍ଲାର ୧୩ଟି ତାଲୁକ ମଧ୍ୟରୁ ଏପର୍ଯ୍ୟନ୍ତ ୧୧ଟି ତାଲୁକକୁ ମରୁଡ଼ି ଘୋଷିତ କରାଯାଇଛି, କେବଳ ଇନ୍ଦି ଓ ଚଡାଚନ ତାଲୁକକୁ ଛାଡି ଦିଆଯାଇଛି। ସାରା ରାଜ୍ୟରେ ଏପର୍ଯ୍ୟନ୍ତ ୧୮୮ଟି ତାଲୁକକୁ ମରୁଡ଼ି ଘୋଷିତ କରାଯାଇଛି ପାଟିଲ କହିଛନ୍ତି।ଉପମୁଖ୍ୟମନ୍ତ୍ରୀ ଜି ପରମେଶ୍ୱର ମଙ୍ଗଳବାର କହିଛନ୍ତି ଯେ, ମରୁଡ଼ି ପ୍ରଭାବିତ ତାଲୁକର ସଂଖ୍ୟା ଆଗାମୀ ଦିନରେ ୨୦୦ରେ ପହଞ୍ଚିପାରେ। ଡି କେ ଶିବକୁମାରଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍ ବିସ୍ତାରରେ ବାଦ୍ ପଡ଼ିବା ପରେ ପାଟିଲ ଅଗଷ୍ଟ ୩ ତାରିଖରେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ, କିନ୍ତୁ ପରେ ଦଳୀୟ ନେତୃତ୍ୱ ତାଙ୍କୁ ବୁଝାଇବା ପରେ ଏହାକୁ ପ୍ରତ୍ୟାହାର କରିନେଇଥିଲେ। ବାରମ୍ବାର ଆବେଦନ ସତ୍ତ୍ୱେ ଇନ୍ଦିକୁ ଏପର୍ଯ୍ୟନ୍ତ ମରୁଡ଼ିଗ୍ରସ୍ତ ଘୋଷଣା କରାଯାଇ ନଥିବା ତାଙ୍କ ଅଭିଯୋଗ ପରେ ଏହା ତାଙ୍କର ସଦ୍ୟତମ ଇସ୍ତଫା।

## 'ଏସଆଇଆର୍' ନିଷ୍ପତ୍ତି ସର୍ବସମ୍ମତ : ସ୍ପଷ୍ଟୀକରଣ ରଖିଲେ ନିର୍ବାଚନ କମିଶନ୍

**ନୂଆଦିଲ୍ଲୀ, ୨୩।୯(ଏଜେନ୍ସି):** ସ୍ୱତନ୍ତ୍ର ସଘନ ମତଦାତା ସୂଚୀ ସଂଶୋଧନ (ଏସଆଇଆର୍) ଓ ଭୋଟର ତାଲିକାରୁ ନାମ ବାଦକୁ ନେଇ କମିଶନ୍ ଭିତରେ ମତଭେଦ ଖବର ପଦାକୁ ଆସିବା ପରେ ନିର୍ବାଚନ କମିଶନ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ସମସ୍ତ ନିଷ୍ପତ୍ତି, ବିଶେଷ କରି ଏସଆଇଆର୍ ସମ୍ପର୍କିତ ସମସ୍ତ ପଦକ୍ଷେପ ମୁଖ୍ୟ ନିର୍ବାଚନ ଆୟୁକ୍ତ ଏବଂ ଦୁଇ ଜଣ ନିର୍ବାଚନ ଆୟୁକ୍ତଙ୍କ ସର୍ବସମ୍ମତି ଓ ଅନୁମୋଦନ କ୍ରମେ ଗ୍ରହଣ କରାଯାଇଛି ବୋଲି ବୁଧବାର କମିଶନ୍ ପକ୍ଷରୁ କୁହାଯାଇଛି। ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଗତ ୧୦ ମାସ ମଧ୍ୟରେ ଭୋଟର ଡାଟା ପରିଚାଳନା, ନାମ ବାଦ୍ ଏବଂ ଫର୍ମ-୬ ପରିବର୍ତ୍ତନ ଭଳି ବିଷୟରେ ଅତି କମରେ ୧୪ ଥର ଆପତ୍ତି ଉଠାଇଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା।ପଶ୍ଚିମବଙ୍ଗରେ ଭୋଟର ନାମ ପୁନରୁଦ୍ଧାର ନିର୍ଦ୍ଦେଶ ବିରୋଧରେ ଆବେଦନ କାହା ନିର୍ଦ୍ଦେଶରେ କରାଯାଇଛି ବୋଲି ସାନ୍ଧୁ ପ୍ରଶ୍ନ ଉଠାଇଥିବା ମଧ୍ୟ ଚର୍ଚ୍ଚା ହୋଇଥିଲା। ନିର୍ବାଚନ କମିଶନ୍ ଅଧିକାରୀମାନେ ସ୍ୱୀକାର କରିଛନ୍ତି ଯେ ଭୋଟର ସୂଚୀ ସଂଶୋଧନ ଓ ଡାଟା ପରିଚାଳନା




ନେଇ ଦୁଇ ଆୟୁକ୍ତ ଆପତ୍ତି ବା ପ୍ରଶ୍ନ ଉଠାଇଥିଲେ, ମାତ୍ର ଏହା କମିଶନର ଚୂଡ଼ାନ୍ତ ନିଷ୍ପତ୍ତିକୁ ପ୍ରଭାବିତ କରିନଥିଲା। ନିର୍ବାଚନ କମିଶନ୍ ଆଇନ ଏବଂ ସୁପ୍ରିମ୍ କୋର୍ଟଙ୍କ ରାୟ ଅନୁଯାୟୀ କମିଶନ୍ ସର୍ବଦା ସର୍ବସମ୍ମତି ପ୍ରକ୍ରିୟାକୁ ଗୁରୁତ୍ୱ ଦିଏ, ଏବଂ ମତଭେଦ ସ୍ଥଳେ ସଂଖ୍ୟାଗରିଷ୍ଠତା ଆଧାରରେ ନିଷ୍ପତ୍ତି ଗ୍ରହଣ କରାଯାଏ।ସୂଚନାଯୋଗ୍ୟ ଯେ, ୨୦୨୫ରେ ବିହାରରୁ ଆରମ୍ଭ ହୋଇଥିବା ଏହି ଏସଆଇଆର୍ ପ୍ରକ୍ରିୟା ଏବେ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସମ୍ପ୍ରସାରିତ ହୋଇଛି। ପ୍ରକୃତ ଭୋଟରଙ୍କ ନାମ ତାଲିକାରୁ ହଟାଯାଉଥିବା ନେଇ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରୁଥିବା ବେଳେ, କେବଳ ଅସିଦ୍ଧ ଓ ଦୋହରା ନାମ ହଟାଇ ଭୋଟର ତାଲିକା ସୁଧାରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ନିର୍ବାଚନ କମିଶନ୍ ସ୍ପଷ୍ଟ କରିଛି।

## ପିଏମଶ୍ରୀ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସେବା- ସଂକଳ୍ପ ଅଭିଯାନ ଅନୁଷ୍ଠିତ

**କଟକ, ୨୩।୯ (ନି.ପ୍ର) :** କଟକ ଜିଲ୍ଲା ନିଶ୍ଚିନ୍ତ କୋଇଲି ଶିକ୍ଷା ମଣ୍ଡଳ ଅଧିନସ୍ଥ ପି ଏମ ଶ୍ରୀ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ସେବା – ସଂକଳ୍ପ ଅଭିଯାନ ୨୦୨୬ ଅନୁଷ୍ଠିତ ହୋଇଯାଇଛି ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ମଲ୍ଲିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁ ର ସଭାପତି ଶିକ୍ଷାବିତ ନାରାୟଣ ରାଉତ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପରିବେଶବିତ୍ ପ୍ରମୋଦ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ଇତିଶ୍ରୀ ନାୟକ ପ୍ରମୁଖ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷା କ୍ଷେତ୍ରରେ ନୈପୁଣ୍ୟତା ସହ ସୃଜନଶୀଳତାର ବିକାଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ କରିଥଲେ। ଏହି ଅବସରରେ ସପ୍ତଦୀପ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅଭିଯାନ ଆରମ୍ଭ କରାଯାଇଥିଲା ।ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ କନିଷ୍ଠ ଓ ବରିଷ୍ଠ ବିଭାଗ ରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।କାର୍ଯ୍ୟକ୍ରମ ପରିଚାଳନା ରେ ବରିଷ୍ଠ ଶିକ୍ଷକ ସୁବ୍ରତ ବେହେରା, ବିଜୟ କୁମାର ସାହୁ, ନମିତା ବେହେରା, ଶୁଭଲକ୍ଷ୍ମୀ ଦାସ, ମଧୁସ୍ମିତା ଆଚାର୍ଯ୍ୟ, ସଙ୍ଗୀତା ନାୟକ, ବିକାଶ କୁମାର ରାଉତରାୟ, ଲକ୍ଷ୍ମୀଧର



ମହାନ୍ତି, ମମତା ସେନାପତି, ଦିପ୍ତିମୟୀ ବେହେରା, ଦେବଦୁଲ୍ଲଭ ରାଉତରାୟ, ଲକ୍ଷ୍ମୀପ୍ରିୟା ସାହୁ, ସଂଯୁକ୍ତା ବେହେରା, ସୁରେଶ ପରିଡ଼ା, ଶ୍ରୀରାମ ମିଶ୍ର, ଗାୟତ୍ରୀ ସାହୁ, ଚନ୍ଦ୍ରକଳା ବେହେରା ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ ।କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମିନତୀ ସାହୁ ସଂଯୋଜନା କରିଥିବା ବେଳେ ଶିକ୍ଷକ ହରିଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ।

## ଇଞ୍ଜିନ୍ ଖରାପ ଯୋଗୁଁ ଚେନ୍ନାଇରେ ବିମାନର ଜରୁରୀକାଳୀନ ଅବତରଣ

**ନୂଆଦିଲ୍ଲୀ, ୨୩।୯(ଏଜେନ୍ସି):** ଭିଏତନାମର ହୋ ଚି ମିନ୍ ସିଟିରୁ ଶ୍ରୀଲଙ୍କାର କଲମ୍ବୋ ଯାଉଥିବା ଏକ ବିମାନ ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଛି। ବିମାନର ଗୋଟିଏ ଇଞ୍ଜିନ୍ କାମ କରିବା ବନ୍ଦ କରିଦେବାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚେନ୍ନାଇ ବିମାନବନ୍ଦରରେ ଏହାର ଜରୁରୀକାଳୀନ ଅବତରଣ କରାଯାଇଛି। ବିମାନରେ ୧୪୩ ଜଣ ଯାତ୍ରୀ ଓ କ୍ରିୟୁ ସଦସ୍ୟ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।ଅଧିକାରୀଙ୍କ ସୂଚନା ଅନୁଯାୟୀ, ଇଞ୍ଜିନରେ ତ୍ରୁଟି ପରିଲକ୍ଷିତ ହେବା ପରେ ବିମାନବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଏବଂ 'ଏୟାରପୋର୍ଟ ଏମର୍ଜେନ୍ସି ପ୍ଲାନ୍' ଅନୁଯାୟୀ ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଥିଲା। ରାତି ପ୍ରାୟ ୧୧ଟା ସମୟରେ ଏୟାରବସ୍ ଏ୩୨୦ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା। ସମସ୍ତ ଯାତ୍ରୀ ଓ କ୍ରିୟୁ ସଦସ୍ୟ ସୁରକ୍ଷିତ ଭାବେ ଓହ୍ଲାଇବା ପରେ ରାତି ୧୧ଟା ୩୫ ମିନିଟରେ ଜରୁରୀକାଳୀନ ପରିସ୍ଥିତି ପ୍ରତ୍ୟାହାର କରାଯାଇଥିଲା ଏବଂ ବିମାନବନ୍ଦରର ସ୍ୱାଭାବିକ କାର୍ଯ୍ୟଚାଲୁ ରହିଥିଲା। ପରବର୍ତ୍ତୀ ସମୟରେ ବିମାନ ସଂସ୍ଥା ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇ ଯାତ୍ରୀମାନଙ୍କୁ କଲମ୍ବୋ ପଠାଯାଇଛି।

## ପୁଣି ଚମକିଲା ସେୟାର ବଜାର

**ନୂଆଦିଲ୍ଲୀ, ୨୩।୯(ଏଜେନ୍ସି):** ମଙ୍ଗଳବାର ହ୍ରାସ ପରେ ଆଜି ପୁଣି ଟ୍ରାକ୍‌କୁ ଫେରିଛି ଭାରତୀୟ ସେୟର ବଜାର । ବୁଧବାର ସକାଳୁ ସେନସେକ୍ସ ଓ ନିଫ୍ଟି ଉଭୟ ସବୁଜ ଚିହ୍ନରେ କାରବାର ଆରମ୍ଭ କରିଛନ୍ତି । ଅଶୋଧିତ ତୈଳ ଦରରେ ହ୍ରାସ ନିବେଶକଙ୍କୁ କିଛିଟା ଆଶ୍ୱସ୍ତି କରିଥିବା ବେଳେ ବିଦେଶୀ ନିବେଶକଙ୍କ ବିକ୍ରି ଏବେ ବି ବଜାର ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି । ସେପ୍ଟେମ୍ବର ୨୩, ବୁଧବାର ସକାଳୁ ଭାରତୀୟ ଶେୟର ବଜାରରେ ଦେଖିବାକୁ ମିଳିଛି ସୁଧାର । ୩୦ଟି ପ୍ରମୁଖ କମ୍ପାନୀକୁ ନେଇ ଗଠିତ ବିଏସଇ ସେନସେକ୍ସ ପ୍ରାରମ୍ଭିକ କାରବାରରେ ୨୮୩.୬୬ ପଏଣ୍ଟ ବଢ଼ି ୭୪ ହଜାର ୮୧୨.୭୪ ପଏଣ୍ଟରେ ପହଞ୍ଚିଥିଲା । ସେହିଭଳି ଏନଏସଇ ନିଫ୍ଟି ମଧ୍ୟ ୮୫.୫୫ ପଏଣ୍ଟ ବୃଦ୍ଧି ପାଇ ୨୩ ହଜାର ୪୧୪.୫୫ ପଏଣ୍ଟରେ କାରବାର କରିଥିଲା ।ସେନସେକ୍ସର ୩୦ଟି କମ୍ପାନୀ ମଧ୍ୟରୁ ବଜାଜ ଫାଇନାନ୍ସ, ବଜାଜ ଫିନସର୍ଭ, ଟାଟା ଷ୍ଟିଲ୍, ଅଲ୍ଟ୍ରାଟେକ୍ ସିମେଣ୍ଟ, ଲାର୍ସନ୍ ଆଣ୍ଡ ଟୁବ୍ରୋ ଏବଂ ଏସିଆନ୍ ପେଣ୍ଟସ୍ ଭଳି ଷ୍ଟକ୍‌ରେ କିଣାକିଣି ଦେଖାଯାଇଥିଲା । ଅନ୍ୟପକ୍ଷରେ ଟିସିଏସ୍, ଇନଫୋସିସ୍, ଏଚଡିଏଫସି ବ୍ୟାଙ୍କ ଏବଂ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଭଳି ଷ୍ଟକ୍ ଚାପରେ ରହିଥିଲା । ବଜାରକୁ ଆଜି ଆଉ ଏକ ଆଶ୍ୱସ୍ତି ଦେଇଛି ଅଶୋଧିତ ତୈଳ ଦର । ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ୦.୯୭ ପ୍ରତିଶତ ହ୍ରାସ ପାଇ ୯୮.୨୯ ଡଲାର ପ୍ରତି ବ୍ୟାରେଲ୍‌ରେ କାରବାର କରୁଥିଲା । ଭାରତ ନିଜର ଅଧିକାଂଶ ତୈଳ ଆବଶ୍ୟକତା ଆମଦାନୀ କରୁଥିବାରୁ କ୍ରୁଡ୍ ଦର କମିବା ମୁଦ୍ରାସ୍ଫୀତି ଏବଂ ବାହ୍ୟ ଆର୍ଥିକ ସନ୍ତୁଳନ ଦୃଷ୍ଟିରୁ କିଛିଟା ଆଶ୍ୱସ୍ତି ଆଣିପାରେ ।ତେବେ ବଜାର ଉପରେ ଏବେ ବି ରହିଛି ବିଦେଶୀ ନିବେଶକଙ୍କ ବିକ୍ରି ଚାପ । ଏକ୍ସଚେଞ୍ଜ ତଥ୍ୟ ଅନୁସାରେ, ମଙ୍ଗଳବାର ବିଦେଶୀ ପ୍ରତିଷ୍ଠାନଗତ ନିବେଶକ ବା ଏଫଆଇଆଇ ୩ ହଜାର ୮୦୯.୯୯ କୋଟି ଟଙ୍କାର ଶେୟର ବିକ୍ରି କରିଥିଲେ । ମଧ୍ୟପ୍ରାଚ୍ୟରେ ଚାଲିଥିବା ଅନିଶ୍ଚିତତା ବିଶ୍ୱ ବଜାରର ରିସ୍କ ଆପେଟାଇଟ୍‌କୁ ପ୍ରଭାବିତ କରୁଥିବାରୁ ଏହାର ପ୍ରଭାବ ଭାରତୀୟ ବଜାର ଉପରେ ମଧ୍ୟ ପଡୁଛି ।

## 'ରୁଷ-ଭାରତ ତେଲ କାରବାର ବନ୍ଦ ହେଲେ ଅଟକିବ ଯୁଦ୍ଧ'

**ନୂଆଦିଲ୍ଲୀ, ୨୩।୯(ଏଜେନ୍ସି):** ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ପାଇଁ ରୁଷର ପ୍ରମୁଖ ଆର୍ଥିକ ଉତ୍ସ ଭାରତ, ଚୀନ୍ ଓ ତୁର୍କୀ ସହ ଚାଲିଥିବା ତେଲ ବାଣିଜ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି। 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ'କୁ ଦେଇଥିବା ଏକ ସାକ୍ଷାତକାରରେ ଜେଲେନସ୍କି କହିଛନ୍ତି ଯେ, ରୁଷ ନିଜର ଆର୍ଥିକ ସ୍ଥିତି ପାଇଁ ସମ୍ପୂର୍ଣ୍ଣ ଭାବେ ଭାରତ, ଚୀନ୍ ଓ ତୁର୍କୀ ଉପରେ ନିର୍ଭରଶୀଳ। ଯଦି ଏହି ଦେଶଗୁଡ଼ିକ ରୁଷ ସହ ତେଲ କାରବାର ବନ୍ଦ କରିଦିଅନ୍ତି, ତେବେ ମସ୍କୋ ଯୁଦ୍ଧ ଜାରି ରଖିବାକୁ ଅସମର୍ଥ ହେବ।



ମିଳିତ ଜାତିସଂଘ ସାଧାରଣ ପରିଷଦ ଅଧିବେଶନ ଅବସରରେ ଜେଲେନସ୍କି କହିଛନ୍ତି ଯେ ଭାରତ, ଚୀନ୍ ଓ ଆମେରିକା ମିଳିତ ଭାବେ ଚାପ ପକାଇଲେ ରୁଷକୁ ଯୁଦ୍ଧରୁ ଓହରିବାକୁ ବାଧ୍ୟ କରାଯାଇପାରିବ। ବର୍ତ୍ତମାନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଲିଣ୍ଡସେ ଓ. ଗ୍ରାହାମ୍ ସାଙ୍କସନିଂ ରୁଷ ଆଣ୍ଡ ଇରାନ୍ ଆକ୍ଟ'ରେ ସ୍ୱାକ୍ଷର କରିବା ପରେ ଜେଲେନସ୍କିଙ୍କ ଏହି ବୟାନ ସାମ୍ନାକୁ ଆସିଛି। ଏହି ନୂତନ ଆଇନ ଅଧୀନରେ ରୁଷଠାରୁ ଅଶୋଧିତ ତେଲ କିଣୁଥିବା ଭାରତ, ଚୀନ୍, ସ୍ଲୋଭାକିଆ, ହଙ୍ଗେରୀ ଏବଂ ଆଜରବାଇଜାନ୍ ଭଳି ଦେଶଗୁଡ଼ିକ ଉପରେ ଆମେରିକା ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇପାରିବ।ସୂଚନାଯୋଗ୍ୟ, ରୁଷଠାରୁ ଅଶୋଧିତ ତେଲ ଆମଦାନୀ କରୁଥିବା ବିଶ୍ୱର ପ୍ରମୁଖ ଦେଶଗୁଡ଼ିକ ମଧ୍ୟରେ ଭାରତ ଅନ୍ୟତମ। ଭାରତ ନିଜର ମୋଟ ଅଶୋଧିତ ତେଲ ଆବଶ୍ୟକତାର ଏକ-ତୃତୀୟାଂଶରୁ ଅଧିକ ରୁଷରୁ ଆମଦାନୀ କରେ। ତେବେ ଆମେରିକାର ପ୍ରତିବନ୍ଧକ ଚେତାବନୀ ସତ୍ତ୍ୱେ ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି ଯେ, ଦେଶର ଶକ୍ତି ସୁରକ୍ଷା ଏବଂ ବଜାର ଦରକୁ ଆଖିଆଗରେ ରଖି ହିଁ ତେଲ କ୍ରୟ ସମ୍ପର୍କିତ ନିଷ୍ପତ୍ତି ନିଆଯାଉଛି। ଭାରତସ୍ଥିତ ରୁଷ ଦୂତ ଦେନିସ୍ ଆଲିପୋଭ୍ ମଧ୍ୟ କହିଛନ୍ତି ଯେ, ଭାରତ ନିଜର ବିକାଶ ପାଇଁ ତେଲ କିଣୁଛି ଏବଂ ମସ୍କୋ ଭାରତର ଶକ୍ତି ଚାହିଦା ପୂରଣ କରିବାକୁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।

## ସିଇସିଙ୍କୁ ଭାରତର ଶତ୍ରୁ କହିଲେ ଅଭିଜିତ୍ ଦୀପକେ

କନକବ୍ୟୁରୋ : ସ୍ୱତନ୍ତ୍ର ସଘନ ମତଦାତା ସୂଚୀ ସଂଶୋଧନ (ଏସଆଇଆର୍) ପ୍ରକ୍ରିୟାକୁ ନେଇ ନିର୍ବାଚନ କମିଶନରେ ଅନ୍ତର୍କନ୍ଦଳ ପଦାରେ ପଡ଼ିବା ପରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ନିର୍ବାଚନ କମିଶନର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ତିନି ଜଣିଆ କମିଶନର ଅନ୍ୟ ଦୁଇ ଜଣ ଆୟୁକ୍ତଙ୍କୁ ଅନ୍ଧାରରେ ରଖାଯାଉଥିବା ନେଇ ଏକ ସାମ୍ବାଦିକୀୟ ରିପୋର୍ଟ ପ୍ରକାଶ ପାଇବା ପରେ ''କୋକ୍ରୋଚ୍ ଜନତା ପାର୍ଟି'' (ସିଜେପି) ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ବୁଧବାର ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କୁ ଭାରତର ଶତ୍ରୁ ବୋଲି କହି ସମାଲୋଚନା କରିଛନ୍ତି।ସୋସିଆଲ ମିଡିଆ ''ଏକ୍ସ''ରେ ଏକ ପୋଷ୍ଟ କରି ଦୀପକେ କହିଛନ୍ତି ଯେ, ମୁଖ୍ୟ ନିର୍ବାଚନ ଆୟୁକ୍ତ ନିର୍ବାଚନ ପରିଚାଳନା ନକରି ଏହାର ''ସ୍କ୍ରିପ୍ଟ'' ପ୍ରସ୍ତୁତ କରୁଛନ୍ତି। ଉକ୍ତ ରିପୋର୍ଟକୁ ଆଧାର କରି ସେ ଦାବି କରିଛନ୍ତି ଯେ, ଭୋଟର ତାଲିକାରୁ ପ୍ରାୟ ୧୨ କୋଟିରୁ ଉର୍ଦ୍ଧ୍ୱ ନାମ ବାଦ୍ ଦିଆଯାଇଛି, ଯାହାକି ୨୦୨୪ ଲୋକସଭା ନିର୍ବାଚନର ମୋଟ ୯୭ କୋଟି ଭୋଟରଙ୍କର ପ୍ରାୟ ୧୨.୪ ପ୍ରତିଶତ। ୨୦୨୪ ନିର୍ବାଚନରେ ଏନଡିଏ ଓ ବିରୋଧୀ



ମେଣ୍ଟ ମଧ୍ୟରେ ଭୋଟ୍ ପ୍ରତିଶତର ବ୍ୟବଧାନ ମାତ୍ର ୨ ପ୍ରତିଶତ ଥିବା ବେଳେ ଏତେ ପରିମାଣର ନାମ ବାଦ୍ ପଡ଼ିବା ସନ୍ଦେହଜନକ ବୋଲି ସେ ଅଭିଯୋଗ କରିଛନ୍ତି। ଇଣ୍ଡିଆନ୍ ଏକ୍ସପ୍ରେସର ତଦନ୍ତମୂଳକ ରିପୋର୍ଟ ଅନୁଯାୟୀ, ନିର୍ବାଚନ କମିଶନର ଦୁଇ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ଗତ ୧୦ ମାସ ମଧ୍ୟରେ କମିଶନର ନିଷ୍ପତ୍ତି ବିରୋଧରେ ଅତି କମରେ ୧୪ ଥର ଅନୁପଚାରିକ ଓ ଲିଖିତ ଆପତ୍ତି ଉଠାଇଛନ୍ତି। ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଥିବା ଏସଆଇଆର୍ ପ୍ରକ୍ରିୟାରେ ପ୍ରାୟ ୧୩ କୋଟି ଭୋଟରଙ୍କ ନାମ ପ୍ରାରମ୍ଭିକ ତାଲିକାରୁ ବାଦ୍ ଦିଆଯିବା ସମୟରେ ଏହି ମତଭେଦ ସାମ୍ନାକୁ ଆସିଛି। ଅପରପକ୍ଷରେ, ବିରୋଧୀଙ୍କ କଡ଼ା ପ୍ରତିକ୍ରିୟା ପରେ ନିର୍ବାଚନ କମିଶନ୍ ସୂତ୍ରରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ଏସଆଇଆର୍ ପ୍ରକ୍ରିୟା ସମେତ କମିଶନ୍ ଦ୍ୱାରା ଗ୍ରହଣ କରାଯାଇଥିବା ସମସ୍ତ ନିଷ୍ପତ୍ତିରେ ତିନି ଜଣଯାକ ନିର୍ବାଚନ ଆୟୁକ୍ତଙ୍କ ସମ୍ମତି ରହିଥିଲା ବୋଲି କମିଶନ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି।

### ମେଘାଳୟରେ ବିଜେପି ମଜବୁତ

# ୮ ୟୁଡିପି ବିଧାୟକ ପଦ୍ମ ଧରିଲେ

**ନୂଆଦିଲ୍ଲୀ, ୨୩।୯(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାତିସଂଘ ସାଧାରଣ ପରିଷଦର ମଞ୍ଚରେ ମଙ୍ଗଳବାର ଦିନ ମିଛ କହିଛନ୍ତି। ତାଙ୍କର ୩୭ ମିନିଟର ଭାଷଣରେ, ସେ ବିଶ୍ୱ ନେତାମାନଙ୍କ ସମ୍ମୁଖରେ ତାଙ୍କ ସରକାରର ପ୍ରଶଂସା କରି ଇରାନକୁ ପୃଥିବୀରୁ ପୋଛି ଦେବାକୁ ଧମକ ଦେଇଥିଲେ ଏଆଇର ଚ୍ୟାଲେଞ୍ଜକୁ ବିରୋଧ କରି ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା କରିଥିଲେ । ଏକ ଲେଖାଯାଇଥିବା କାଗଜକୁ ପଢି ଭାଷଣ ଦେଇଥିଲେ। ଏଥିରେ ଅନେକ ମିଥ୍ୟା ଦାବି ଥିଲା। ନିଜକୁ ଶାନ୍ତିଦୂତ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରି ପୁରୁଣା ମିଥ୍ୟାକୁ ପୁଣି ଥରେ ଦୋହରାଇଥିଲେ। ଟ୍ରମ୍ପ କହିଥିଲେ ଯେ ସେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଆଠଟି ଯୁଦ୍ଧ




ସମାପ୍ତ କରିବା ତାଙ୍କ ପାଇଁ ସମ୍ମାନର ବିଷୟ ପାଲଟିଛି ।ସେ କାମ୍ବୋଡିଆ ଏବଂ ଥାଇଲ୍ୟାଣ୍ଡ, କୋସୋଭୋ ଏବଂ ସର୍ବିଆ, ରୱାଣ୍ଡା ଏବଂ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ, ଭାରତ ଏବଂ ପାକିସ୍ତାନ, ଆର୍ମେନିଆ ଏବଂ ଆଜରବାଇଜାନ ମଧ୍ୟରେ ଯୁଦ୍ଧ ଏବଂ ଗାଜା ଯୁଦ୍ଧର ନାମ ନେଇଥିଲେ। ସେ ପୂର୍ବରୁ ଗତ ବର୍ଷ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ହୋଇଥିବା ଛୋଟ ବିବାଦ ଏବଂ ମିଶର ଏବଂ ଇଥିଓପିଆ ମଧ୍ୟରେ ହୋଇଥିବା କଥିତ ଯୁଦ୍ଧକୁ ମଧ୍ୟ ଶେଷ କରିଥିବା ଦାବି କରିଥିଲେ। ଅପରେସନ ସିନ୍ଦୂର ବିବାଦର ଉଲ୍ଲେଖ ସ୍ପଷ୍ଟ ଭାବରେ ସୂଚାଇ ଦେଇଥିଲା ଯେ, ଟ୍ରମ୍ପ ଭାରତ ଏବଂ ପାକିସ୍ତାନକୁ ନେଇ ମିଛ କହୁଛନ୍ତି। ଭାରତ ବାରମ୍ବାର ସ୍ପଷ୍ଟ କରିସାରିଛି, ଦୁଇ ଦେଶ ମଧ୍ୟରେ ପାରସ୍ପରିକ ଆଲୋଚନା ପରେ ପାକିସ୍ତାନ ସହିତ ବିବାଦ ଶେଷ ହୋଇଥିଲା। ଏଥିରେ କୌଣସି ତୃତୀୟ ଦେଶର ଭୂମିକା ନଥିଲା। ସିଏନଏନର ଏକ ଫ୍ୟାକ୍ଟ ଚେକ୍ ରିପୋର୍ଟ ଅନୁଯାୟୀ, ଇଜିପ୍ଟ ଏବଂ ଇଥିଓପିଆ ମଧ୍ୟରେ କୌଣସି ଯୁଦ୍ଧ ହୋଇନାହିଁ, ସର୍ବିଆ ଏବଂ କୋସୋଭୋ ମଧ୍ୟରେ ବି କୌଣସି ଯୁଦ୍ଧ ହୋଇନାହିଁ। ରୱାଣ୍ଡା ଏବଂ କଙ୍ଗୋ ଏବେ ବି ଲଢୁଛନ୍ତି। ସେହିପରି ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଜାରି ରହିଛି। ଏଥିରୁ ସ୍ପଷ୍ଟ ହୋଇଥିଲା ଯେ, ଆଠଟି ଯୁଦ୍ଧ ଶେଷ କରିଥିବା ଟ୍ରମ୍ପଙ୍କ ଦାବି ଅତିରଞ୍ଜିତ ।ଟ୍ରମ୍ପଙ୍କ ଏଆଇ ପ୍ରତି ପ୍ରେମ ସମ୍ପ୍ରତି ବିଶ୍ୱ ସମ୍ମୁଖରେ ସ୍ପଷ୍ଟ ହୋଇଛି। ସାଧାରଣ ସଭାରେ, ଟ୍ରମ୍ପ ଭୟଙ୍କର ଚେତାବନୀକୁ ପରିହାସ କରିଥିଲେ ଯେ ଏଆଇ ଶେଷରେ ଲୋକଙ୍କୁ ହତ୍ୟା କରିପାରେ। ସେ କହିଥିଲେ ଯେ ଏହି ଶବ୍ଦଗୁଡ଼ିକ ସେହି ଲୋକମାନେ ଦେଇଛନ୍ତି, ଯେଉଁମାନେ କହିଥିଲେ ଯେ ବିଶ୍ୱ ଉଷ୍ମତା ଯୋଗୁଁ ଆମେ ସମସ୍ତେ ୧୨ ବର୍ଷ ମଧ୍ୟରେ ମରିଯିବା। କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁ ସ୍ଥିତି ବଦଳିଯାଇଛି। ପୃଥିବୀ ଉଷ୍ମ ହେବା ପରିବର୍ତ୍ତେ ଥଣ୍ଡା ହେଉଥିଲା ଏବଂ କେହି ମରିନଥିଲେ।।



## ନୋଭୋଟେଲ ଭୁବନେଶ୍ୱର ଜନପଥର ଗ୍ରାଣ୍ଡ ଶୁଭାରମ୍ଭ

**ଭୁବନେଶ୍ୱର, ୨୩।୯ (ନି.ପ୍ର):** ଭୁବନେଶ୍ୱରରେ ଆନ୍ତର୍ଜାତୀୟ ଆତିଥେୟତା ର ନୂଆ ଅଧ୍ୟାୟକ୍ଷ ଦୈନନ୍ଦିନ ଜୀବନରେ ସୁସ୍ଥତା, ସନ୍ତୁଳନ ଓ ଦୀର୍ଘାୟୁକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ବିଶ୍ୱସ୍ତରୀୟ ହୋଟେଲ ବ୍ରାଣ୍ଡ ନୋଭୋଟେଲ ରାଜଧାନୀ ଭୁବନେଶ୍ୱରରେ ନୂଆ ଅଧ୍ୟାୟ ଆରମ୍ଭ କରିଛି। ନୋଭୋଟେଲ ଭୁବନେଶ୍ୱର ଜନପଥର ଶୁଭାରମ୍ଭ ସହ ମନ୍ଦିର ମାଳିନୀ ସହରରେ ପ୍ରଥମ ଥର ପାଇଁ ପ୍ରବେଶ କରିଛି ଆନ୍ତର୍ଜାତୀୟ ହସ୍ପିଟାଲିଟି ଗ୍ରୁପ୍ ଆକୋରକ୍ଷ ଏହା କେବଳ ଏକ ନୂଆ ହୋଟେଲର ଆଗମନ ନୁହେଁ, ବରଂ ଭୁବନେଶ୍ୱରର ଆତିଥେୟତା କ୍ଷେତ୍ରରେ ଏକ ନୂଆ ମାନଦଣ୍ଡର ଆରମ୍ଭ।ନୋଭୋଟେଲ ଭୁବନେଶ୍ୱର ସହରର ପ୍ରଥମ ଆନ୍ତର୍ଜାତୀୟ ବ୍ରାଣ୍ଡେଡ ହସ୍ପିଟାଲିଟିଡେଷ୍ଟିନେସନ୍ଭାବେ ବ୍ୟବସାୟ, ପର୍ଯ୍ୟଟନ ଓ ସାଂସ୍କୃତିକ ପରିଚୟକୁ ବିଶ୍ୱସ୍ତରୀୟ ଆତିଥେୟତା ସହ ଯୋଡ଼ିବାର ନୂଆ ସୁଯୋଗ ସୃଷ୍ଟି କରିଛି।ସହି ଦ୍ଦଗର ଜନପଥରେ ଏହାକୁ ବୁଧବାର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱରର ପ୍ରମୁଖ ବ୍ୟବସାୟିକ ଓ ପର୍ଯ୍ୟଟନସ୍ଥଳଗୁଡିକ ସହ ଉନ୍ନତ ଯୋଗାଯୋଗ ରହିଥିବା ଅଞ୍ଚଳରେ ନୋଭୋଟେଲ ଭୁବନେଶ୍ୱର ଜନପଥ ଅବସ୍ଥିତ। ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱର ରେଳଷ୍ଟେସନ, କଳିଙ୍ଗଷ୍ଟାଡିୟମ ସମେତ ସହରର ପ୍ରମୁଖ ବାଣିଜ୍ୟିକ ଅଞ୍ଚଳ ଓ ଐତିହ୍ୟସ୍ଥାନ ଗୁଡ଼ିକ ଏଠାରୁ ସହଜରେ ପହଞ୍ଚିହେବ।ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ମଧ୍ୟ ହୋଟେଲ ନିକଟରେ ରହିଛି। ଏହା ଫଳରେ ବ୍ୟବସାୟିକ ଓ ପର୍ଯ୍ୟଟନ ଉଦ୍ଦେଶ୍ୟରେ ଭୁବନେଶ୍ୱର ଆସୁଥିବା ଅତିଥି ମାନଙ୍କ ପାଇଁ




ହୋଟେଲଟି ସୁବିଧା ଜନକ ହୋଇ ପାରିବ। ନୋଭୋଟେଲ ଭୁବନେଶ୍ୱରରେ ମୋଟ ୧୧୮ଟି ରୁମ୍ସ ଓ ସୁଇଟ୍‌ରହିଛି।ଆଧୁନିକ ଡିଜାଇନ୍ ଓ ଆବଶ୍ୟକ ସୁବିଧା ସହିତ ଏହି ରୁମ ସବୁକୁ ପ୍ରସ୍ତୁତ କରାଯାଇଛି।ସୁପିରିୟର ଓଏକ୍ସିକ୍ୟୁଟିଭ୍ରୁମ୍ସହିତ ଦୀର୍ଘ ସମୟ ରହିବା ଏବଂ ପରିବାର ସହ ଯାତ୍ରା କରୁଥିବା ଅତିଥିଙ୍କ ପାଇଁ ବଡ଼ ସୁଇଟ୍‌ର ବ୍ୟବସ୍ଥା ମଧ୍ୟ ଏଠାରେ ରହିଛି। ଆଧୁନିକ ସୁବିଧା, ଉନ୍ନତ ଇଣ୍ଟରନେଟ୍‌ଂ ଯୋଗ ଓ ଆରାମ ଦାୟକ ପରିବେଶ ଏହାର ମୁଖ୍ୟ ବିଶେଷତା। ହୋଟେଲରେ ପ୍ରାୟ ୧୨,୦୦୦ବର୍ଗ ଫୁଟ୍ ପରିମିତ ଅଞ୍ଚଳରେ ସାମାଜିକ ଓ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥାନରହିଛି। ବିବାହ, କର୍ପୋରେଟ୍କାର୍ଯ୍ୟକ୍ରମ, ସମ୍ମିଳନୀ, ବୈଠକ ଓ ବିଭିନ୍ନ ସାମାଜିକ ଉତ୍ସବ ପାଇଁ ଏଠାରେ ବିଭିନ୍ନ ପ୍ରକାରର ଭେନ୍ୟୁ ଉପଲବ୍ଧ। ଛୋଟ ଅନୁଷ୍ଠାନ ଠାରୁ ଆରମ୍ଭ କରି ବଡ଼ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଆୟୋଜନ କରିବା ପାଇଁ ଏହି ସ୍ଥାନ ଗୁଡ଼ିକୁ ଡିଜାଇନ୍କରାଯାଇଛି। ହୋଟେଲର ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ମଧ୍ୟ ଏହାର ଅନ୍ୟତମ ଆକର୍ଷଣ। ଫୁଡ୍‌ଏକ୍ସଚେଞ୍ଜ୍‌ହେଉଛି ହୋଟେଲର ଅଲ୍-ଡେଡାଇନିଂ ରେଷ୍ଟୁରାଣ୍ଟ। ଏଠାରେ ବିଭିନ୍ନ ଅନ୍ତର୍ଜାତୀୟ ଖାଦ୍ୟ ସହ ଆଞ୍ଚଳିକ ଖାଦ୍ୟର ସ୍ୱାଦ ମଧ୍ୟ ମିଳିବ। ଟିଆଣ୍ଡଟୋନିକ୍ ଏକ ଆରାମଦାୟକ ସ୍ଥାନ, ଯେଉଁଠାରେ ଅତିଥିମାନେ ବିଭିନ୍ନ ପାନୀୟ ଓ ହାଲୁକା ଖାଦ୍ୟ ସହ ସମୟ ବିତାଇ ପାରିବେ। ସେହିପରି ଇ୨୦ ଇଷ୍ଟଏସେନ୍ସ, ପ୍ୟାନଏସିଆନକିଚେନ୍ ଆଣ୍ଡ ବାରରେ ବିଭିନ୍ନ ଏସିଆନ ଖାଦ୍ୟରସ୍ୱାଦ ମିଳିବ।ଏହା ଦ୍ୱାରା ରାଜଧାନୀ ଭୁବନେଶ୍ୱରରେ ଏକ ନୂଆଡାଇନିଂ ଅନୁଭୂତି ଦେବାକୁ ଲକ୍ଷ୍ୟ ରଖିଛି। ନୋଭୋଟେଲର 'ମୁଭ୍' ଧାରଣା ଅନୁଯାୟୀ ହୋଟେଲରେ ଆଧୁନିକ ଫିଟନେସ୍‌ସେଣ୍ଟର ଓ ଅବସର ବିନୋଦନ ପାଇଁ ସୁବିଧା ମଧ୍ୟ ରହିଛି। ଏହା ମାଧ୍ୟମରେ ଯାତ୍ରା ସମୟରେ ମଧ୍ୟ ଅତିଥି ମାନେ ନିଜ ଫିଟନେସ୍ ଓ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ପାରିବେ। ନୋଭୋଟେଲ ଭୁବନେଶ୍ୱର ଜନପଥର ଜେନେରାଲ ମ୍ୟାନେଜର ନୀଲାଭ ସହାୟ କହିଛନ୍ତି, "ଭୁବନେଶ୍ୱର ପୂର୍ବ ଭାରତର ଏକ ପ୍ରମୁଖ ବ୍ୟବସାୟିକ ଓ ସାଂସ୍କୃତିକ କେନ୍ଦ୍ରଭାବେ ଦ୍ରୁତଗତିରେ ଆଗକୁ ବଢୁଛି।ଏହି ବିକାଶ ଯାତ୍ରାର ଅଂଶ ହୋଇପାରିଥିବାରୁ ଆମେ ଗର୍ବିତ। ଆଧୁନିକ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୋଭୋଟେଲ ଭୁବନେଶ୍ୱର ଜନପଥକୁ ପ୍ରସ୍ତୁତ କରାଯାଇଛି। ସର୍ବୋତ୍ତମ ସେବା, ବିଭିନ୍ନ ପ୍ରକାରର ମିଟିଂସ୍ପେସ୍ ଓ ଉନ୍ନତ ରହଣି ଅନୁଭୂତି ଏହାର ମୁଖ୍ୟ ବିଶେଷତା।ଏହି ଶୁଭାରମ୍ଭ ଅଞ୍ଚଳରେ ଆକୋରର ଉପସ୍ଥିତିକୁ ଆହୁରି ମଜବୁତ କରିବା ସହ ପୂର୍ବଭାରତର ବିକାଶ ପ୍ରତି ଆମର ପ୍ରତିବଦ୍ଧତାର ପରିପ୍ରକାଶ କରୁଛି। ଏହି ହୋଟେଲ ଭୁବନେଶ୍ୱରର ବଢୁଥିବା ବ୍ୟବସାୟ, ପର୍ଯ୍ୟଟନ, ସମ୍ମିଳନୀ ଓ ସାମାଜିକ କାର୍ଯ୍ୟକ୍ରମ କ୍ଷେତ୍ରକୁ ନୂଆ ସୁବିଧା ଯୋଗାଇବା ସହ ସହରର ଆତିଥ୍ୟ ଶିଳ୍ପକୁ ଆହୁରି ସମୃଦ୍ଧ କରିବାରେ ସହାୟକ ହେବ।

## ଆମେରିକାର ସର୍ବାଧିକ ପ୍ରଶଂସିତ କାର୍ଯ୍ୟକ୍ଷେତ୍ର ୨୦୨୭ ତାଲିକାରେ କଗ୍ନିଜାଂଟ

**ଭୁବନେଶ୍ୱର, ୨୩।୯ (ନି.ପ୍ର) :** ନ୍ୟୁଜଓ୍ୱିକ୍ ଏବଂ ପ୍ଲାଂଟ-ଏ ଇନ୍‌ସାଇଟ୍ସ ଗ୍ରୁପ୍ ଦ୍ୱାରା ପ୍ରକାଶିତ ଆମେରିକାର ସର୍ବାଧିକ ପ୍ରଶଂସିତ କାର୍ଯ୍ୟକ୍ଷେତ୍ର ୨୦୨୭ ତାଲିକାରେ କଗ୍ନିଜାଂଟକୁ ସାମିଲ କରାଯାଇଛି। କଗ୍ନିଜାଂଟ କ୍ରମାଗତ ଦ୍ୱିତୀୟ ବର୍ଷ ଏହି ମାନ୍ୟତା ହାସଲ କରିଛି । ଏହି ତାଲିକା ସେହି ସଂସ୍ଥାଗୁଡିକୁ ହାଇଲାଇଟ କରିଥାଏ ଯାହା ପ୍ରତିଭାଙ୍କୁ ଆକର୍ଷିତ କରିବା, କର୍ମଚାରୀମାନଙ୍କୁ ନିୟୋଜିତ କରିବା ଏବଂ କର୍ମକ୍ଷେତ୍ରରେ ଅସାଧାରଣ ଅନୁଭୂତି ସୃଷ୍ଟି କରିବାରେ ଉତ୍କର୍ଷତା ହାସଲ କରିଛନ୍ତି। ଚଳିତ ବର୍ଷର ର୍ୟାଙ୍କିଙ୍ଗ୍ ପ୍ରତିଭାକୁ ଆକର୍ଷିତ କରିବା, କର୍ମଚାରୀଙ୍କ ଯୋଗଦାନକୁ ପ୍ରୋତ୍ସାହିତ କରିବା ଏବଂ ଏକ ଦୃଢ ସାମଗ୍ରିକ କାର୍ଯ୍ୟକ୍ଷେତ୍ର ଅଭିଜ୍ଞତା ପ୍ରଦାନ କରିବା ପାଇଁ ସେମାନଙ୍କର କ୍ଷମତା ଲାଗି ୭୫୦ଟି ସଂସ୍ଥାକୁ ସ୍ୱୀକୃତି ଦେଇଛି । ୧୨୦ରୁ ଅଧିକ ଓ୍ୱର୍କଫୋର୍ସ ପରଫର୍ମାନ୍ସ ଇଣ୍ଡିକେଶଯର ସହିତ ୩୯୦,୦୦୦ରୁ ଅଧିକ କର୍ମଚାରୀଙ୍କ ସାକ୍ଷାତକାରୀ ଏବଂ ପ୍ରମୁଖ କାର୍ଯ୍ୟକ୍ଷେତ୍ର ସନ୍ତୁଷ୍ଟିକରଣ ବର୍ଗରେ ୧୭୯୦୦୦ରୁ ଅଧିକ କର୍ମଚାରୀଙ୍କ ତଥ୍ୟ ଆଧାରରେ ଏହି ମୂଲ୍ୟାଙ୍କନ କରାଯାଇଛି। କାର୍ଯ୍ୟକ୍ଷେତ୍ରର ନିୟମିତ କାର୍ଯ୍ୟର ଗୁଣାତ୍ମକ ମୂଲ୍ୟାଙ୍କନ ସହ ମିଳିତ ହୋଇ ଏହି ର୍ୟାଙ୍କିଙ୍ଗ ନିଯୁକ୍ତିଦାତାଙ୍କ ଉତ୍କର୍ଷତାର ଏକ ବିସ୍ତୃତ ଦୃଶ୍ୟ ପ୍ରଦାନ କରୁଛି।

ଏସମ୍ପର୍କରେ କଗ୍ନିଜାଂଟର ମୁଖ୍ୟ ଲୋକ ଅଧିକାରୀ କ୍ୟାଥି ଡିଆଜ କହିଛନ୍ତି,' କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ନ୍ୟୁଜଓ୍ୱିକ୍‌ର ଆମେରିକାର ସବୁଠାରୁ ପ୍ରଶଂସିତ କାର୍ଯ୍ୟକ୍ଷେତ୍ର ମଧ୍ୟରୁ ଗୋଟିଏ ଭାବରେ ନାମିତ ହେବା, ଅର୍ଥପୂର୍ଣ୍ଣ କ୍ୟାରିୟର ବିକଶିତ କରିବା ସହିତ ସହଯୋଗୀମାନଙ୍କୁ ସେମାନଙ୍କର ଶ୍ରେଷ୍ଠତାରେ ରହିବାରେ ସହଯୋଗ କରୁଥିବା ଏକ କାର୍ଯ୍ୟକ୍ଷେତ୍ର ସଂସ୍କୃତି ସୃଷ୍ଟି କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି।' ସେହିପରି ନ୍ୟୁଜଓ୍ୱିକର ବରିଷ୍ଠ ଉପାଧ୍ୟକ୍ଷ ର୍ୟାନ୍ କିନ୍ନେ କହିଛନ୍ତି, 'ନ୍ୟୁଜଓ୍ୱିକର ଆମେରିକାର ସବୁଠାରୁ ପ୍ରଶଂସିତ କାର୍ଯ୍ୟକ୍ଷେତ୍ର ମଧ୍ୟରେ ସ୍ୱୀକୃତି ପାଇବା ହେଉଛି ଏଭଳି ଏକ ସଂସ୍କୃତିର ଅର୍ଥପୂର୍ଣ୍ଣ ପ୍ରତିଫଳନ ଯାହା ପ୍ରତିଦିନ ଦେଶର ପ୍ରତ୍ୟେକ କମ୍ପାନୀ ସୃଷ୍ଟି କରିବାକୁ ଚେଷ୍ଟା କରିଥାନ୍ତି। ଏହି ସ୍ୱୀକୃତି ଆମ କର୍ମଚାରୀଙ୍କ ପ୍ରତି ପ୍ରତିବଦ୍ଧତାକୁ ବୈଧ କରିଛି ଏବଂ ଲୋକମାନଙ୍କୁ ଗୁରୁତ୍ୱ ଦିଆଯାଉଥିବା ସମର୍ଥନ କରାଯାଉଥିବା ଏବଂ ନିଜର ସର୍ବୋତମ କାର୍ଯ୍ୟ କରିବା ପାଇଁ ସଶକ୍ତ କରାଯାଉଥିବା ଏକ କାର୍ଯ୍ୟକ୍ଷେତ୍ର ନିର୍ମାଣ କରିବାର ମହତ୍ୱକୁ ସୁଦୃଢ କରିଛି ବୋଲି ନ୍ୟୁଜଓ୍ୱିକର ବରିଷ୍ଠ ଉପାଧ୍ୟକ୍ଷ ର୍ୟାନ୍ କିନ୍ନେ କହିଛନ୍ତି।

## ନୋଭୋଟେଲ ଭୁବନେଶ୍ୱର ଜନପଥର ଗ୍ରାଣ୍ଡ ଲଞ୍ଚ ଅବସରରେ ସ୍ୱାଗତ

**ଭୁବନେଶ୍ୱର, ୨୩।୯ (ନି.ପ୍ର):** ନୋଭୋଟେଲ ଭୁବନେଶ୍ୱର ଜନପଥର ଗ୍ରାଣ୍ଡ ଲଞ୍ଚ ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆପଣମାନଙ୍କୁ ସ୍ୱାଗତ କରି ଆମେ ଅତ୍ୟନ୍ତ ଆନନ୍ଦିତ ଓ ଗର୍ବିତ। ଆମର ଏହି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଆପଣମାନଙ୍କ ଗାରିମାମୟ ଉପସ୍ଥିତି ଏହି ଅବସରକୁ ଆହୁରି ସ୍ମରଣୀୟ କରିଛି। ଭୁବନେଶ୍ୱରରେ ଆତିଥ୍ୟ ସେବା ଆରମ୍ଭ ସହ ଆମେ ବିଶ୍ୱାସ କରୁଛୁ ଯେ, ଏକ ହୋଟେଲ କେବଳ ଏହାର ସୁବିଧା, ପରିବେଶ ଓ ଆତିଥେୟତା ପାଇଁ ଗୁରୁତ୍ୱପୂର୍ଣ୍ଣ ହୁଏନାହିଁ। ଏହା ଯେଉଁ ସମାଜ ଓ ସହରର ଅଂଶ ହୋଇଥାଏ, ସେଠାକାର ଲୋକଙ୍କ ସହ ଗଢ଼ି ଉଠୁଥିବା ସମ୍ପର୍କ ମଧ୍ୟ ଏହାର ସଫଳତାର ଏକ ପ୍ରମୁଖ ଅଂଶ। ଆମ ସହ ଆପଣମାନେ ଯେଉଁ ସମୟ ବିତାଇଲେ, ଆମର କାହାଣୀ ଓ ଯାତ୍ରା ପ୍ରତି ଯେଉଁ ଆଗ୍ରହ ଦେଖାଇଲେ ଏବଂ ଭୁବନେଶ୍ୱର ଓ ଓଡ଼ିଶାର ଆତ୍ମା ସହ ଜଡିତ ଆମର ଆଧୁନିକ ଓ ବିଶେଷ ଆତିଥ୍ୟ ସେବାର ଦୃଷ୍ଟିକୋଣ ଆପଣମାନଙ୍କ ସମ୍ମୁଖରେ ରଖିବାର ସୁଯୋଗ ଦେଲେ, ସେଥିପାଇଁ ଆମେ ଆପଣମାନଙ୍କ ପ୍ରତି କୃତଜ୍ଞ।

ଏହି ନୂଆ ଅଧ୍ୟାୟ ଆରମ୍ଭ କରୁଥିବା ବେଳେ ଆମେ ଗଣମାଧ୍ୟମ ସହ ଏକ ଦୀର୍ଘସ୍ଥାୟୀ ସମ୍ପର୍କ ଗଢ଼ିବାକୁ ଆଶା କରୁଛୁ। ପାରସ୍ପରିକ ସମ୍ମାନ, ବିଶ୍ୱାସ ଏବଂ ଭୁବନେଶ୍ୱର ସହର ଓ ଏଠାକାର ଲୋକଙ୍କ ସଫଳତା ଓ ବିଶେଷତାକୁ ନେଇ କାହାଣୀ ର ଅଂଶ ହେବା ଉପରେ ଏହି ସମ୍ପର୍କ ଆଧାରିତ ହେବ। ଯଦି ଆପଣମାନଙ୍କୁ ଆହୁରି କୌଣସି ସୂଚନା, ତଥ୍ୟ କିମ୍ବା ଫଟୋ ଆବଶ୍ୟକ ହୁଏ, ତେବେ ଏଠାରେ ଦିଆଯାଇଥିବା କ୍ୟୁ ଆର କୋଡ୍ ସ୍କାନ୍ କରି ସେଗୁଡ଼ିକ ପାଇପାରିବେ। ଆମର ଏହି ଯାତ୍ରାର ଅଂଶ ହୋଇଥିବା ଏବଂ ଏହି ଅବସରକୁ ସ୍ମରଣୀୟ କରିଥିବାରୁ ଆପଣମାନଙ୍କୁ ପୁଣିଥରେ ଧନ୍ୟବାଦ। ଆମେ ଆଶା କରୁଛୁ ଯେ, ଆଗାମୀ ଦିନରେ ନୋଭୋଟେଲ ଭୁବନେଶ୍ୱର ଜନପଥରେ ଆପଣମାନଙ୍କୁ କେବଳ ଅତିଥି ଭାବେ ନୁହେଁ, ବରଂ ଆମର ଏହି ଯାତ୍ରାର ମୂଲ୍ୟବାନ ସହଯୋଗୀ ଭାବେ ସ୍ୱାଗତ କରିପାରିବୁ। ଭୁବନେଶ୍ୱରର ପ୍ରମୁଖ ବ୍ୟବସାୟିକ ଓ ପର୍ଯ୍ୟଟନ ସ୍ଥଳ ଗୁଡିକ ସହ ଉନ୍ନତ ଯୋଗାଯୋଗ ରହିଥିବା ଅଞ୍ଚଳରେ ନୋଭୋଟେଲ ଭୁବନେଶ୍ୱର ଜନପଥ ଅବସ୍ଥିତ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱର ରେଳ ଷ୍ଟେସନ, କଳିଙ୍ଗ ଷ୍ଟାଡିୟମ ସମେତ ସହରର ପ୍ରମୁଖ ବାଣିଜ୍ୟିକ ଅଞ୍ଚଳ ଓ ଐତିହ୍ୟସ୍ଥାନଗୁଡ଼ିକ ଏଠାରୁ ସହଜରେ ପହଞ୍ଚିହେବ। ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ମଧ୍ୟ ହୋଟେଲ ନିକଟରେ ରହିଛି। ଏହା ଫଳରେ ବ୍ୟବସାୟିକ ଓ ପର୍ଯ୍ୟଟନ ଉଦ୍ଦେଶ୍ୟରେ ଭୁବନେଶ୍ୱର ଆସୁଥିବା ଅତିଥିମାନଙ୍କ ପାଇଁ ହୋଟେଲଟି ସୁବିଧାଜନକ ହୋଇପାରିବ।

ନୋଭୋଟେଲ ଭୁବନେଶ୍ୱରରେ ମୋଟ ୧୧୮ଟି ରୁମ୍ସ ଓ ସୁଇଟ୍ ରହିଛି। ଆଧୁନିକ ଡିଜାଇନ୍ ଓ ଆବଶ୍ୟକ ସୁବିଧା ସହିତ ଏହି ରୁମ ସବୁକୁ କରାଯାଇଛି। ସୁପିରିୟର ଓ ଏକ୍ସିକ୍ୟୁଟିଭ୍ ରୁମ୍ ସହିତ ଦୀର୍ଘ ସମୟ ରହିବା ଏବଂ ପରିବାର ସହ ଯାତ୍ରା କରୁଥିବା ଅତିଥିଙ୍କ ପାଇଁ ବଡ଼ ସୁଇଟ୍ ?ର ବ୍ୟବସ୍ଥା ମଧ୍ୟ ଏଠାରେ ରହିଛି। ଆଧୁନିକ ସୁବିଧା, ଉନ୍ନତ ଇଣ୍ଟରନେଟ୍ ସଂଯୋଗ ଓ ଆରାମଦାୟକ ପରିବେଶ ଏହାର ମୁଖ୍ୟ ବିଶେଷତା।

## କୁଚିନାର ନୂଆ ବିକାଶ ପର୍ଯ୍ୟାୟ, ସମ୍ପୂର୍ଣ୍ଣ କିଚେନ୍ ସଲ୍ୟୁସନ୍ ଦିଗରେ ବିସ୍ତାର

**ଭୁବନେଶ୍ୱର, ୨୩।୯ (ନି.ପ୍ର):** ଭାରତୀୟ କିଚେନ୍ ଆପ୍ଲାଏନ୍‌ସେସ୍ ବ୍ରାଣ୍ଡ କୁଚିନା (Kutchina) ଏବେ ବିକାଶର ଏକ ନୂଆ ପର୍ଯ୍ୟାୟରେ ପ୍ରବେଶ କରିଛି। ପାରମ୍ପରିକ ଭାବେ କିଚେନ୍ ଚିମ୍ନି ପାଇଁ ପରିଚିତ କୁଚିନା ଏବେ ଚିମ୍ନି, କୁକ୍‌ଟପ୍ ଓ ସ୍ମଲ୍ କିଚେନ୍ ଆପ୍ଲାଏନ୍‌ସେସ୍ ସମେତ ବ୍ୟାପକ କିଚେନ୍ ସଲ୍ୟୁସନ୍ ? ପୋର୍ଟଫୋଲିଓ ନେଇ ବଜାରରେ ନିଜର ଉପସ୍ଥିତି ବଢ଼ାଇବାକୁ ଯାଉଛି। ଏହା ସହ ଓଡ଼ିଶାରେ ୨୫ଟି ନୂଆ ଏକ୍ସକ୍ଲୁସିଭ୍ କୁଚିନା ଷ୍ଟୋର୍ ଖୋଲିବାକୁ କମ୍ପାନୀ ଯୋଜନା କରିଛି। ଆଧୁନିକ ରୋଷେଇ ଘରରେ ଗ୍ରାହକମାନେ ସୁବିଧା, ସୁରକ୍ଷା, ଦକ୍ଷତା, ସ୍ମାର୍ଟ ଫଙ୍କସନ୍ ଓ ଆକର୍ଷଣୀୟ ଡିଜାଇନ୍‌କୁ ଗୁରୁତ୍ୱ ଦେଉଥିବାରୁ କୁଚିନା ଏହି ପରିବର୍ତ୍ତିତ ଚାହିଦା ଅନୁଯାୟୀ ନିଜ ପ୍ରଡକ୍ଟ ପୋର୍ଟଫୋଲିଓକୁ ବିସ୍ତାର କରୁଛି। କୁଚିନାର ମ୍ୟାନେଜିଂ ଡାଇରେକ୍ଟର ନମିତ ବଜୋରିଆ କହିଛନ୍ତି, "ଭାରତୀୟ କିଚେନ୍ ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଛି। ଗ୍ରାହକମାନେ ଏବେ କେବଳ ଏକକ ଆପ୍ଲାଏନ୍ସ ନୁହେଁ, ବରଂ ଟେକ୍ନୋଲୋଜି, ସୁବିଧା, ସୁରକ୍ଷା ଓ ଡିଜାଇନ୍‌ର ସମନ୍ୱୟ ଚାହୁଁଛନ୍ତି। ଚିମ୍ନିରୁ ଆଗକୁ ବଢ଼ି କୁକ୍‌ଟପ୍ ଓ ସ୍ମଲ୍ କିଚେନ୍ ଆପ୍ଲାଏନ୍‌ସେସ୍‌ରେ ବିସ୍ତାର ଆମକୁ ଏକ ସମ୍ପୂର୍ଣ୍ଣ କିଚେନ୍ ସଲ୍ୟୁସନ୍ ବ୍ରାଣ୍ଡ ଭାବେ ଆଗକୁ ନେବ। ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ୨୫ଟି ନୂଆ ଏକ୍ସକ୍ଲୁସିଭ୍ ଷ୍ଟୋର୍ ମାଧ୍ୟମରେ ଆମେ ଗ୍ରାହକଙ୍କ ନିକଟତର ହେବାକୁ ଚାହୁଁଛୁ।" କୁଚିନାର କିଚେନ୍ ଇନୋଭେସନ୍‌ର ଯାତ୍ରା I-Auto Clean Technology ମାଧ୍ୟମରେ ଆରମ୍ଭ ହୋଇଥିଲା। ଏହି ପ୍ରଯୁକ୍ତି ଚିମ୍ନି ସଫା କରିବାର ପ୍ରକ୍ରିୟାକୁ ସହଜ କରିବା ସହ ମାନୁଆଲ୍ ମେଣ୍ଟେନାନ୍ସର ଆବଶ୍ୟକତା




କମାଇଥିଲା। ଏହାର ପରବର୍ତ୍ତୀ ପଦକ୍ଷେପ ଭାବେ କମ୍ପାନୀ BLDC-powered AI Chimney ଆଣିଛି। ଏହି ଚିମ୍ନିଗୁଡ଼ିକ ରନ୍ଧନର ତୀବ୍ରତା ଅନୁଭବ କରି ସକ୍ସନ୍ ପାୱାରକୁ ସ୍ୱୟଂଚାଳିତ ଭାବେ ନିୟନ୍ତ୍ରଣ କରିବା ପାଇଁ ଇଓ ଓ ଈଖଉଉ ମୋଟର୍ ଟେକ୍ନୋଲୋଜି ବ୍ୟବହାର କରେ। ଏଥିସହ ଏହା କମ୍ ଶବ୍ଦରେ କାର୍ଯ୍ୟ କରିବା ପାଇଁ ମଧ୍ୟ ଡିଜାଇନ୍ କରାଯାଇଛି। କୁଚିନା ଏହାର କୁକ୍‌ଟପ୍ ପୋର୍ଟଫୋଲିଓକୁ ମଧ୍ୟ ବିସ୍ତାର କରିଛି। ଅଟୋ ଇଗ୍ନିସନ୍ ଓ ଫ୍ଲେମ୍ ଫେଲିଅର୍ ଡିଭାଇସ୍ ଭଳି ବୈଶିଷ୍ଟ୍ୟ ଦୈନନ୍ଦିନ ରୋଷେଇକୁ ଅଧିକ ସୁବିଧାଜନକ ଓ ସୁରକ୍ଷିତ କରିବା ଲକ୍ଷ୍ୟ ରଖିଛି। ଏହା ସହ ବିଭିନ୍ନ ଦୈନନ୍ଦିନ ରୋଷେଇ ଓ ଖାଦ୍ୟ ପ୍ରସ୍ତୁତି ଆବଶ୍ୟକତା ପାଇଁ ସ୍ମଲ୍ କିଚେନ୍ ଆପ୍ଲାଏନ୍‌ସେସ୍ ?ର ଏକ ଚୟନିତ ପୋର୍ଟଫୋଲିଓ ମଧ୍ୟ ବିକଶିତ କରାଯାଉଛି।

ଏହି ବିସ୍ତାର ମାଧ୍ୟମରେ କୁଚିନା କେବଳ ଚିମ୍ନି ବ୍ରାଣ୍ଡର ପରିଚୟରୁ ବାହାରି 'ଓନ୍-ଷ୍ଟପ୍ କିଚେନ୍ ସଲ୍ୟୁସନ୍ ପ୍ରୋଭାଇଡର୍' ଭାବେ ନିଜର ପରିଚୟ ଗଢ଼ିବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶାରେ ପ୍ରସ୍ତାବିତ ୨୫ଟି ନୂଆ ଷ୍ଟୋର୍ ବ୍ରାଣ୍ଡର ବିସ୍ତୃତ ପ୍ରଡକ୍ଟ ପୋର୍ଟଫୋଲିଓକୁ ଗ୍ରାହକଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହେବ। ଭୁବନେଶ୍ୱରରେ କୁଚିନାର ଏକ ଏକ୍ସକ୍ଲୁସିଭ୍ ଶୋରୁମ୍ ଥିବାବେଳେ ଦେଶର ବିଭିନ୍ନ ବଜାରରେ ମଧ୍ୟ ଏହାର ଶୋରୁମ୍ ନେଟୱର୍କ ରହିଛି। ଟେକ୍ନୋଲୋଜି ଆଧାରିତ ଇନୋଭେସନ୍, ପ୍ରଡକ୍ଟ ପୋର୍ଟଫୋଲିଓର ବିବିଧକରଣ ଓ ରିଟେଲ୍ ନେଟୱର୍କ ବିସ୍ତାରକୁ ଆଧାର କରି କୁଚିନା ଭାରତୀୟ କିଚେନ୍ ଆପ୍ଲାଏନ୍ସ ବଜାରରେ ନିଜର ଉପସ୍ଥିତିକୁ ଆହୁରି ବ୍ୟାପକ କରିବା ଦିଗରେ ଆଗେଇ ଚାଲିଛି।

## ଏୟାରଟେଲ୍ ଆପଲ୍ ଟିଭି ଏବଂ ଆପଲ୍ ଆର୍କେଡ୍ ସହିତ ଆପଲ୍-ର ନୂତନ ଆଇକ୍ଲାଉଡ୍ + ସେବା

**ନୂଆଦିଲ୍ଲୀ, ୨୩।୯ (ନି.ପ୍ର):** ଭାରତର ଅନ୍ୟତମ ଅଗ୍ରଣୀ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା 'ଭାରତୀ ଏୟାରଟେଲ୍' ଘୋଷଣା କରିଛି ଯେ ଏହା ନିଜର ଟ.୯୯୯ ଏବଂ ତଦୁର୍ଦ୍ଧ୍ୱ ମୂଲ୍ୟର 'ଫ୍ୟାମିଲି ପୋଷ୍ଟପେଡ୍ ପ୍ଲାନ୍' କୁ ଆପଲ୍ ର ଆଇକ୍ଲାଉଡ୍ + ସେବା ସହିତ ଅଧିକ ସମୃଦ୍ଧ କରୁଛି। ଏହି ଆଇକ୍ଲାଉଡ୍ + ସେବାରେ ବର୍ତ୍ତମାନ ଆପଲ୍ ଟିଭି ଏବଂ ଆପଲ୍ ଆର୍କେଡ୍ ମଧ୍ୟ ଅନ୍ତର୍ଭୁକ୍ତ ରହିଛି, ଯାହା ଗ୍ରାହକଙ୍କୁ ଅଧିକ ମୂଲ୍ୟବାନ ସେବା ପ୍ରଦାନ କରିବା ସହ ପ୍ଲାନ୍ ଅପଗ୍ରେଡ୍ କରିବା ପାଇଁ ଏକ ନୂତନ କାରଣ ଯୋଗାଇ ଦେଉଛି। ଏୟାରଟେଲ୍‌ର ଏହି ନୂତନ ପୋଷ୍ଟପେଡ୍ ସେବାରେ ଆପଲ-ର ସମ୍ପ୍ରସାରିତ ଆଇକ୍ଲାଉଡ୍ + ସୁବିଧା ମିଳିବ, ଯାହା ବ୍ୟକ୍ତିଗତ କଣ୍ଟେଣ୍ଟ ର ସୁରକ୍ଷିତ ସଂରକ୍ଷଣ ଓ ସେୟାରିଂ ସୁବିଧା ଦେବା ସହିତ ଆପଲ୍ ଟିଭି -ର ପୁରସ୍କାରପ୍ରାପ୍ତ ଅରିଜିନାଲ୍ସ ଏବଂ ଆପଲ ଆର୍କେଡ୍ ମାଧ୍ୟମରେ ଶହ ଶହ ମଜାଦାର ଗେମ୍ ଖେଳିବାର ସୁଯୋଗ ପ୍ରଦାନ କରେ। ଏହି ନୂତନ ସେବା ଟ.୯୯୯ ଏବଂ ତଦୁର୍ଦ୍ଧ୍ୱ ମୂଲ୍ୟର ଫ୍ୟାମିଲି ପ୍ଲାନ୍ ବ୍ୟବହାର କରୁଥିବା ଏୟାରଟେଲ୍ ଗ୍ରାହକଙ୍କ ପାଇଁ ଉପଲବ୍ଧ। ଆଇ କ୍ଲାଉଡ୍+ ସାହାଯ୍ୟରେ, ଲକ୍ଷ ଲକ୍ଷ ଏୟାରଟେଲ୍ ପୋଷ୍ଟପେଡ୍ ଗ୍ରାହକ ସେମାନଙ୍କର ଫଟୋ, ଫାଇଲ୍, ପାସୱାର୍ଡ, କଣ୍ଟାକ୍ଟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ସେମାନଙ୍କର ବିଭିନ୍ନ ଆପଲ୍ ଡିଭାଇସ୍ ?ରେ




ସଂରକ୍ଷଣ, ସିଙ୍କ୍ ଏବଂ ବ୍ୟବହାର କରିପାରିବେ। ଏଥିସହିତ ସେମାନଙ୍କ ଡାଟା ସୁରକ୍ଷିତ ଭାବେ ବ୍ୟାକ୍-ଅପ୍ ହୋଇ ରହିବ, ଯାହା ଫଳରେ ନୂତନ ଡିଭାଇସ୍ ସେଟ୍-ଅପ୍ କରିବା ସହଜ ହେବ ଏବଂ ସେମାନଙ୍କର ଡିଜିଟାଲ୍ ଜୀବନଶୈଳୀ ନିରବଚ୍ଛିନ୍ନ ଓ ସୁଲଭ ରହିବ। ଆପଲ୍ ଟିଭି ମାଧ୍ୟମରେ ଆପଲ୍ ର ପ୍ରିମିୟମ୍ ମୌଳିକ ସିରିଜ୍ ଏବଂ ଚଳଚ୍ଚିତ୍ର ଦେଖିବାର ସୁବିଧା ମିଳିବ, ଯେତେବେଳେ କି ଆପଲ୍ ଆର୍କେଡ୍ ବିନା କୌଣସି ବିଜ୍ଞାପନ କିମ୍ବା 'ଇନ୍-ଆପ୍ ପର୍‌ଚେସ୍' ବିନା ଅସୀମିତ ଗେମ୍ ଖେଳିବାର ସୁଯୋଗ ପ୍ରଦାନ କରିବ। ଟ.୯୯୯ ଫ୍ୟାମିଲି ପୋଷ୍ଟପେଡ୍ ପ୍ଲାନଟି ତିନି ଜଣ ସଦସ୍ୟ ବିଶିଷ୍ଟ ପରିବାର ପାଇଁ ଫାଷ୍ଟଲେନ୍ ଟେକ୍ନୋଲୋଜି ସହିତ ଅସୀମିତ ଡାଟା ଏବଂ ସ୍ପାମ୍ ସୁରକ୍ଷା ସୁବିଧା ପ୍ରଦାନ କରିବା ସହ ବିଭିନ୍ନ ମନୋରଞ୍ଜନ ସେବାର ସବସ୍କ୍ରିପସନ୍ ମଧ୍ୟ ଯୋଗାଇଥାଏ।

## ଟାଇମ୍ସ ଆଇକନ୍ ଅଫ୍ ଓଡିଶା -୨୦୨୬ ସମ୍ମାନରେ ସମ୍ମାନିତ ହେଲେ ରାଜିନ୍ଦର ସିଂ

**ଭୁବନେଶ୍ୱର, ୨୩।୯ (ନି.ପ୍ର): :** କଳାମନ୍ଦିରର ମ୍ୟାନେଜିଂ ପାର୍ଟନର ରାଜିନ୍ଦର ସିଂଙ୍କୁ ସାଢ଼ୀ , ପୋଷାକ ଓ ଫ୍ୟାସନ୍ ଆସେସରିଜ୍ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଓ ସଫଳତା ପାଇଁ ପ୍ରତିଷ୍ଠିତ "ଟାଇମ୍ସ ଆଇକନ୍ସ ଅଫ୍ ଓଡିଶା-୨୦୨୬"ପୁରସ୍କାରରେ ସମ୍ମାନିତ କରାଯାଇଛି। ହୋଟେଲ୍ ମେ ଫେୟାର କନ୍‌ଭେନ୍‌ସନ୍‌ଠାରେ ଆୟୋଜିତ ସମାରୋହରେ ଓଡିଶାର ମାନ୍ୟବର ରାଜ୍ୟପାଳ ଡଃ. ହରିବାବୁ କମ୍ଭମପାଟି ଶ୍ରୀ ସିଂଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ସିଂ ଦୁରଦୃଷ୍ଟି, ଆକାଂକ୍ଷା ଓ ନୂତନ କିଛି କରିବାର ଲକ୍ଷ୍ୟ ନେଇ




୧୯୭୭ ମସିହାରେ ଏକ ଛୋଟ ୟୁନିଟ୍‌ରୁ କଳାମନ୍ଦିରର ଯାତ୍ରା ଆରମ୍ଭ କରିଥିଲେ। ପରେ ତାଙ୍କ ଦୁଇ ଭାଇଙ୍କ ସହଯୋଗରେ ବ୍ୟବସାୟକୁ ବିସ୍ତାର କରି ଏହାକୁ ଏକ ପ୍ରତିଷ୍ଠିତ ରିଟେଲ୍ ବ୍ରାଣ୍ଡରେ ପରିଣତ କରିଛନ୍ତି। ବିଶ୍ୱାସ, ସ୍ୱଚ୍ଛତା ଓ ନ୍ୟାୟସଙ୍ଗତ ବ୍ୟବସାୟିକ କାରବାର କଳାମନ୍ଦିରର ସଫଳତାର ମୂଳ ଆଧାର। ଆଜି କଳାମନ୍ଦିର ସାଢ଼ୀ ଓ ରେଡିମେଡ୍ ପୋଷାକ ବିଭାଗର ୮ଟି ଭିନ୍ନ ଭିନ୍ନ ଆଉଟ୍‌ଲେଟ୍ ରହିଛି। ଏହି ସମ୍ମାନ ତାଙ୍କ ଦୀର୍ଘ ବ୍ୟବସାୟିକ ଯାତ୍ରା, ପରିଶ୍ରମ, ପାରିଶ୍ରମିକ ମୂଲ୍ୟବୋଧ ଓ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତାର ଏକ ସ୍ୱୀକୃତି।

## ଅକ୍ଟୋବର ୮ ରୁ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ

**ଭୁବନେଶ୍ୱର, ୨୩।୯ (ନି.ପ୍ର) :** ଆମାଜନ ଡଟ୍ ଇନ୍ ପକ୍ଷରୁ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ଆସନ୍ତା ଅକ୍ଟୋବର ୮ ତାରିଖ ୨୦୨୬ରୁ ଆରମ୍ଭ ହେବାକୁ ଯାଉଛି। ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ସେଲ ସମୟରେ ଗ୍ରାହକମାନେ ସ୍ମାର୍ଟଫୋନ, ଇଲେକ୍‌ଟ୍ରୋନିକ୍ସ, ଫ୍ୟାଶନ, ବିୟୁଟି, ହୋମ୍ ଏସେନ୍ସିଆଲ୍ସ ଓ ଗ୍ରୋସରୀ ବର୍ଗରେ ଆକର୍ଷଣୀୟ ଡିଲ ପାଇପାରିବେ। ଗ୍ରାହକମାନେ




ଏସ୍‌ବିଆଇ କ୍ରେଡିଟ ଓ ଡେବିଟ କାର୍ଡ ଏବଂ ଇଏମଆଇ ଟ୍ରାଞ୍ଜାକ୍ସନ ଉପରେ ୧୦%ର ତତ୍କାଳ ରିହାତି ପାଇବେ ଏବଂ ପ୍ରାଇମ ସଦସ୍ୟମାନେ ୧୦% ପର୍ଯ୍ୟନ୍ତ ଅତିରିକ୍ତ ରିହାତି ପାଇପାରିବେ। ଏହି ସେଲ୍ ସମୟରେ ଗ୍ରାହକମାନେ ଉତ୍ସାହଜନକ ଡିଲ, କୋଟି କୋଟି ଉତ୍ପାଦ ଉପରେ ବର୍ଷର ସବୁଠାରୁ କମ୍ ମୂଲ୍ୟ, ସ୍ମାର୍ଟଫୋନ, ଇଲେକ୍‌ଟ୍ରୋନିକ୍ସ, ଟିଭି, ଫ୍ୟାଶନ ଓ ବିୟୁଟି, କିଚେନ ଓ ଆଉଟଡୋର, ଦୈନନ୍ଦିନ ସାମଗ୍ରୀ, ହୋମ ଡେକୋର, ଆପ୍ଲାଏନ୍ସ ଭଳି ବର୍ଗରେ ନୂଆ ଲଂଚ୍ ପାଇପାରିବେ।

ଏସମ୍ପର୍କରେ ଆମାଜନ ଇଣ୍ଡିଆର ଭିପି ସୌରଭ ଶ୍ରୀବାସ୍ତବ କହିଛନ୍ତି, 'ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ଦେଶର ଏହି ସର୍ବବୃହତ ସପିଂ ଉତ୍ସବ ପାଇଁ ଗ୍ରାହକ, ସେଲର ଓ ବ୍ରାଣ୍ଡଗୁଡିକୁ ଏକତ୍ରିତ କରି ଭାରତୀୟ ପର୍ବପର୍ବାଣୀର ଉତ୍ସାହକୁ ପାଳନ କରୁଛି। ଚଳିତ ବର୍ଷ ଭାରତର ଗ୍ରାହକମାନେ କୋଟି କୋଟି ଉତ୍ପାଦ ଉପରେ ସର୍ବନିମ୍ନ ମୂଲ୍ୟ, ବ୍ଲକବଷ୍ଟର ଡିଲ ଓ ଉତ୍ସାହଜନକ ନୂଆ ଲଂଚ୍ ପାଇଁ ଅପେକ୍ଷା କରିପାରିବେ। ସେଲର ମାନେ ଯୋଜନା କରିଥିବା ଉତ୍ସାହଜନକ ଡିଲ ସହିତ ଗ୍ରାହକମାନେ ଏହି ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲରେ ଉନ୍ନତ ସଂଚୟ ପାଇଁ ମଧ୍ୟ ଅପେକ୍ଷା କରିପାରିବେ।'

## ଭାରତଗ୍ୟାସ୍ 'ଜିରୋ କା ଦମ୍ - ଡିଫେକ୍ଟ ମିଳା ତ ରିଫିଲ୍ ଫ୍ରି' ସହିତ ଗୁଣବତ୍ତା ନିଶ୍ଚିତ କରୁଛି

**ଭଟିଣ୍ଡା,୨୩।୯ (ନି.ପ୍ର) :** ଫର୍ଚ୍ୟୁନ୍ ଗ୍ଲୋବାଲ୍ ୫୦୦ କମ୍ପାନୀ ଏବଂ ମହାରନ୍ ପିଏସୟୁ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (BPCL) ତା'ର 'ଜିରୋ କା ଦମ୍' (ZKD) କାର୍ଯ୍ୟକ୍ରମ ମାଧ୍ୟମରେ ଏଲପିଜି ସିଲିଣ୍ଡର ଗୁଣବତ୍ତା ଏବଂ ଗ୍ରାହକ ସୁରକ୍ଷା ଉପରେ ଧ୍ୟାନ କେନ୍ଦ୍ରିତ କରିଛି, ଯାହା କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ମଜବୁତ କରିବା ପାଇଁ ବିପିସିଏଲ୍ ର ଏଲପିଜି ନେଟୱାର୍କରେ ଲାଗୁ କରାଯାଇଛି। 'ଡିଫେକ୍ଟ ମିଳା ତ ରିଫିଲ୍ ଫ୍ରି' ପହଲ ଭଟିଣ୍ଡା ସହରର ଗ୍ରାହକମାନଙ୍କ ନିକଟକୁ ଗୁଣବତ୍ତା ନିଶ୍ଚିତତା ଆଣୁଛି, ଏକ ସ୍ପଷ୍ଟ ନିଶ୍ଚିତତା ସହିତ ଯେ ଯଦି ଡେଲିଭରି ସମୟରେ ଭାରତଗ୍ୟାସ୍ ସିଲିଣ୍ଡରରେ କୌଣସି ପ୍ରକୃତ ତ୍ରୁଟି ଚିହ୍ନଟ ହୁଏ, ତେବେ ଗ୍ରାହକମାନେ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ମାଗଣା ରିଫିଲ୍ ପାଇପାରିବେ। 'ଜିରୋ କା ଦମ୍' କାର୍ଯ୍ୟକ୍ରମ ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ ଗ୍ରାହକଙ୍କ ଘରେ ପହଞ୍ଚିବା ପୂର୍ବରୁ ପ୍ରତ୍ୟେକ ପର୍ଯ୍ୟାୟରେ ଗୁଣବତ୍ତା ବଜାୟ ରହିବ। ଏହି କାର୍ଯ୍ୟକ୍ରମ ଅଧୀନରେ, ବିପିସିଏଲ୍ ର




ଏଲପିଜି ବଟଲିଂ ପ୍ଲାଣ୍ଟଗୁଡ଼ିକ ନ୍ୟାସନାଲ୍ ଆକ୍‌ରେଡିଟେସନ୍ ବୋର୍ଡ ଫର୍ ସର୍ଟିଫିକେସନ୍ ବଡିଜ୍ (NABCB) ଦ୍ୱାରା ମାନ୍ୟତାପ୍ରାପ୍ତ ସ୍ୱାଧୀନ ଏଜେନ୍ସିମାନଙ୍କ ଦ୍ୱାରା ପରିଚାଳିତ କଠୋର ଥାର୍ଡ-ପାର୍ଟି ସର୍ଟିଫିକେସନ୍ ଅଡିଟ୍ ମଧ୍ୟ ଦେଇ ଗତି କରେ। ଏହି ଅଡିଟ୍ ପ୍ଲାଣ୍ଟରୁ ଉପଭୋକ୍ତା ପର୍ଯ୍ୟନ୍ତ ସିଲିଣ୍ଡରର ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟକୁ ମୂଲ୍ୟାଙ୍କନ କରେ, ଯେଉଁଥିରେ କେବଳ ତ୍ରୁଟିମୁକ୍ତ, ଉଚ୍ଚ-ଗୁଣବତ୍ତା ସିଲିଣ୍ଡର ଗ୍ରାହକଙ୍କ ନିକଟରେ ପହଞ୍ଚୁ ବୋଲି ଧ୍ୟାନ ଦିଆଯାଏ। ୫ଟି ଏଲପିଜି ବଟଲିଂ ପ୍ଲାଣ୍ଟ ପୂର୍ବରୁ ସଫଳତାର ସହ 'ଜିରୋ କା ଦମ୍' ସାର୍ଟିଫିକେସନ୍ ହାସଲ କରିସାରିଛନ୍ତି। ଏହି ପହଲ ବିଷୟରେ କହି, ଶ୍ରୀ ଟି.ଭି. ପାଣ୍ଡିୟାନ୍, ବିଜନେସ୍ ହେଡ୍ (ଏଲପିଜି) ବିପିସିଏଲ୍ କହିଲେ, "'ଜିରୋ କା ଦମ୍' କାର୍ଯ୍ୟକ୍ରମ ଗୁଣବତ୍ତା, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଗ୍ରାହକ ସୁରକ୍ଷା ପ୍ରତି ବିପିସିଏଲ୍ ର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। କଠୋର ଗୁଣବତ୍ତା ଯାଞ୍ଚ, ରକ୍ଷଣାବେକ୍ଷଣ ଅଭ୍ୟାସ, ସୁରକ୍ଷା ଚେକପଏଣ୍ଟ ଏବଂ ସ୍ୱାଧୀନ ସାର୍ଟିଫିକେସନ୍ ମାଧ୍ୟମରେ, ଆମେ ବଟଲିଂ ପ୍ଲାଣ୍ଟରୁ ଗ୍ରାହକଙ୍କ ଦ୍ୱାର ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟରେ ଗୁଣବତ୍ତାକୁ ମଜବୁତ କରୁଛୁ। 'ଡିଫେକ୍ଟ ମିଳା ତ ରିଫିଲ୍ ଫ୍ରି' ନିଶ୍ଚିତତା ଆମ ସିଲିଣ୍ଡରର ଗୁଣବତ୍ତା ଉପରେ ଆମର ବିଶ୍ୱାସକୁ ଆହୁରି ପ୍ରଦର୍ଶିତ କରେ ଏବଂ ଆମର ଗ୍ରାହକ-ପ୍ରଥମ ଆଭିମୁଖ୍ୟକୁ ଦୃଢ଼ କରେ। ଏହି ପହଲ ଆମ ଏଲପିଜି ବିଜନେସ୍ ୟୁନିଟ୍ ର ତ୍ରୁଟିମୁକ୍ତ ସିଲିଣ୍ଡର ପ୍ରଦାନ ଏବଂ ଗ୍ରାହକ ବିଶ୍ୱାସ ବୃଦ୍ଧି ପାଇଁ ନିରନ୍ତର ପ୍ରୟାସର ଫଳ।"ଏହି କାର୍ଯ୍ୟକ୍ରମ ଉନ୍ନତ ପ୍ରଯୁକ୍ତିବିଦ୍ୟା, କଠୋର ରକ୍ଷଣାବେକ୍ଷଣ ଅଭ୍ୟାସ, ସୁରକ୍ଷା ଚେକପଏଣ୍ଟ ଏବଂ ସ୍ୱାଧୀନ ଗୁଣବତ୍ତା ସାର୍ଟିଫିକେସନ୍ କୁ ଏକାଠି କରି ଏଲପିଜି ବଟଲିଂ କାର୍ଯ୍ୟରେ କାର୍ଯ୍ୟକ୍ଷମ ନିୟନ୍ତ୍ରଣକୁ ମଜବୁତ କରେ। ଏହି ବ୍ୟାପକ ଆଭିମୁଖ୍ୟ ବିପିସିଏଲ୍ କୁ କଠୋର ଗୁଣବତ୍ତା ମାନକ ବଜାୟ ରଖିବାରେ ସକ୍ଷମ କରେ ଏବଂ ଗ୍ରାହକ ସୁରକ୍ଷାକୁ ଏହାର ଏଲପିଜି କାର୍ଯ୍ୟର କେନ୍ଦ୍ରରେ ରଖେ। 'ଜିରୋ କା ଦମ୍' ଅଧୀନରେ ଗ୍ରାହକ ନିଶ୍ଚିତତା ଏହି ପ୍ରତିବଦ୍ଧତାକୁ ବାସ୍ତବ ରୂପ ଦେବା ପାଇଁ ଉଦ୍ଦିଷ୍ଟ। ଡେଲିଭରି ସମୟରେ ଚିହ୍ନଟ ହୋଇଥିବା ପ୍ରକୃତ ସିଲିଣ୍ଡର ତ୍ରୁଟି କ୍ଷେତ୍ରରେ ମାଗଣା ରିଫିଲ୍ ପ୍ରଦାନ କରି, ଭାରତଗ୍ୟାସ୍ ଗ୍ରାହକ ସଂପର୍କର ଶେଷ ବିନ୍ଦୁରେ ଗୁଣବତ୍ତା ଏବଂ ନିର୍ଭର ଯୋଗ୍ୟତା ଉପରେ ଦେଉଥିବା ଗୁରୁତ୍ୱକୁ ଦୃଢ଼ କରୁଛି। ଏହି ପହଲ ଭଟିଣ୍ଡା ସହର ସମେତ ଚୟନିତ ସହରଗୁଡ଼ିକରେ ଆରମ୍ଭ କରାଯାଇଛି। ଏହା ଧୀରେ ଧୀରେ ଅନ୍ୟ ସ୍ଥାନ ଗୁଡ଼ିକୁ ବିସ୍ତାର କରାଯିବ। ଜିରୋ ଡିଫେକ୍ଟ। ଏକ୍ସପେରିଏନ୍ସ ପରଫେକ୍ଟ।

## ଆକ୍ସିସ ବ୍ୟାଙ୍କ ଓ କଗ୍ନିଜାଂଟ ସହବନ୍ଧିତ

**ଭୁବନେଶ୍ୱର, ୨୩।୯ (ନି.ପ୍ର) :** ଅଗ୍ରଣୀ ଏଆଇ ନିର୍ମାତା ଓ ଟେକ୍ନୋଲୋଜି ସେବା ପ୍ରଦାନକାରୀ ସଂସ୍ଥା, କଗ୍ନିଜାଂଟ (ନାସ୍‌ଡାକ: ସିଟିଏସଏଚ) ଏବଂ ଭାରତର ଅନ୍ୟତମ ବୃହତ୍ ଘରୋଇ କ୍ଷେତ୍ରର ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ ମଧ୍ୟରେ ସହବନ୍ଧିତା ଘୋଷଣା କରାଯାଇଛି । ଉକ୍ତ ସହବନ୍ଧିତା ଅନୁଯାୟୀ ବ୍ୟାଙ୍କ ହିତାଧିକାରୀଙ୍କ ପାଇଁ ଆକ୍ସିସ ବ୍ୟାଙ୍କର ଏଏମଏସ ୨.୦ ପଦକ୍ଷେପ ଅଧିନରେ କଗ୍ନିଜାଂଟର ଆପ୍ଲିକେଶନ ମ୍ୟାନେଜମେଂଟ ସର୍ଭିସେସ (ଏଏମଏସ)ର ସଫଳ କାର୍ଯ୍ୟକାରିତା ଓ ଶୁଭାରମ୍ଭ (ଗୋ-ଲାଇଭ) ସମ୍ପର୍କରେ ଘୋଷଣା କରାଯାଇଛି। ଏକ ପାଂଚ ବର୍ଷର ଚୁକ୍ତି ଅଧୀନରେ, କଗ୍ନିଜାଂଟ ପ୍ରମୁଖ ବ୍ୟବସାୟିକ କ୍ଷେତ୍ର ଯେପରିକି ଶାଖା ଓ ପରିଚାଳନା, କାର୍ଡ, କର୍ପୋରେଟ ବ୍ୟାଙ୍କିଙ୍ଗ ଓ ଟ୍ରେଜରୀ, କୋର୍ ପ୍ଲାଟଫର୍ମ ଓ ପେମେଂଟ୍‌ସ, ଫାଇନାନ୍ସ ଓ ଆକାଉଂଟିଙ୍ଗ, ରିଟେଲ ଓ ହୋଲସେଲ ବ୍ୟାଙ୍କିଙ୍ଗ, ଡାଟା ପ୍ଲାଟଫର୍ମ ଓ ଇଂଟିଗ୍ରେଶନ ଆଦିରେ ସିଷ୍ଟମଗୁଡିକ ସହଯୋଗ କରିବା ପାଇଁ ଆକ୍ସିସ ବ୍ୟାଙ୍କ ସହ ମିଶି କାର୍ଯ୍ୟ କରୁଛି।

କଗ୍ନିଜାଂଟର ଏସିଆ ପାସିଫିକ ଓ ଜାପାନର ଅଧ୍ୟକ୍ଷ ଗଣେଶ ଆୟର କହିଛନ୍ତି, 'ଆମେ ଏହାର ଏଏମଏସ ୨.୦ର ଅଂଶ ଭାବେ ଆକ୍ସିସ ବ୍ୟାଙ୍କ ସହ ସହଭାଗିତା କରି ଆନନ୍ଦିତ। ଆମର ଟିମ୍‌ଗୁଡିକ ସ୍ଥାୟିତ୍ୱ ଓ ଦକ୍ଷତା ଉନ୍ନତ କରିବା ପାଇଁ ଶୃଙ୍ଖଳିତ ସେବା ବିତରଣ, ଶାସନ-ଆଧାରିତ ପରିଚାଳନା ଏବଂ ଅଟୋମେଶନର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ମାଧ୍ୟମରେ ବ୍ୟାଙ୍କର ଆପ୍ଲିକେଶନ ମ୍ୟାନେଜମେଂଟ ଆବଶ୍ୟକତା ପୂରଣ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ସହଭାଗିତା ସମ୍ପର୍କରେ ଆକ୍ସିସ ବ୍ୟାଙ୍କର ଇନ୍‌ଫର୍ମେଶନ ଟେକ୍ନୋଲୋଜି ଓ ରିଟେଲ ଅପରେଶନ୍ସ ବିଭାଗର ଗ୍ରୁପ୍ ମୁଖ୍ୟ ଅବିନାଶ ରାଘବେନ୍ଦ୍ର କହିଛନ୍ତି, 'ଏଏମଏସ ୨.୦ର କାର୍ଯ୍ୟକାରିତା , ଏକ ସ୍ଥିର, ବିସ୍ତୃତ ଓ ଅଟୋମେଶନ ସକ୍ଷମ ପରିଚାଳନା ମଡେଲ ନିର୍ମାଣ କରିବା ପାଇଁ ଆକ୍ସିସ ବ୍ୟାଙ୍କର ପ୍ରୟାସର ଅଂଶ ଅଟେ। କଗ୍ନିଜାଂଟ ଏକ ଜଟିଳ ଆପ୍ଲିକେଶନ ପରିବେଶରେ ସହଯୋଗ କରିବା ପାଇଁ ଏହି ରୂପାନ୍ତରଣ ସମୟରେ ବ୍ୟାଙ୍କ ସହ ମିଶି କାର୍ଯ୍ୟ କରିଥିଲା। ଆମେ ପରିଚାଳନା ଦକ୍ଷତା ବୃଦ୍ଧି କରିବା ଏବଂ ବ୍ୟାଙ୍କର ବିକଶିତ ବ୍ୟବସାୟ ଓ ଟେକ୍ନୋଲୋଜି ଆବଶ୍ୟକତାରେ ସହଯୋଗ କରିବା ପାଇଁ ଆପ୍ଲିକେଶନ ମ୍ୟାନେଜମେଂଟ ସର୍ଭିସେସ (ଏଏମଏସ) ପାଇଁ କଗ୍ନିଜାଂଟ ସହ ସହଭାଗିତା କରି ଉତ୍ସାହିତ ଅଛୁ।



## ବିଧାୟକଙ୍କ ଜନ୍ମଦିନ ରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଡେଲାଙ୍ଗ, ୨୩।୯ (ନି.ପ୍ର):** ଡେଲାଙ୍ଗ ବ୍ଲକ୍ ର ୪୭ ମେଧାବୀ ଛାତ୍ରଛାତ୍ରୀଙ୍କୁ ଡେଇଶିପୁର ନିକଟସ୍ଥ ରାଞ୍ଚ ହୋଟେଲ ପରିସରରେ ବିଧାୟକ ଆଶ୍ରିତ ପଟ୍ଟନାୟକ ତାଙ୍କ ଜନ୍ମଦିନ ଅବସରରେ ସମ୍ମାନିତ କରିଛନ୍ତି । ଡେଲାଙ୍ଗ ବ୍ଲକ ର ମେଧାବୀ ଛାତ୍ରଛାତ୍ରୀ ମଧ୍ୟରେ ଷଷ୍ଠ ଶ୍ରେଣୀ ପଠାଣି ସାମନ୍ତ ଗଣିତ ମେଧାବୃତ୍ତିରେ ୧୦ ଜଣ, ନବମ ଶ୍ରେଣୀ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ୬ ଜଣ,ଗତବର୍ଷ ମାଟ୍ରିକ ପରୀକ୍ଷା ରେ ଏ୧ ପାଇଥିବା ୩ଜଣ, ତୃତୀୟ ବୃତ୍ତି ୧୪ ଜଣ ଏବଂ ୫ମ ବୃତ୍ତି ରେ ୧୪ ଜଣଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ, ସହକାରୀ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ, ଡ଼ ଶରତ ଚଉଁରୀ, ବିଦ୍ୟାଳୟ ର ଶିକ୍ଷକ ଓ ଅଭିଭାବକ ମାନଙ୍କ ଉପସ୍ଥିତରେ ବିଧାୟକ ଶ୍ରୀ ଯୁକ୍ତ ପଟ୍ଟନାୟକ ଛାତ୍ରଛାତ୍ରୀ ଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ଦେଇ ଉତସାହିତ କରିଥିଲେ। ସୂଚନା ଥାଉକି ଷଷ୍ଠ ଶ୍ରେଣୀ ଗଣିତ ମେଧାବୃତ୍ତି ପରୀକ୍ଷା ରେ ଡେଲାଙ୍ଗ ବ୍ଲକ ର ୧୦ଜଣ ଙ୍କ ମଧ୍ୟରେ ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଆଶୁତୋଷ ସାମନ୍ତରାୟ ୧ମ ସ୍ଥାନ ଅଧିକାର କାରିଥିବା ବେଳେ ଆମ୍ରଜିତ ବେହେରା ୨ୟ ସ୍ଥାନ ଓ ଆମ୍ରଜିତ ୫ମ ଶ୍ରେଣୀର ମଧ ବୃତ୍ତି ପରୀକ୍ଷା ରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟ ର ଗୌରବ ବୃଦ୍ଧି କରିଛନ୍ତି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ସିଆରସି କ୍ଷେତ୍ରବାସୀ ସାହୁ, ଲୋକନାଥ ପ୍ରଧାନ, କୃତିବାସ ପରିଡା ପ୍ରମୁଖ କୃତି ଛାତ୍ର ଛାତ୍ରୀ ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଭସାଣି ଉତ୍ସବକୁ ଫିକା ପକାଇଦେଲା ଲଘୁଚାପ ଜନିତ ଲଗାଣ ବର୍ଷା

# ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବିଭିନ୍ନ ପୂଜା କମିଟି ପୁରସ୍କୃତ

**ପାରାଦୀପ,୨୩/୯ (ନି.ପ୍ର):** ଦୀର୍ଘ ସାତଦିନ ଧରି ଚାଲୁଥିବା ଓଡିଶା ପ୍ରସିଦ୍ଧ ପାରାଦ୍ୱୀପ ବିଶ୍ୱକର୍ମା ପୂଜା ଧୂମଧାମ ରେ ପାଳନ କରାଯାଇଥିଲା ବେଳେ ଚତୁର୍ଥ ଦିନରୁ ଲଘୁଚାପ ଜନିତ ଲଗାଣ ବର୍ଷା ପୂଜା ମହଲ କୁ ସମ୍ପୂର୍ଣ୍ଣ ଫିକା ପକାଇ ଦେଇଥିଲା। ତେବେ ସମ୍ଭାବ୍ୟ ଲଗାଣ ବର୍ଷା କୁ ଦୃଷ୍ଟିରେ ରଖି ବୁଧବାର ଦିନ ଗୋଟିଏ ଦିନରେ ସମସ୍ତ ମେଢ଼ ପୌର ପ୍ରଶାସନ ତରଫରୁ ସମୁଦ୍ର ନିକଟରେ ନିର୍ମିତ କୃତ୍ରିମ ପୁଷ୍କରିଣୀରେ ବିସର୍ଜନ କାରାଯାଇଥିଲା କ୍ଷ ତେବେ ମଙ୍ଗଳବାର ଦିନ ପୂଜା ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ପାରାଦୀପ ପୌରପାଳିକା ତରଫରୁ ସୂଚନାକେନ୍ଦ୍ର ଠାରେ ଆୟୋଜିତ 'ବିଶ୍ୱକର୍ମା ପୂଜା ପ୍ରତିଯୋଗିତା' ଉତ୍ସବରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାରାଦ୍ୱୀପ ବିଶ୍ୱକର୍ମା ପୂଜାର ମହତ୍ୱ ଓ ବିଶେଷତ୍ୱ ଉପରେ ବିବୃତି ପ୍ରଦାନ କରିଥିଲେ ଏବଂ ବନ୍ଦର ପ୍ରଶାସନ ଅସ୍ଥାୟୀ ଦୋକାନ ମାନଙ୍କ ପ୍ରତି କରୁଥିବା କାର୍ଯ୍ୟକଳାପକୁ ଘୃଣାଚକ୍ଷୁରେ ଦେଖିବାସହ ଏହାର ସମାଧାନ ନିମନ୍ତେ ବନ୍ଦର କର୍ତ୍ତୃପକ୍ଷ ଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି





ଉଭୟେ ମନ୍ତ୍ରୀ ଏବଂ ସାଂସଦ କହିଛନ୍ତି। ଜଗତସିଂହପୁର ସାଂସଦ ଡ଼ଃ.ବିଭୂ ପ୍ରସାଦ ତରାଇ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବନ୍ଦର ବିକାଶ କ୍ଷେତ୍ରରେ ଜସ୍ୱସି ପ୍ରଧାନମନ୍ତ୍ରୀ ନେଇଥିବା ପଦକ୍ଷେପ କୁ ସ୍ୱାଗତ କରିବାସହ ପ୍ରଶଂସା କରିଥିଲେ । ତୋରଣ, ମୂର୍ତ୍ତି, ଆଲୋକ, ସାଜସଜ୍ଜା, ଶାନ୍ତିଶୃଙ୍ଖଳା ଓ ସଚେତନତା ଆଦିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପୂଜା କମିଟି ତଥା ଅନୁଷ୍ଠାନଗୁଡ଼ିକୁ ପୁରସ୍କାର ପ୍ରଦାନ କରିବା ସହିତ ମୂର୍ତ୍ତିକାରମାନଙ୍କୁ 'ବିଶ୍ୱକର୍ମା ସମ୍ମାନ'ରେ ସମ୍ମାନିତ କରିଥିଲେ। ଏହି କ୍ରମରେ ତୋରଣରେ ଓମ୍ପା ପ୍ରଥମ, ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ଦ୍ୱିତୀୟ ଓ ପାରାଦୀପ ଟ୍ରକ ମାଲିକ ସଙ୍ଘ ତୃତୀୟ ହୋଇଥିଲେ। ମୂର୍ତ୍ତି ଓ ଆଭ୍ୟନ୍ତରୀଣ ସାଜସଜ୍ଜାରେ ଟ୍ରକ ମାଲିକ ସଙ୍ଘ ପ୍ରଥମ, ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ଦ୍ୱିତୀୟ ଏବଂ ଓମ୍ପା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଆଲୋକ ସଜ୍ଜାରେ ପାରାଦୀପ ଟ୍ରକ ମାଲିକ ସଙ୍ଘ ପ୍ରଥମ, ଓମ୍ପା ଦ୍ୱିତୀୟ ଓ ଭାରତୀୟ ବନ୍ଦର ମଜଦୁର ସଙ୍ଘ (ବିବିଏମଏସ) ତୃତୀୟ ହୋଇଥିଲେ। ଶୃଙ୍ଖଳା ଓ ସାମାଜିକ ବାର୍ତ୍ତା ପ୍ରଦାନରେ ଓମ୍ପା ପ୍ରଥମ ପାରାଦୀପ ଟ୍ରକ ମାଲିକ ସଙ୍ଘ ଦ୍ୱିତୀୟ ଓ ବିବିଏମଏସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମାଜସେବା କ୍ଷେତ୍ରରେ ଟ୍ରେଲର ଆଣ୍ଡ ଗ୍ୟାସ ଟ୍ୟାଙ୍କର ଓ କଣ୍ଟେନର ମିଳିତ ସମନ୍ୱୟ କମିଟି (ଜେସିସି) କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ଅଧକ୍ଷତାରେ ଆୟୋଜିତ ଏହି ପୁରସ୍କାର ବିତରଣି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମାଣେ ଅଜିଂକ୍ୟ ବାବୁରାଓ,ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ କ୍ଷ ପୁରସ୍କାର ହାସଲ କରିଥିବା ସମସ୍ତ ପୂଜା କମିଟି ଓ ଅନୁଷ୍ଠାନଗୁଡ଼ିକୁ ମନ୍ତ୍ରୀ ଓ ସାଂସଦ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ।ଏତଦବ୍ୟତୀତ ଶାନ୍ତିଶୃଙ୍ଖଳା ରକ୍ଷା କରି ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଏହି ବିଶାଳ ଆୟୋଜନକୁ ସଫଳ କରିଥିବାରୁ ପାରାଦ୍ୱୀପ ପୌରପାଳିକା, ଜିଲ୍ଲା ପ୍ରଶାସନ, ପୋଲିସ ବିଭାଗ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏବେ ସାଂସଦ ଶ୍ରୀ ତରାଇ ସାଧୁବାଦ ଜଣାଇଥିଲେ।

## ରାୟଗଡ଼ରେ ୧୮୫ ଶିକ୍ଷକଙ୍କ ସାର୍ଟିଫିକେଟ୍ ଯାଞ୍ଚ

# ୧୪୯ ଆବାସିକ ବିଦ୍ୟାଳୟରେ ନିଯୁକ୍ତି ସୁଯୋଗ

**ରାୟଗଡ଼ା, ୨୩।୯ (ନି.ପ୍ର):** ରାଜ୍ୟ ସରକାରଙ୍କ ଷ୍ଟାଫ୍ ସିଲେକ୍ସନ୍ କମିଶନ୍ (ଏସ୍ଏସ୍ସି) ଦ୍ୱାରା ମନୋନୀତ ହୋଇଥିବା ୧୮୫ ଜଣ ଶିକ୍ଷକଙ୍କ ସାର୍ଟିଫିକେଟ୍ ଯାଞ୍ଚ ରାୟଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମ୍ପନ୍ନ ହୋଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ (ମଙ୍ଗଳ ବିଭାଗ) ଅଧୀନରେ ଜିଲ୍ଲାର ବିଭିନ୍ନ ଆବାସିକ ବିଦ୍ୟାଳୟରେ ଏହି ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯିବ।ସୂଚନା ଅନୁସାରେ, ମୋଟ ୧୮୫ ଜଣ ଶିକ୍ଷକଙ୍କ ମଧ୍ୟରୁ ୧୫୯ ଜଣ ମେଟ୍ରିକ୍ ସିଟି ଶିକ୍ଷକ, ୧୧ ଜଣ କରାଯାଇଛି। ପରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଏହି ରିପୋର୍ଟ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗକୁ ପଠାଯାଇଛି। ଚଳିତ ବର୍ଷ ଜୁନ୍ ମାସରେ ୨୨ ଜଣ ଏବଂ ଅଗଷ୍ଟ ମାସରେ ୧୬ ଜଣ ଶିକ୍ଷକଙ୍କୁ ନିଯୁକ୍ତି ମିଳିଥିବାବେଳେ, ବର୍ତ୍ତମାନର ଚୟନ ପ୍ରକ୍ରିୟାକୁ ମିଶାଇ ମୋଟ ୨୨୩ ଜଣ ଶିକ୍ଷକଙ୍କୁ ରାୟଗଡ଼ ଜିଲ୍ଲାରେ ନିଯୁକ୍ତି ସୁଯୋଗ ମିଳିବାକୁ ଯାଉଛି। ଏ ସମ୍ପର୍କରେ ଯାଞ୍ଚ କମିଟିର ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ କହିଛନ୍ତି ଯେ, ଶିକ୍ଷକମାନଙ୍କ ସାର୍ଟିଫିକେଟ୍ ଯାଞ୍ଚ,



ସୌରା ଭାଷା ଶିକ୍ଷକ ଏବଂ ୧୫ ଜଣ କୁଇ (କନ୍ଧ) ଭାଷା ଶିକ୍ଷକ ଅଛନ୍ତି। ଏହି ଶିକ୍ଷକମାନେ ରାୟଗଡ଼ ଜିଲ୍ଲାର ୧୪୯ଟି ଆବାସିକ ବିଦ୍ୟାଳୟରେ ନିଯୁକ୍ତି ପାଇବେ। ସାର୍ଟିଫିକେଟ୍ ଯାଞ୍ଚ ପରେ ମାର୍କ ଭିତ୍ତିକ ମେରିଟ୍ ଅନୁସାରେ ଶିକ୍ଷକମାନଙ୍କୁ ସେମାନଙ୍କ ଇଚ୍ଛାନୁସାରେ ବିଦ୍ୟାଳୟ ଚୟନ କରିବାର ସୁଯୋଗ ଦିଆଯାଇଥିଲା। ଯାଞ୍ଚ ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଯାଞ୍ଚ କମିଟି ପକ୍ଷରୁ ସମ୍ପୂର୍ଣ୍ଣ ରିପୋର୍ଟ ଜିଲ୍ଲାପାଳଙ୍କ ନିକଟରେ ଦାଖଲ ବିଦ୍ୟାଳୟ ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଖୁବ୍ ?ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ମନୋନୀତ ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ସାର୍ଟିଫିକେଟ୍ ଯାଞ୍ଚ ପ୍ରକ୍ରିୟାରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ମଙ୍ଗଳ ଅଧିକାରୀ, ଅତିରିକ୍ତ ସହକାରୀ ଜିଲ୍ଲାପାଳ, ସମସ୍ତ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ବିଦ୍ୟାଭାରତୀ ଉଚ୍ଚ ଶିକ୍ଷା ସଂସ୍ଥାନର ପ୍ରତିନିଧିଙ୍କ କେଶବଧାମ ପର୍ଯ୍ୟବେକ୍ଷଣ

**କଟକ, ୨୩।୯ (ନି.ପ୍ର) :** କଟକସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର, କେଶବଧାମ ପରିସରରେ ବିଦ୍ୟାଭାରତୀ ପକ୍ଷରୁ ଚାରିଦିନିଆ ବିଦ୍ୟାଳୟ ପର୍ଯ୍ୟବେକ୍ଷଣ ତଥା ଅନୁଭବମୂଳକ ଶିକ୍ଷା କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲିକତା ସୁନ୍ଦରବନ ଅନୀଲକ୍ରିଷ୍ଣା ମହାବିଦ୍ୟାଳୟର ଅଧକ୍ଷା ଡ. ସ୍ୱରୂପା ଚକ୍ରବର୍ତ୍ତୀ, ଲୋରେଟୋ ସ୍ୱୟଂଶାସିତ କଲେଜ, କଲିକତାର ସହାୟକ ପ୍ରଫେସର ଡ. ସଙ୍ଗୀତା ସାନ୍ୟାଲ, ଡି.ଏମ୍. କଲେଜ, ମଣିପୁରର ସହଯୋଗୀ ପ୍ରଫେସର ଅନୀତା କଙ୍ଗବାମ, ନାଗପୁରସ୍ଥିତ ବାଲବାଟିକା ମାଇକ୍ରୋର ସଭାପତି ତଥା ଅବସରପ୍ରାପ୍ତ ଅଧକ୍ଷା ମାହେଶ୍ୱରୀ ଖୋବ୍ରାଗେଡେ, ଶିକ୍ଷା ମହାବିଦ୍ୟାଳୟ, ନାଗାଓଁ, ଆସାମର ଅଧକ୍ଷା ମନୋଶିଖା ବରୁହା, ଗୌହାଟୀ ବିଶ୍ୱବିଦ୍ୟାଳୟର



ପ୍ରଫେସର ବିଦୁଲା ଶରମାହ, ଫକୀର ଚାନ୍ଦ କଲେଜ, ଡାଇମଣ୍ଡ ହାର୍ବରର ସହଯୋଗୀ ପ୍ରଫେସର ସୋମା ସିଦ୍ଧାନ୍ତ ବାନାର୍ଜୀ ଏବଂ ବାଳିକା କଲେଜ, ନାଗାଓଁ, ଆସାମର ସହାୟକ ପ୍ରଫେସର ଶିଖା ଭଗବତୀ ପର୍ଯ୍ୟବେକ୍ଷିକା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷା ବିକାଶ ସମିତି, ଓଡ଼ିଶାର ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି, ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ନରୋତ୍ତମ ସାହୁ ଏବଂ ବିଦ୍ୟାଳୟର ସମ୍ପାଦକ ଅଶୋକ କୁମାର ରାଉତରାୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପଣ୍ଡା ଆଗତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସମସ୍ତ ବ୍ୟବସ୍ଥା ପରିଚାଳନା କରିଥିଲେ। ପର୍ଯ୍ୟବେକ୍ଷକ ଓ ପର୍ଯ୍ୟବେକ୍ଷିକାମାନେ ବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାକୁ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ପର୍ଯ୍ୟବେକ୍ଷଣ କରିବା ସହ ଅନୁଭବ ଆହରଣ କରିଥିଲେ। ଏଥିସହ ବିଦ୍ୟାଳୟ ପରିଚାଳନା ସମିତି, ବିଦ୍ୱତ୍ ପରିଷଦ, ଅଭିଭାବକ, ଆଚାର୍ଯ୍ୟ-ଆଚାର୍ଯ୍ୟା, ପୂର୍ବତନ ଛାତ୍ର, ମାତୃଭାରତୀ, ଶିଶୁଭାରତୀ ଓ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ବୈଠକରେ ଯୋଗଦେଇ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଭାରତୀୟ ଜ୍ଞାନ ପରମ୍ପରା ଆଧାରିତ ଶିକ୍ଷା, ପଞ୍ଚପଦୀ ଓ ପଞ୍ଚକୋଷ ଶିକ୍ଷା, ଆଧାରଭୂତ ଶିକ୍ଷା ସମେତ ବିଦ୍ୟାଳୟର ବିଭିନ୍ନ ଶୈକ୍ଷିକ ଓ ସହଶୈକ୍ଷିକ ବ୍ୟବସ୍ଥା ସମ୍ପର୍କରେ ସେମାନେ ପ୍ରତ୍ୟକ୍ଷ ଅନୁଭବ ହାସଲ କରିଥିଲେ। ଚାରିଦିନିଆ ଏହି ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ଶିକ୍ଷା ନୀତି-୨୦୨୦ର ବିଭିନ୍ନ ଦିଗକୁ ବିଦ୍ୟାଳୟ ସ୍ତରରେ କିପରି କାର୍ଯ୍ୟକାରୀ କରାଯାଉଛି, ତାହା ଅନୁଧ୍ୟାନ କରାଯାଇଥିଲା।

# ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଚ୍ଆଇଭି/ଏଡ୍ସ ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼, ୨୩/୯ (ନି.ପ୍ର) :** ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ରେଡ୍ ରିବନ୍ କ୍ଲବ୍ ୟୁନିଟ୍ ପକ୍ଷରୁ ଏଚ୍ଆଇଭି/ଏଡ୍ସ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ଡ. ସରସ୍ୱତୀ ରାୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏଚ୍ଆଇଭି/ ଏଡ୍ସ ସମ୍ପର୍କରେ ସଚେତନତାର ଗୁରୁତ୍ୱ ଉପରେ ଉଦ୍ ?ବୋଧନ ଦେଇଥିଲେ। ସେ ଯୁବପିଢ଼ିଙ୍କ ମଧ୍ୟରେ ସଠିକ୍ ତଥ୍ୟ, ସଚେତନତା ଓ ଦାୟିତ୍ୱବୋଧ ସୃଷ୍ଟି କରିବା ସହିତ ଏଚ୍ଆଇଭି ସଂକ୍ରମିତ ବ୍ୟକ୍ତିଙ୍କ ପ୍ରତି ସହାନୁଭୂତି ଓ ଭେଦଭାବମୁକ୍ତ ମନୋଭାବ ରଖିବାକୁ ଆହ୍ୱାନ କରିଥିଲେ।

କାର୍ଯ୍ୟକ୍ରମରେ ଯୁବ ରେଡ୍କ୍ରସ୍ର ଜିଲ୍ଲା ଆବାହକ ସଚିବ ଟିକେଶ୍ୱର ମାଝୀ ଅତିଥିଙ୍କୁ ସ୍ୱାଗତ କରିବା ସହ




କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ବିଷୟବସ୍ତୁ ସମ୍ପର୍କରେ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ମହାବିଦ୍ୟାଳୟର ଉଦ୍ଭିଦ ବିଭାଗର ଅଧ୍ୟାପିକା ତଥା ବିଭାଗୀୟ ମୁଖ୍ୟ ପ୍ରିୟଦର୍ଶିନୀ ବଳ ଯୋଗଦେଇ ଏଚ୍ ?ଆଇଭି/ଏଡ୍ ?ସ ସମ୍ପର୍କରେ ବିସ୍ତୃତ ସଚେତନତାମୂଳକ ଆଲୋଚନା କରିଥିଲେ। ସେ ପାୱାରପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ଏଚ୍ଆଇଭି/ଏଡ୍ସ କ'ଣ, ଏଚ୍ଆଇଭି ସଂକ୍ରମଣର କାରଣ ଓ ସଂକ୍ରମଣର ମାଧ୍ୟମ, ପ୍ରତିରୋଧମୂଳକ ବ୍ୟବସ୍ଥା, ଚିକିତ୍ସା ଓ ସଚେତନତାର ଆବଶ୍ୟକତା ଉପରେ ସରଳ ଭାବରେ ବୁଝାଇଥିଲେ। ଏଥିସହିତ ଏଚ୍ଆଇଭି ସମ୍ପର୍କିତ ଭୁଲ ଧାରଣା ଦୂର କରିବା ଓ ସଂକ୍ରମିତ ବ୍ୟକ୍ତିଙ୍କ ପ୍ରତି ସମ୍ମାନଜନକ ବ୍ୟବହାର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ରେଡ୍ ରିବନ୍ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା। ସମାଜରେ ଏଚ୍ଆଇଭି/ଏଡ୍ସ ବିଷୟରେ ସଠିକ୍ ସୂଚନା ପହଞ୍ଚାଇବା, ଭ୍ରାନ୍ତ ଧାରଣା ଦୂର କରିବା ଓ ସଚେତନତା ସୃଷ୍ଟି କରିବାରେ ସ୍ୱେଚ୍ଛାସେବୀ ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ ବୋଲି ବକ୍ତା କହିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ସ୍ୱେଚ୍ଛାସେବୀଙ୍କ ସମେତ ମହାବିଦ୍ୟାଳୟର ବହୁ ସଂଖ୍ୟକ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଟିକେଶ୍ୱର ମାଝୀ ଧନ୍ୟବାଦ ଅର୍ପଣ କରି ଅଧକ୍ଷା, ବକ୍ତା, ଅଧ୍ୟାପକ-କର୍ମଚାରୀ, ସ୍ୱେଚ୍ଛା ସେବୀ ଓ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ବିଜେଡି ବାରବାଟୀ -କଟକ ନିର୍ବାଚନୀ ମଣ୍ଡଳୀ ଜିଲ୍ଲା ପଦାଧିକାରୀ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

**କଟକ, ୨୩।୯ (ନି.ପ୍ର) :** ବିଜୁ ଜନତା ଦଳ (ବିଜେଡି) କଟକ ମହାନଗର ସାଙ୍ଗଠନିକ ଜିଲ୍ଲା (ସହର) ପକ୍ଷରୁ ବାରବାଟୀ ଷ୍ଟାଡିୟମ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ସାଙ୍ଗଠନିକ ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ସ୍ୱଦେଶ ଦାସଙ୍କ ସଭାପତିତ୍ୱ ଓ ଏବଂ କଟକ ମେୟୋର ଶ୍ରୀ ସୁବାସ ସିଂହ ଙ୍କ ନେତୃତ୍ୱରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏହି



ବୈଠକରେ ଆଗାମୀ ଦିନରେ ଦଳର ସାଙ୍ଗଠନିକ ସ୍ଥିତିକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହିତ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀର ପରିପ୍ରେକ୍ଷୀରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ଦଳ ପକ୍ଷରୁ ଆୟୋଜିତ ହେବାକୁ ଥିବା ବ୍ୟାପକ 'ଜନସମ୍ପର୍କ ପଦଯାତ୍ରା'ର ରୂପରେଖ ଓ ପ୍ରସ୍ତୁତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପଦଯାତ୍ରା ଓ ସାଙ୍ଗଠନିକ କାର୍ଯ୍ୟକ୍ରମ: ବୈଠକରେ ଉପସ୍ଥିତ ନେତୃବୃନ୍ଦ ପ୍ରକାଶ କରିଛନ୍ତି ଯେ, ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ କଟକ ସହରର କୋଣ-ଅନୁକୋଣରେ ପଦଯାତ୍ରା ମାଧ୍ୟମରେ ଲୋକ ମାନଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି।

# ମଙ୍ଗଳପୁର ମାଟିଆପଡାରେ ଶ୍ରୀଗଣେଶ ଙ୍କ ଭସାଣି ଯାତ୍ରା

**ପିପିଲି, ୨୩।୯ (ନି.ପ୍ର):** ପିପିଲି ବ୍ଲକ ମଙ୍ଗଳପୁର ପଂଚାୟତ ଅନ୍ତର୍ଗତ ମାଟିଆପଡା ଗ୍ରାମରେ ବୁଧବାର ଶ୍ରୀଗଣେଶ ଙ୍କ ମୃତ୍ତି ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଠାରୁ ଅନତି ଦୂରରେ ଥିବା ରନ୍ହାଚିରା ନଦୀ ରେ ପ୍ରଭୁ ଶ୍ରୀ ଗଣେଶଙ୍କୁ ବିସର୍ଜନ କରାଯାଇଛି।ଏହି ଭସାଣି ଉତ୍ସବ ଅବସରରେ ଗାଁ ର ଯୁବକ



ପୂର୍ଣ୍ଣଚନ୍ଦ୍ର ବେହେରା, ସୁମା ବେହେରା, କାଲ ବେହେରା ପ୍ରମୁଖ ଗ୍ରାମବାସୀ ମାନେ ଏକାଠି ହୋଇ ଦୀର୍ଘ ବର୍ଷ ଧରି ଏହି ପୂଜା ପରମ୍ପରା କୁ ବଜାୟ ରଖିବା ପାଇଁ ଶପଥ ନେଇଛନ୍ତି। ପ୍ରଭୁ ଶ୍ରୀ ବିଘ୍ନ ବିନାଶୟ ଙ୍କୁ ଯଥା ରୀତିନୀତି ରେ ପୂଜାର୍ଚ୍ଚନା କରାଯାଇ ଘଣ୍ଟ,ଘଣ୍ଟି, ବାଦ୍ୟ ନାଚରେ ପ୍ରଭୁଙ୍କୁ ବିସର୍ଜନ କରାଯାଇଥିଲା।

# ଡାଟା ସେଣ୍ଟର ନିକଟରେ ରହିବା ଦ୍ୱାରା ପାଣି ପାଇଁ ଅସୁବିଧା ହୁଏ ନାହିଁ : ଚାନ୍ଦିଭଲି ବାସିନ୍ଦା

**ନୂଆଦିଲ୍ଲୀ, ୨୩।୯ (ନି.ପ୍ର) :** ପଲିସି କନସେନସସ୍ ସେଣ୍ଟର ଦ୍ୱାରା ଆୟୋଜିତ ଏକ ୱେବିନାରରେ ଆଲୋଚନା କରାଯାଇଥିଲା ଯେ କିପରି ଭାରତର ଦ୍ରୁତ ବିସ୍ତାରିତ ଡାଟା ସେଣ୍ଟର ବ୍ୟବସ୍ଥା ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରୁଛି, ନୂତନ ନିଯୁକ୍ତି ସୃଷ୍ଟି କରୁଛି ଏବଂ ସ୍ୱଚ୍ଛ ଶକ୍ତି ଆଡ଼କୁ ଅଗ୍ରସର ହେବାରେ ସାହାଯ୍ୟ କରୁଛି । ଅନ୍ୟପକ୍ଷରେ ଏହିସବୁ କେନ୍ଦ୍ର ନିକଟରେ ରହୁଥିବା ବାସିନ୍ଦାମାନେ ନିରାପଦ, ନିରବଚ୍ଛିନ୍ନ ଜଳ ଯୋଗାଣ ଏବଂ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ନିଜର ପ୍ରତ୍ୟକ୍ଷ ଅନୁଭୂତି ବାଣ୍ଟିଥିଲେ । ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଥିଲେ ଯେ ଡାଟା ସେଣ୍ଟର ବ୍ୟବସ୍ଥାକୁ କେବଳ ଏକ ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମି ଭାବରେ ନ ଦେଖି, ଭାରତର ବ୍ୟାପକ ଅର୍ଥନୈତିକ ଏବଂ ସ୍ଥାୟୀ ରୂପାନ୍ତରଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ଦେଖାଯିବା ଉଚିତ । ଆଗାମୀ କିଛି ବର୍ଷ ମଧ୍ୟରେ ଭାରତର ଡାଟା ସେଣ୍ଟର କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଶିଳ୍ପ ଆକଳନ ଅନୁଯାୟୀ, ୨୦୩୦ ସୁଦ୍ଧା ଏହାର କ୍ଷମତା ୬ ରୁ ୬.୫ ଗିଗାୱାଟ୍‌ରେ ପହଞ୍ଚିବ, ଯାହା ସହିତ ବ୍ୟାପକ ପୁଞ୍ଜିନିବେଶ ଏବଂ କୁଶଳୀ ପ୍ରତିଭାର ଚାହିଦା ମଧ୍ୟ ବଢ଼ିବ । ଅନ୍ୟ ଏକ ସଦ୍ୟତମ ଶିଳ୍ପ ଆକଳନ ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତର ବିକାଶ ପାଇପଲାଇନ୍ ୩,୮୬୦ ମେଗାୱାଟ୍ ରହିଛି, ଯାହା ପାଇଁ ପ୍ରାୟ ୨୯.୯ ବିଲିୟନ ଡଲାର ବିକାଶ ପୁଞ୍ଜିର ଆବଶ୍ୟକତା ରହିଛି । "ଲିଭିଙ୍ଗ୍ ନେକ୍ସଟ୍ ଟୁ ଦି କ୍ଲାଉଡ୍: ଆନ୍ ଏଭିଡେନ୍ସ-ବେସ୍ ?ଡ୍ ଆପ୍ରୋଚ୍ ଟୁ ଡାଟା ସେଣ୍ଟର୍ସ ଇନ୍ ରେସିଡେନ୍ସିଆଲ୍ ଇଣ୍ଡିଆ" ଶୀର୍ଷକ ଏହି ୱେବିନାରରେ ଶିଳ୍ପ, ପ୍ରଯୁକ୍ତିବିଦ୍ୟା, ପରିବେଶ ଗବେଷଣା ଏବଂ ଜନନୀତି କ୍ଷେତ୍ରର ବିଶେଷଜ୍ଞମାନେ ଏକାଠି ହୋଇଥିଲେ। ଏହି ଅବସରରେ ପଲିସି କନସେନସସ୍ ସେଣ୍ଟରର ସହ-ପ୍ରତିଷ୍ଠାତା ତଥା ଅଂଶୀଦାର ଶ୍ରୀ ଅରିନ୍ଦମ ଗୋସ୍ୱାମୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଶ୍ରୀମତୀ ନିରୂପମା ସୌନ୍ଦର୍ଯ୍ୟରାଜନ, ଶକ୍ତି ଅର୍ଥନୀତିଜ୍ଞ ଡକ୍ଟର ପଙ୍କଜ ଶର୍ମା, କାଉନସିଲ୍ ଅନ୍ ଏନର୍ଜି, ଏନଭାଇରନମେଣ୍ଟ ଆଣ୍ଡ୍ ୱାଟରର ପରାମର୍ଶଦାତା ଶ୍ରୀ ବିଶାଳ ତ୍ରିପାଠୀ ଆଦି ଯୋଗଦେଇ ଡାଟା ସେଣ୍ଟରକୁ ନେଇ ସାଧାରଣରେ ଥିବା ବିଭିନ୍ନ ଅଶଙ୍କାକୁ ଖଣ୍ଡନ କରିବା ସହ ଦେଶ ନିର୍ମାଣରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ ।

# ଅତିପ୍ରବଳ ବର୍ଷା ଆଶଙ୍କାକୁ ନେଇ ରାୟଗଡ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

**ରାୟଗଡ, ୨୩/୯ (ନି.ପ୍ର) :** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ରାୟଗଡ ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ଆଜି ସନ୍ଧ୍ୟା ୫ଟାରେ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ OSWAN ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଏଡିଏମ୍ (ସାଧାରଣ), ଏଡିଏମ୍ (ରାଜସ୍ୱ), ସିଡିଓ-ତଥା-ଇଓ, ଉପଜିଲ୍ଲାପାଳ ରାୟଗଡ ଓ ଗୁଣପୁର, ସମସ୍ତ ତହସିଲଦାର, ବିଡିଓ, ପୌରାଞ୍ଚଳର ଇଓ, ସିଡିଏଓ, ସିଡିଭିଓ, ସିଡିଏମଓ, ଡିଇଓ, ଆରଟିଓ, ସିଏସଓ, ଡିଏସଡବ୍ଲ୍ୟୁଓ, ଅଗ୍ନିଶମ ବିଭାଗ, ପୋଲିସ, ଜଳସମ୍ପଦ, ଆରଡବ୍ଲ୍ୟୁଡି, ଆର୍ ଆଣ୍ଡ ବି, ଟିପିଏସ୍ଓଡିଏଲ୍, ଡିଆଇପିଆରଓ, ୨ୟ ଆଇଆରବିଏନ୍ ଓଡ୍ରାଫ୍ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।



ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ ଓ ପୌରାଞ୍ଚଳ ଇଓମାନଙ୍କୁ ନିଜ ନିଜ ଅଞ୍ଚଳରେ ସଜାଗ ରହି ସମ୍ବେଦନଶୀଳ ଓ ବିପଦପ୍ରବଣ ଅଞ୍ଚଳ ଉପରେ ନିରନ୍ତର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୩ ଓ ୨୪ ସେପ୍ଟେମ୍ବର ୨୦୨୬ରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ନିଷ୍ପତ୍ତି କରଯାଇଛି। ଜରୁରୀ ପରିସ୍ଥିତି ଅବଧିରେ ସମସ୍ତ ଅଧିକାରୀଙ୍କ ପାଇଁ ମୁଖ୍ୟାଳୟ ଛାଡ଼ିବା ଉପରେ ଲାଗୁ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଭୂସ୍ଖଳନ ପ୍ରବଣ ଅଞ୍ଚଳ, ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନ ଓ ରାସ୍ତାଘାଟ ଉପରେ ନିରନ୍ତର ନଜର ରଖିବା ସହ ଗର୍ଭବତୀ ମହିଳା, ବୃଦ୍ଧ, ଶିଶୁ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ଔଷଧ, ଆଣ୍ଟିଭେନମ୍ ଇଞ୍ଜେକ୍ସନ୍, ମେଡିକାଲ୍ ଟିମ୍ ଓ ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା ସୁନିଶ୍ଚିତ କରାଯିବ। ପୋଲିସ, ଅଗ୍ନିଶମ ବିଭାଗ ଓ ୨ୟ ଆଇଆରବିଏନ୍ ଓଡ୍ରାଫ୍‌କୁ ଉଦ୍ଧାର ଓ ସ୍ଥାନାନ୍ତରଣ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିକୂଳ ପାଣିପାଗ ଅବଧିରେ ନଦୀରେ ଗଣେଶ ମୂର୍ତ୍ତି ବିସର୍ଜନ ନିଷେଧ ରହିବ। ଜଳସମ୍ପଦ ବିଭାଗ ଜଳସ୍ତର ଉପରେ ନିରନ୍ତର ନଜର ରଖି ସମ୍ଭାବ୍ୟ ବିପଦ ସମ୍ପର୍କରେ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରକୁ ଅବଗତ କରିବ। ଟିପିଏସ୍ଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ସୁରକ୍ଷା ଓ ଜରୁରୀକାଳୀନ ସେବା ସୁନିଶ୍ଚିତ କରାଯିବ। ଏଥିସହ ଆର୍ ଆଣ୍ଡ ବି ଓ ଆରଡବ୍ଲ୍ୟୁଡି ବିଭାଗକୁ ରାସ୍ତା, ବ୍ରିଜ୍, କଲଭର୍ଟ ଓ ଭୂସ୍ଖଳନ ପ୍ରବଣ ସ୍ଥାନଗୁଡ଼ିକର ନିରନ୍ତର ନିରୀକ୍ଷଣ କରି ଯାତାୟାତ ବ୍ୟବସ୍ଥା ସ୍ୱାଭାବିକ ରଖିବାକୁ କୁହାଯାଇଛି। ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଯେକୌଣସି ଜରୁରୀ ପରିସ୍ଥିତିରେ ତ୍ୱରିତ ମୁକାବିଲା କରିବା ସହ 'ଶୂନ୍ୟ ମୃତ୍ୟୁ' (Zero Casualty) ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

# ପାରାଦୀପ ବନ୍ଦର ସଚିବ କ୍ରିଷ୍ଣା ବାପି ରାଜୁଙ୍କୁ ସମ୍ମାନଜନକ ଟାଇମ୍ସ ଆଇକନ୍ସ ପୁରସ୍କାର

**ପାରାଦୀପ, ୨୩।୯ (ନି.ପ୍ର):** ପାରାଦୀପ ବନ୍ଦର ପ୍ରାଧିକରଣ ସଚିବ କ୍ରିଷ୍ଣା ବାପି ରାଜୁ ଙ୍କୁ ସମ୍ମାନଜନକ ଟାଇମ୍ସ ଆଇକନ୍ସ ଅଫ୍ ଓଡ଼ିଶା ୨୦୨୬ ରେ ସମ୍ମାନିତ କରାଯାଇଛି। 'ସାମୁଦ୍ରିକ ନେତୃତ୍ୱ ଏବଂ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ଅବଦାନରେ ଉତ୍କର୍ଷତା' ପାଇଁ ତାଙ୍କୁ ପ୍ରଶଂସା ପ୍ରମାଣପତ୍ରରେ ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୨୧, ୨୦୨୬ରେ ଭୁବନେଶ୍ୱରର ହୋଟେଲ ମେଫେୟାର ସମ୍ମିଳନୀ ଗୃହରେ ଆୟୋଜିତ ଏକ ଭବ୍ୟ ସମ୍ବର୍ଦ୍ଧନା ସମାରୋହରେ ପ୍ରସିଦ୍ଧ ବଲିଉଡ୍ ଅଭିନେତ୍ରୀ ପୁନମ୍ ଧିଲୋନ୍ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରିଥିଲେ। ଏହି ପୁରସ୍କାର ସାମୁଦ୍ରିକ କ୍ଷେତ୍ରରେ ଶ୍ରୀ କୃଷ୍ଣ ବାପି ରାଜୁଙ୍କ ଅବଦାନ ଏବଂ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ଏବଂ ଏକ ଦୃଢ଼ ସାମୁଦ୍ରିକ ଇକୋସିଷ୍ଟମ



ବିକାଶକୁ ସମର୍ଥନ କରୁଥିବା ପଦକ୍ଷେପଗୁଡ଼ିକୁ ଆଗକୁ ନେବାରେ ତାଙ୍କର ଭୂମିକାକୁ ସ୍ୱୀକୃତି ଦିଏ।

# ଲଗାଣ ବର୍ଷାରେ ବୁଡ଼ିଗଲେ ୬ ହଜାର କୁକୁଡ଼ା

କୁକୁଡାଖଣ୍ଡି, ୨୩/୯: ଲଘୁଚାପ ଜନିତ ଲଗାଣ ବର୍ଷା ପାଣିରେ ବୁଡ଼ି ଯାଇଛି ଏକ କୁକୁଡ଼ା ଫାର୍ମ। ଅଣ୍ଟାଏ ପାଣି ଜମିଥିବା ଯୋଗୁଁ ପ୍ରାୟ ୬ରୁ ୭ ହଜାର କୁକୁଡ଼ା ମରିଯାଇଥିବା ଜଣାପଡ଼ିଛି। ଏହାସହ କୁକୁଡ଼ାଦାନା ମଧ୍ୟ ପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ଘଟଣାଟି ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଦକ୍ଷିଣପୁର ପଞ୍ଚାୟତର ଗୁଣ୍ଡବନ୍ଧ ଗ୍ରାମର କେନାଲ ରୋଡ୍ ଅଞ୍ଚଳର। ସେଠାରେ କୁନାଲ ଗୌଡ଼ଙ୍କ କୁକୁଡ଼ା ଫାର୍ମ ରହିଛି। ଲଗାଣ ବର୍ଷା ଯୋଗୁଁ ଫାର୍ମର ଦୁଇଟି ସେଡ୍ ପାଣିରେ ବୁଡ଼ିଯାଇଥିବା ବେଳେ ହଜାର ହଜାର କୁକୁଡ଼ା ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଗତ ୫ରୁ ୬ ବର୍ଷ ଧରି ଦୁଇ ଭାଇ ମିଶି ଏହି କୁକୁଡ଼ା ଫାର୍ମ ଚଳାଇ ଆସୁଥିଲେ। ଫାର୍ମରେ ୪ ଜଣ ଶ୍ରମିକ ମଧ୍ୟ କାମ କରୁଥିଲେ। ଏହି ଫାର୍ମ ଉପରେ ମାଲିକଙ୍କ ସମେତ ଶ୍ରମିକମାନଙ୍କ ପରିବାରର ଜୀବିକା ନିର୍ଭର କରୁଥିଲା। ହେଲେ ପ୍ରବଳ ବର୍ଷା ଯୋଗୁଁ ହଠାତ୍ ଫାର୍ମ ଭିତରକୁ ପାଣି ପଶିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି ଯାହାର ମୂଲ୍ୟ ୫ ରୁ ୬ ଲକ୍ଷ ହେବ ବୋଲି ମାଲିକ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ନିର୍ମାଣାଧୀନ ରିଙ୍ଗ୍‌ରୋଡ୍ ଯୋଗୁଁ ଅଞ୍ଚଳରେ ଜଳ ନିଷ୍କାସନ ପ୍ରଭାବିତ ହୋଇଛି। ବର୍ଷା ପାଣି ସହ ଘାଇ ପାଣି ଜମି ରହିବାରୁ ପ୍ରାୟ ୧୩୦ ଏକର ଚାଷ ଜମି ଜଳମଗ୍ନ ହୋଇଛି। ଏହାର ପ୍ରଭାବରେ କୁକୁଡ଼ା ଫାର୍ମରେ ମଧ୍ୟ ଅଣ୍ଟାଏ ପାଣି ଜମି ରହିଛି। ଖବର ପାଇ ତହସିଲଦାର ରାଜ କିଶୋର ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସିଡିପିଓ କୁସୁମ କୁମାରୀ ସାହୁ ଓ ସ୍ଥାନୀୟ ସରପଞ୍ଚ ଦେବାଶିଷ ସେଠୀ, ଘଟଣାସ୍ଥଳରେ ପହଞ୍ଚି ଫାର୍ମର ସ୍ଥିତି ପରିଦର୍ଶନ କରିଛନ୍ତି। ମାଲିକଙ୍କ ସହ ଆଲୋଚନା କରି କ୍ଷୟକ୍ଷତିର ଆକଳନ ଓ ଆବଶ୍ୟକ ସହାୟତା ନେଇ ପ୍ରତିଶ୍ରୁତି ଦିଆଯାଇଛି। ଏପଟେ ଜମିରୁ ଜଳ ନିଷ୍କାସନ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।ତେବେ ଏତେ ବଡ଼ କ୍ଷୟକ୍ଷତି ପରେ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି ଫାର୍ମ ମାଲିକ ।



## ଆଉ ନାହାନ୍ତି ଆରଏସଏସର ଶ୍ରୀ ନୀଳକଣ୍ଠ ଦାଶ ଶର୍ମା

ରାୟଗଡ଼ା, ୨୩।୯: ଦୀର୍ଘ ଚାରି ଦଶନ୍ଧି ଧରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭିନ୍ନ ଦାୟୀତ୍ୱ ସହିତ ସହ ଜିଲ୍ଲା ସଂଘଚାଳକ ଦାୟିତ୍ୱ ରେ ଥିବା ଆଦରଣୀୟ ଶ୍ରୀ ନୀଳକଣ୍ଠ ଦାଶ ଶର୍ମାଙ୍କ ଦେହାବସାନ ଘଟିଛି ।ଗତ କିଛିଦିନ ଧରି ସେ ଅନ୍ତନଳୀ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର କଓଓଗଝ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ। ଗତକାଲି ମଧ୍ୟରାତ୍ରିରେ ନୀଳକଣ୍ଠ ଶର୍ମାଙ୍କ ଭୁବନେଶ୍ୱର ଡାକ୍ତରଖାନାରେ ସ୍ୱର୍ଗବାସ ହୋଇ ଯାଇଛି । ସେ ଜଣେ ସଫଳ ବ୍ୟବସାୟୀ , ଡାକ ବିଭାଗର ଜଣେ ଅବସରପ୍ରାପ୍ତ କର୍ମଚାରୀ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକାର୍ତ୍ତା ଭାବରେ ତଥା ନିଜର ସେବା, ସଂସ୍କାର, ଓ ଦେଶଭକ୍ତି ପାଇଁ ସେ ସମସ୍ତଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିଲେ ।ଆଜି ସେ ସମସ୍ତଙ୍କୁ ଛାଡ଼ି ଆର ପାରିକୁ ଚାଲିଯାଇଛନ୍ତି କିନ୍ତୁ ସେ ସଂଘର ଜଣେ ଆଦର୍ଶ, ନିଷ୍ଠାପର ଓ ସମର୍ପିତ କାର୍ଯ୍ୟକର୍ତ୍ତା ଭାବେ ସେ ପ୍ରତ୍ୟେକଟି ଜନସାଧାରଣ ଓ ସ୍ୱୟଂସେବକଙ୍କ ମନରେ ସଦା ସର୍ବଦା ଅମର ହୋଇରହିବେ ।ମୃତ୍ୟୁ ବେଳେ ତାଙ୍କ ପତ୍ନୀ , ପୁତ୍ର , ପୁତ୍ରବଧୂ , ଝିଅ ମାନେ ଉପସ୍ଥିତ ରହିଥିଲେ । ତାଙ୍କ ମୃତ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ସତ୍କାର ପାଇଁ ନିଆ ଯାଇଛି । ୧୯୮୪ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ସଂଘର ତଥା ଆନୁଷଙ୍ଗିକ କାର୍ଯ୍ୟକ୍ରମରେ ତାଙ୍କର ଯୋଗଦାନ ସର୍ବଦା ସ୍ମରଣୀୟ ହୋଇ ରହିବ । ତାଙ୍କ ଅବର୍ତ୍ତମାନରେ ସୃଷ୍ଟ ଶୂନ୍ୟସ୍ଥାନର ଦୁଃଖ ସମଗ୍ର ଜିଲ୍ଲାର କାର୍ଯ୍ୟକର୍ତ୍ତା ମାନଙ୍କୁ ବ୍ୟଥିତ କରିଛି । ପ୍ରଭୁ ପରମେଶ୍ୱର ତାଙ୍କର ଅମର ଆତ୍ମାକୁ ସଦ୍ଗତି ପ୍ରଦାନ କରନ୍ତୁ ଏବଂ ଶୋକାକୁଳ ପରିସ୍ଥିତିରେ ପରିବାରବର୍ଗ ତଥା କାର୍ଯ୍ୟକର୍ତ୍ତା ମାନଙ୍କୁ ଏହି ଦୁଃଖ ସହିବାକୁ ଧୈର୍ଯ୍ୟ ଦିଅନ୍ତୁ ।



# ଚାଷୀ ସଂଗଠନ ପକ୍ଷରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ଛେଣ୍ଡିପଦା(ମନ୍ଥନ) : ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ କସିଡିହ୍ ଗ୍ରାମ ଠାରେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୂର ସଂଗଠନ ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ସଂଗଠନ ଜିଲ୍ଲା ସଭାପତି ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ଜଳସେଚନ ଯୋଜନା ଗୁଡିକ କାର୍ଯ୍ୟକାରୀ କରିବା, ହାତୀ ମାଙ୍କଡ ବୁଲା ଷଣ୍ଢ ଗୋରୁ ଉପଦ୍ରବ ବନ୍ଦ କରିବା,ଜନମତକୁ ଉପେକ୍ଷା କରି କୋଇଲା ଖଣି ଓ ଶିଳ୍ପ ପାଇଁ ଜମି ଅଧିଗ୍ରହଣ ବନ୍ଦ କରିବା, କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର କୋଲ୍ କରିଡ଼ର ନିର୍ମାଣ କରିବା, ବୈଜ୍ଞାନିକ ପଦ୍ଧତିରେ ପରିବେଶ ପ୍ରଦୂଷଣ ବନ୍ଦ ପାଇଁ ବାସ୍ତବ ପଦକ୍ଷେପ ଗ୍ରହଣ କରିବା, ଜମି,ଜଳ, ଜଙ୍ଗଲ ଖଣିଜ ସମ୍ପଦକୁ ଘରୋଇ କମ୍ପାନୀ ହାତକୁ ଟେକି ନଦେବା , ପ୍ରତି ବ୍ଲକରେ ସରକାରୀ ଉଦ୍ୟୋଗରେ ଶୀତଳ ଭଣ୍ଡାର ନିର୍ମାଣ କରିବା ଆଦି ଦାବିନେଇ ଚାଷୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ଉକ୍ତ ବୈଠକରେ ସଂଗଠନର ରାଜ୍ୟ ସଂପାଦକ କମ୍‌ରେଡ ରଘୁନାଥ ଦାସ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ଚାଷୀ ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ । କର୍ପୋରେଟ କଂପାନୀ ମାନଙ୍କ ସ୍ୱାର୍ଥରେ ରାଜ୍ୟର ଜମି, ଜଳ, ଜଙ୍ଗଲ ଓ ଖଣିଜ ସମ୍ପଦକୁ ଟେକି ଦେଇ ଜମିହରା ପ୍ରଜାଙ୍କୁ ଦାଣ୍ଡର ଭିକାରୀ କରିବାକୁ ଯୋଜନା କରିଛନ୍ତି। ଏମ୍ ଏମ୍ ଡି ଆର୍ ଆଇନ ଦ୍ୱାରା ଓଡ଼ିଶା ରାଜସ୍ୱ ହରାଇବା ସହ ଅନୁଗୋଳ ଜିଲ୍ଲା ବେଶୀ ପ୍ରଭାବିତ ହେବବୋଲି କହିଛନ୍ତି। ଏହା ବିରୁଦ୍ଧରେ ଆସନ୍ତା ଅକ୍ଟୋବର ମାସ ୩୦ତାରିଖରେ ଭୁବନେଶ୍ୱର ଠାରେ ବିଶାଳ ଚାଷୀ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶରେ ସଂଗଠନର ସର୍ବ ଭାରତୀୟ ସଭାପତି ସତ୍ୟବାନ ଓ ସାଧାରଣ ସଂପାଦକ ଶଙ୍କର ଘୋଷ ଯୋଗଦେବେ। ଅନୁଗୋଳ ଜିଲ୍ଲାରୁ ବହୁ ସଂଖ୍ୟକ ଚାଷୀ ଯୋଗ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଜିଲ୍ଲା ସଂପାଦକ ରଣଜିତ ପ୍ରଧାନ, ଉପସଭାପତି ନବକିଶୋର ପ୍ରଧାନ, ଚାଷୀ ନେତା ସଂଜୟ ସାହୁ, ରମଣୀ ରଂଜନ ପ୍ରଧାନ, ପିତାମ୍ବର ପ୍ରଧାନ, ହେମନ୍ତ ଦାସ, ପ୍ରମୋଦ ବେହେରା, ଚୈତନ୍ୟ ସାହୁ,ବାନାମ୍ବର ପ୍ରଧାନ, ପ୍ରତାପ ଚନ୍ଦ୍ର ସାହୁ, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ରହି ତୃଣମୂଳ ସ୍ତରରୁ ଚାଷୀ ଆନ୍ଦୋଳନ କୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ ।



## ବାରମ୍ବାର ଅଘୋଷିତ ବିଜୁଳିକାଟ ବିରୁଦ୍ଧରେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ପ୍ରତିବାଦ

ଜଳେଶ୍ୱର, ୨୩/୯(ନିପ୍ର)- ରକ୍ଷଣାବେକ୍ଷଣ ନାମରେ ମନୋମୁଖୀ ଭାବେ ଟାଟା ପାୱାରର ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ କାଟ ଜଳେଶ୍ୱରବାସୀଙ୍କୁ ଅତିଷ୍ଠ କଲାଣି। ଅନୁକୂଳ ପାଗ ସତ୍ତ୍ୱେ ପ୍ରାୟ ପ୍ରତିଦିନ ଘନ ଘନ ବିଜୁଳିକାଟ ହେବା ଫଳରେ ରୋଗୀ ,ବରିଷ୍ଠ ନାଗରିକ ଓ ସାଧାରଣ ଲୋକଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ଉଠୁଛି। ଏହାର ପ୍ରତିବାଦରେ ବରିଷ୍ଠ ନାଗରିକ ମଞ୍ଚର ଏକ ପ୍ରତିନିଧିଦଳ ଟାଟା ପାୱାରର ନିର୍ବାହୀ ଯନ୍ତ୍ରୀ ଇଂ ରତିରଞ୍ଜନ ରାଉତଙ୍କୁ ଭେଟି ତୁରନ୍ତ ବିଜୁଳିକାଟର ସ୍ଥାୟୀ ପ୍ରତିକାର ନିମନ୍ତେ ଦାବୀପତ୍ର ପ୍ରଦାନ କରି ଅଛନ୍ତି ।ଉକ୍ତ ପ୍ରତିନିଧି ଦଳରେ ମଞ୍ଚର ସଭାପତି ଡକ୍ଟର ରମାକାନ୍ତ ଭଞ୍ଜ,ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗିରି,ସମାଜସେବୀ ସିତାଂଶୁ ସେନାପତି,ସହ ସମ୍ପାଦକ ଇଂ ଶ୍ରୀମନ୍ତ କୁମାର ଘୋଷ, ଶିକ୍ଷାବିତ ଖଗେନ୍ଦ୍ରନାଥ ସାହୁ,କପିଳେଶ୍ୱର ମହାନ୍ତିଙ୍କ ପ୍ରମୁଖ ଉପସ୍ଥିତ କରିଥିଲେ।

# ଜଗତସିଂହପୁର ଅବକାରୀ ବିଭାଗକୁ ସଫଳତା

## ଗିରଫ ହେଲେ ନିଶାମାଫିଆ

ଜଗତସିଂହପୁର,(ମନ୍ଥନ) ପାରାଦ୍ୱୀପ ଲକ୍ ଥାନା ଅନ୍ତର୍ଗତ ଜିରୋ ପଏଣ୍ଟ ରେ ଚଢଉ କରି ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ପାରାଦୀପ ଅବକାରୀ ଥାନା।

ଯାଞ୍ଚ ପରେ ତାଙ୍କ ପାଖରୁ ୩୨ ଗ୍ରାମର ହେରୋଇନ୍ ଓ ଗୋଟିଏ ସୁଜୁକି ଆସେସ୍ ସ୍କୁଟି(ଓଡି-୨୧-ଟି-୫୪୮୮) ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ପାରାଦ୍ୱୀପଗଡ କଟାକୁଲା ଗ୍ରାମର ପ୍ରମୋଦ ପାଳ (୨୯) ଦୀର୍ଘ ଦିନ ଧରି ଜିରୋ ପଏଣ୍ଟ ଓ ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କ ରେ ପାରାଦୀପ ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ପାରାଦୀପ ଅବକାରୀ ଥାନାର ଉପ ନିରିକ୍ଷକ ଧର୍ମପଦ ଦାସଙ୍କ ନେତୃତ୍ୱରର ଏକ ଟିମ୍ ଗଠନ ହୋଇଥିଲା। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ। ଜବତ ହେରୋଇନ୍ ସହ ସ୍କୁଟି ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ନୈରାଜଜ କୁଜଙ୍ଗଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍ କୁ ପଠାଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାମରେ ମାମଲା ଥିବାର ସନ୍ଦେହ ରେ ଅବକରୀ ବିଭାଗ ତରଫରୁ ଖୋଳତାଡ ଆରମ୍ଭ ହୋଇଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ। ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ। ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି ଅବକାରୀ ବିଭାଗ।



# ହକି ଆସୋସିଏସନ୍ ଅଫ୍ ଓଡ଼ିଶାର ନିର୍ବାଚନ ସ୍ଥଗିତ

ଭୁବନେଶ୍ୱର : ହକି ଆସୋସିଏସନ୍ ଅଫ୍ ଓଡ଼ିଶା (ଏଚଏଓ)ର ନିର୍ବାଚନ ତଦାରଖ କରିବା ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି । ଅନେକ ଜିଲ୍ଲା ୟୁନିଟ୍‌ର ଗଠନ ଓ ପ୍ରଶାସନିକ ପରିଚାଳନା ସମ୍ପର୍କିତ ଗୁରୁତର ପ୍ରଶ୍ନ ଉପରେ ସେ ହକି ଇଣ୍ଡିଆର ମାର୍ଗଦର୍ଶନ ଲୋଡ଼ିଛନ୍ତି ।

ହକି ଇଣ୍ଡିଆର ସଭାପତି ଓ ସାଧାରଣ ସମ୍ପାଦକଙ୍କ ନିକଟରେ ଦାଖଲ କରାଯାଇଥିବା ଏକ ରିପୋର୍ଟରେ, ନିର୍ବାଚନ ଅଧିକାରୀ ଅଞ୍ଜନୀ କୁମାର ମିଶ୍ର, ଆଇଏଏସ (ଅବସରପ୍ରାପ୍ତ), ପ୍ରଶ୍ନ ଉଠାଇଛନ୍ତି ଯେ ଅନେକ ସ୍ଥାୟୀ ଅନୁବନ୍ଧିତ ଜିଲ୍ଲା ୟୁନିଟ୍‌ର ପରିଚାଳନା କମିଟିଗୁଡ଼ିକ ଯଥାବିଧି, ନିରପେକ୍ଷ ଓ ଗଣତାନ୍ତ୍ରିକ ନିର୍ବାଚନ ମାଧ୍ୟମରେ ଗଠିତ ହୋଇଛି କି ନାହିଁ। ରିପୋର୍ଟରେ ଦର୍ଶାଯାଇଛି ଯେ ଅନେକ ଜିଲ୍ଲାରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ସଭାପତି ଏବଂ/କିମ୍ବା ସମ୍ପାଦକ ଭାବେ ଦର୍ଶାଯାଇଛି । କେତେକ କ୍ଷେତ୍ରରେ ସେମାନଙ୍କୁ "ପଦାନୁସାରେ" ପଦାଧିକାରୀ ଭାବେ ଦର୍ଶାଯାଇଛି । ଅନେକ ମାମଲାରେ ନିର୍ବାଚନ କାର୍ଯ୍ୟବିବରଣୀ ଓ ସହାୟକ ଦସ୍ତାବିଜ ଦାଖଲ କରାଯାଇନଥିବା କଥା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି । ଏହାସହ ନିର୍ବାଚନ ଅଧିକାରୀ କହିଛନ୍ତି ଯେ "ବର୍ତ୍ତମାନ ପ୍ରାପ୍ତ ଦସ୍ତାବିଜଗୁଡ଼ିକ ଏହା ପ୍ରମାଣିତ କରୁନାହିଁ" ଯେ ଅନେକ ଜିଲ୍ଲା ୟୁନିଟ୍‌ର ପରିଚାଳନା କମିଟିଗୁଡ଼ିକ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ଯଥାବିଧି ଅନୁଷ୍ଠିତ ନିର୍ବାଚନ ମାଧ୍ୟମରେ ଗଠିତ ହୋଇଛି ।

ଏହା ପରେ ରିପୋର୍ଟରେ ନିର୍ବାଚନ ମଣ୍ଡଳୀ ସମ୍ପର୍କରେ ଏକ ସିଧାସଳଖ ପ୍ରଶ୍ନ ଉଠାଯାଇଛି । ଏଥିରେ ପଚରାଯାଇଛି ଯେ ଏପରି ପଦାଧିକାରୀମାନଙ୍କ ଦ୍ୱାରା ମନୋନୀତ କିମ୍ବା ଅଧିକୃତ ପ୍ରତିନିଧିମାନଙ୍କୁ ସେମାନଙ୍କ ନିଯୁକ୍ତିର ଆଇନଗତ ଓ ପ୍ରଶାସନିକ ଆଧାର ପ୍ରଥମେ ସ୍ଥାପିତ ନକରି ଚୂଡ଼ାନ୍ତ ନିର୍ବାଚନୀ ତାଲିକାରେ ସାମିଲ କରାଯାଇପାରିବ କି ନାହିଁ । ନିର୍ବାଚନ ଅଧିକାରୀ ବିଶେଷ ଭାବେ ହକି ଇଣ୍ଡିଆର ମାର୍ଗଦର୍ଶନ ଲୋଡ଼ିଛନ୍ତି ଯେ ପଦାନୁସାରେ ନିଯୁକ୍ତ ସଭାପତି କିମ୍ବା ସମ୍ପାଦକଙ୍କ ଦ୍ୱାରା ଅଧିକୃତ ପ୍ରତିନିଧିମାନେ ଚୂଡ଼ାନ୍ତ ନିର୍ବାଚନୀ ତାଲିକାର ଅଂଶ ହୋଇପାରିବେ କି ନାହିଁ; ସରକାରୀ ପ୍ରଶାସନିକ ଅଧିକାରୀମାନଙ୍କୁ ପଦାନୁସାରେ ପଦାଧିକାରୀ ଭାବେ ନିଯୁକ୍ତ କରିବା ଏଚଏଓର ଉପନିୟମ ଓ ହକି ଇଣ୍ଡିଆର ଆବଶ୍ୟକତା ସହ ସମନ୍ୱୟପୂର୍ଣ୍ଣ କି ନାହିଁ; ଏବଂ ଏହି ପ୍ରସଙ୍ଗଗୁଡ଼ିକର ସମାଧାନ ନହେବା ପର୍ଯ୍ୟନ୍ତ ନିର୍ବାଚନ ଆଗକୁ ବଢ଼ିପାରିବ କି ନାହିଁ।

## ନିର୍ମଳା ସ୍କୁଲ ହକି ଖେଳାଳୀଙ୍କ ବାଜିମାତ୍

ରାଜଗାଙ୍ଗପୁର: ରାଜଗାଙ୍ଗପୁର ସହର ର ପ୍ରତିଷ୍ଠିତ ନିର୍ମଳା ଇଂରାଜୀ ସ୍କୁଲ ବିଲେଇଗଡ଼ ସ୍ଥିତ ହରିଶନ ଓ କୁଆଁରମୁଣ୍ଡା ଡନ ବସ୍କୋ ସ୍କୁଲ ର ୧୪ ୧୭ ୧୯ ବର୍ଷ ଛାତ୍ର ଙ୍କ ସର୍ବଭାରତୀୟ ହକି ଖେଳ ପ୍ରତିଯୋଗିତା ନିମନ୍ତେ ଓଡିଶା ପାଇଁ ସୁନ୍ଦରଗଡ଼ ଜିଲ୍ଲା ରୁ ଚୟନ କରାଯାଇଥିବା ହକି ଖେଳାଳୀ କର୍ଣାଟକେ ରାଜ୍ୟ ରାଜଧାନୀ ବାଙ୍ଗାଲୋର ଠାରେ ଅନୁଷ୍ଠିତ ହୋଇଥିବା ସମସ୍ତ ପ୍ରତିଯୋଗିତାରେ ଉଚ୍ଚ କୋଟୀର ଖେଳ ପ୍ରଦର୍ଶନ କରି ୧୪ ଓ ୧୭ ବର୍ଷ ବୟସର ହକି ଖେଳ ରେ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରି ଗୈରବ ଅର୍ଜନ କରି ୧୯ ବର୍ଷ ବୟସର ହକି ଖେଳ ପ୍ରତିଯୋଗିତା ଅସଫଳତା ପାଇଥିବା ଟିମ୍ ମେନେଜର ଓ କୋଚ ଜନ ତିର୍କୀ,ସିଲବାନିଶ ବାର୍ଲା ଓ ସୁଦୀପ କୁଜୁର ସୁଚନା ଦେଇଥିଲେ। ଉକ୍ତ ସଫଳତା ପାଇଁ ଆଜି ରାଜଗାଙ୍ଗପୁର ରେଲଷ୍ଟେସନ ଠାରେ ସାଧାରଣ ନାଗରିକ ପରିବାର ଲୋକେ ସମସ୍ତ ଖେଳାଳି ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା ହକି ର ନର୍ସରୀ ଭାବେ ସମଗ୍ର ବିଶ୍ୱରେ ପରିଚିତ ଥିବା ଆଜି ସୁନ୍ଦରଗଡ଼ ଜିଲ୍ଲା ର ରାଜଗାଙ୍ଗପୁର ବିଲେଇଗଡ଼ କୁଆଁରମୁଣ୍ଡା ଡନ ବସ୍କୋ ସ୍କୁଲ ହକି ଖେଳାଳୀମାନେ ପ୍ରମାଣ କରିଥିବା ନେଇ ସମଗ୍ର ରାଜଗାଙ୍ଗପୁର ଓ ଜିଲ୍ଲା ରେ ଚର୍ଚ୍ଚା ର କେନ୍ଦ୍ରବିନ୍ଦୁ ପାଲଟିଛି।



## ଶ୍ରୀ ଶ୍ରୀ ଶ୍ରୀ ମାଁ ଗଜଲକ୍ଷ୍ମୀ ପୂଜା ଉତ୍ସବ ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

ରାୟଗଡା,୩୦।୯ : ଆଜି ରାୟଗଡାର ନ୍ୟୁ କଲୋନୀ ସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ମାଁ ଗଜଲକ୍ଷ୍ମୀ ପୂଜା କମିଟିର ୩୧ତମ ବର୍ଷର ପୂଜା ଆୟୋଜନ ନିମନ୍ତେ ଶୁଭ ଖୁଣ୍ଟି ସ୍ଥାପନ, ନ୍ୟୁ କଲୋନୀ ସ୍ଥିତ ପୂଜା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ପୂଜାରେ ଲୁଲୁ ସାମନ୍ତରାୟ କର୍ତ୍ତା ରୂପେ ପୂଜା କାର୍ଯ୍ୟ କରିଥିଲେ ଓ ପୂଜାରୀ ପ୍ରବୀର ମହାରାଜ ପୂଜାର୍ଚ୍ଚନା କରିଥିଲେ ଓ

ଆସନ୍ତା ମାସ ଇଂରାଜୀ ତାରିଖ ୨୫/୧୦/୨୦୨୬ ଅପରାହ୍ନ ପୂର୍ଣ୍ଣିମା ତିଥିରେ ଜଳଭିଶେଖ ଓ ଶ୍ରୀ ଶ୍ରୀ ଶ୍ରୀ ମାଁ ଗଜଲକ୍ଷ୍ମୀଙ୍କର ଅବାହନର ସହ ପୂଜାକାର୍ଯ୍ୟ ଆରମ୍ଭ ହୋଇ ଆଗାମି ୧୨ ଦିନା ପର୍ଯ୍ୟନ୍ତ ନିତ୍ୟା ପୂଜା ଅର୍ଚ୍ଚନ ହେବ ଓ ମାଁଙ୍କର ସମସ୍ତ ପୂଜା ସହ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନାବଜାର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ଆଡମ୍ବରର ସହ ପୂଜା ଓ ଉତ୍ସବ ପାଳନ କରିବାର ପ୍ରସ୍ତବ ରହିଅଛି ଓ ଏହି ପୂଜା କୁ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ ପୂଜା କମିଟି ରାୟଗଡ ଜିଲ୍ଲା ପ୍ରଶାସନ, ପୋଲିସ, ପୌରସଂସ୍ଥା, ମିଡିଆ ବନ୍ଧୁ ଓ ସମସ୍ତ ରାୟଗଡ ବାସୀଙ୍କ ସହୋଯାଗ କାମନା କରିଛନ୍ତି ଓ ଏହି ଶୁଭ କାର୍ଯ୍ୟକ୍ରମ ରେ ସଭାପତି ସନ୍ତୋଷ କୁମାର ପାତ୍ର, ସମ୍ପାଦକ ଏନ୍. ତ୍ରିନାଥ ରାଓ, ଉପଦେଷ୍ଟା ସବ୍ୟସାଚୀ ସାହୁ, ରାମ ପ୍ରସାଦ ପାତ୍ର, ଉପ ସଭାପତି ବିନୋଦ ସାହୁ, କୋଷାଧ୍ୟକ୍ଷ ଦିଲୀପ ସାହୁ, ସାଙ୍ଗଠନିକ ସମ୍ପାଦକ ସନ୍ତୋଷ କୁମାର ବ୍ରହ୍ମା, ପୂଜା ସମ୍ପାଦକ ଲକ୍ଷ୍ମୀ କାନ୍ତ ଦାଶ ଓ ସୁରେଶ ଚନ୍ଦ୍ର ସାମନ୍ତରାୟ, ତଥା ଅନ୍ୟାନ୍ୟ ସଦସ୍ୟ ମନୋଜ ସାହୁ, ଜଗନ୍ନାଥ ସାହୁ, ବାଲାଜୀ ପାଢୀ, ଅଶୋକ ସାହୁ, ଶିବ ନାୟକ, ଅଶୋକ ପଣ୍ଡା, ଗାଙ୍ଗା ପ୍ରସାଦ, ଶୁଭେନ୍ଦୁ ମହାପାତ୍ର, ମୋହନ ରାଓ, କିଶୋର ସାହୁ ପ୍ରମୁଖ ସହ ଅନେକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।



# ଆନ୍ତଃରାଜ୍ୟ ଗୋରୁ ଚାଲାଣକାରୀ ଦଳର ୮ ଗିରଫ



ଅନୁଗୋଳ : ଗତ ସେପ୍ଟେମ୍ବର ୯ ତାରିଖରେ ହଣ୍ଡପା ପୋଲିସ ଉରୁକୁଳା ଛକରେ ୩୪ ଟି ଗୋରୁ ଚୋରା ଚାଲାଣ କରାଯାଉଥିବା ଖବର ପାଇ ଅଭିଯୁକ୍ତ ମାନଙ୍କୁ ଧରିବା ସହ ଗୋରୁ ଗୁଡିକୁ ଉଦ୍ଧାର କରିଥିଲେ ।ଏହାପରେ ପୋଲିସ ପକ୍ଷରୁ ଅଧିକ ଛାନଭିନ କରାଯାଇ ଅଭିଯୁକ୍ତ ମାନେ ରାଜ୍ୟ ବାହାରକୁ ଗୋରୁ ଚାଲାଣ କରୁଥିବା ଜାଣିବାକୁ ପାଇଥିଲେ ।ସେମାନେ ପଶ୍ଚିମ ବଙ୍ଗ କଂସେଇ ଖାନା କୁ ଗୋରୁ ଚାଲାଣ କରୁଥିବା ପ୍ରମାଣ ମିଳିଥିଲା ।ପୋଲିସ ଏହି ଦଳର ସମସ୍ତ ତଥ୍ୟ ହାସଲ କଲା ପରେ ସମସ୍ତ ଆଠ ଅଭିଯୁକ୍ତ ଙ୍କୁ ଆଜି ଗିରଫ କରିଛି ।ଗିରଫ ଅଭିଯୁକ୍ତ ମାନେ ହେଲେ ଅବ୍ରାଲ ମହମ୍ମଦ,ନରସିଂହପୁର,କଟକ, ଗୁରୁ ଚରଣ ବେହେରା, ଉରୁକୁଳା, ହଂଡପା, ଶେଖ୍ ଆସିକ, ବୋଲଗଡ଼, ନୟାଗଡ଼, ହରମୋହନ ବେହେରା, ଉରୁକୁଳା ହଣ୍ଡପା, ବଳରାମ ପ୍ରଧାନ, ହଣ୍ଡପା, ବଳ ଉଦାବର,ହଣ୍ଡପା,ବିଶି କେସନ ନାଏକ, ହଣ୍ଡପା ଓ ସୁଶାନ୍ତ ନାଏକ ,ବାଗେଡିଆ ।ଏହି ଚୋରା ଚାଲାଣକାରି ଦଳର କିଙ୍ଗପିନ୍ ଥିଲା ଗୁରୁ ଚରଣ ।ଲୋକ ଲଗେଇ ରାସ୍ତା ରୁ ଗୋରୁ ଉଠାଇନେବା ସହ କମ ଦାମରେ ଗୋରୁ ମାନଙ୍କୁ କିଣି ଏକ ଗୁପ୍ତ ସ୍ଥାନରେ ରଖୁଥିଲେ ।ଏହାପରେ ବଡ଼ ଲରି ଯୋଗାଡ କରି ଗୋରୁ ମାନଙ୍କୁ ଚାଲାଣ କରୁଥିଲେ।

## ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଗୋପ, ୨୩/୯ : କୋଣାର୍କ ନିକଟସ୍ଥ ବଉଲାଙ୍ଗ ଗ୍ରାମ ପଞ୍ଚାୟତର କରମଙ୍ଗା - ପାଞ୍ଚଣା ସେବା ସମବାୟ ସମିତିର ବହିଷ୍କୃତ ବୋର୍ଡ ସଦସ୍ୟ ଓ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିଶେଷ ନିଜର ସ୍ୱାର୍ଥ ସାଧନ ପାଇଁ କାର୍ଯ୍ୟରତ ସମିତି ସଂପାଦକଙ୍କ ବଦନାମ କରିବା ପାଇଁ ଚଳାଇଥିବା ପ୍ରୟାସ ଯୋଗୁଁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ନେଇ ଶତାଧିକ କୃଷକ ଓ ଲୋକ ପ୍ରତିନିଧି ପୁରୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଖବରରୁ ପ୍ରକାଶ ଯେ ଗତ ୨୦୨୫ ମସିହା ଖରିଫ ଋତୁରେ ପୂର୍ବରୁ ଥିବା ଭାରପ୍ରାପ୍ତ ସଂପାଦକ ଓ ପରିଚାଳନା ସମିତି ବେଆଇନ ଭାବେ ଧାନ କ୍ରୟ କରିବା ଅଭିଯୋଗ ଆଧାରରେ ଗତ ୨୦୨୫ ମସିହା ସେପ୍ଟେମ୍ବର ମାସ ୩ ତାରିଖରେ ତତ୍କାଳୀନ ପୁରୀ ଜିଲ୍ଲା ସମବାୟ ସମିତି ନିବନ୍ଧକ ସୁନୀତା ପତି ଘଟଣାର ତଦନ୍ତ କରି ଅଫିସ ଚିଠିନଂ - ୨୧୨୨ ରେ କରମଙ୍ଗା - ପାଞ୍ଚଣା ସେବା ସମବାୟ ସମିତିର ପରିଚାଳନା ବୋର୍ଡକୁ ଭଙ୍ଗ କରିଥିଲେ। ପୂର୍ବରୁ ବହିଷ୍କୃତ ସମିତି ସଭାପତି ଓ ବୋର୍ଡ ସଦସ୍ୟ ଓ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ବିଶେଷ ମନ୍ଦ ଉଦ୍ଦେଶ୍ୟ ରଖି ସମିତି ସଂପାଦକ ଦେବରାଜ ସ୍ୱାଇଁଙ୍କ ବିରୋଧରେ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରି ସମିତିର ଉନ୍ନୟନ କାର୍ଯ୍ୟ ବନ୍ଦ କରିବା ପାଇଁ ମସୁଧା କରଥିବା ନେଇ ବଉଲାଙ୍ଗ ସମିତି ସଭ୍ୟା ବନିତା ପ୍ରଧାନ, ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀ, ସମିତି ସଭ୍ୟ ପ୍ରଫୁଲ୍ଲ ସ୍ୱାଇଁ, ବଉଲାଙ୍ଗ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର, ସୋରଭ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ, ଦୁର୍ଗା ଚରଣ ଲେଙ୍କା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦେଶପ୍ରାଣ ଲେଙ୍କାଙ୍କ ସମେତ ଶତାଧିକ କୃଷକ ପୁରୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଲୋକ ପ୍ରତିନିଧି ଓ କୃଷକ ମାନେ ସମିତି ସଂପାଦକ ଦେବରାଜ ସ୍ୱାଇଁ ଦାୟିତ୍ୱ ଗ୍ରହଣ ଠାରୁ ନିୟମିତ ଋଣ ପ୍ରଦାନ, ସରକାରୀ ନିୟମ ଅନୁଯାୟୀ କୃଷକ ମାନଙ୍କ ଠାରୁ ଧାନ କ୍ରୟ କରିବା, ସରକାରୀ ଦରରେ କୃଷକ ମାନଙ୍କୁ ସାର ବିକିବା ସମେତ ସମିତିର ଉନ୍ନୟନ କାର୍ଯ୍ୟ ଜାରି ରଖିଥିବା ବେଳେ ପୂର୍ବରୁ ଅନିୟମିତତା କରି ବହିଷ୍କୃତ ହୋଇଥିବା ସଭାପତି, ବୋର୍ଡ ସଭ୍ୟ ଓ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ସମିତିକୁ ବଦନାମ କରିବା ପାଇଁ ହୀନ ଚକ୍ରାନ୍ତ କରୁଥିବା ନେଇ ପୁରୀ ଜିଲ୍ଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ବୋଲି ସୋରଭା ଗ୍ରାମପଞ୍ଚାୟତର ସରପଞ୍ଚ କିଶୋର ଚନ୍ଦ୍ର ସେଠ ଓ ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ ପ୍ରକାଶ କରିଛନ୍ତି।

# ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ପକ୍ଷରୁ ନୂଆଁଖାଇ ଭେଟଘାଟ୍ ଓ ସାଂସ୍କୃତିକ ସମାରୋହ ପାଳିତ

ଭୁବନେଶ୍ୱର, ତା ୨୧/୯- ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିଃ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟତାକ୍ରମେ ଚଳିତ ସେପ୍ଟେମ୍ବର ୨୦ ତାରିଖ ଦିନ ଭୁବନେଶ୍ୱରସ୍ଥିତ ମଧୁସୂଦନ ସମବାୟ ପରିଚାଳନା ପ୍ରତିଷ୍ଠାନର ସଭାଗୃହରେ ନୂଆଁଖାଇ ଭେଟଘାଟ ଓ ସାଂସ୍କୃତିକ ସମାରୋହ -୨୦୨୬ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋରେ ଓଡ଼ିଶାର ପୂର୍ବତନ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଭୂପିନ୍ଦର ସିଂହ, ବରଗଡ଼ ପାଇକମାଲସ୍ଥିତ ମାଣ୍ଡୋସିଲ ଡିଗ୍ରୀ କଲେଜର ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂହ ଠାକୁର, ଅବସରପ୍ରାପ୍ତ ଅଧ୍ୟକ୍ଷ ଭକ୍ତନାଥ ପଣ୍ଡା, ବିଂଝାଲ ଭାଷା ଗବେଷକ ତଥା ସଂସ୍କୃତିବିତ୍ ତ୍ରିଲୋଚନ ବରିହା, ଅବସରପ୍ରାପ୍ତ ସ୍ୱନାମଧନ୍ୟ ଶିକ୍ଷକ ଜଗଦିଶ ସାହୁ, ମହିଳା ଶିଶୁକଲ୍ୟାଣ ବିଭାଗ ଅଧିକାରୀ ଖିରୋଦିନୀ ବେହେରା, ଅବସରପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ସେଠୀ, ସଂସ୍କୃତିବିତ୍ ଖଗେଶ୍ୱର ମହାପାତ୍ର, ହିରାଲାଲ ପଟେଲ, ପରିଚାଳନା ପରିଷଦ ମଣ୍ଡଳୀର ନିର୍ଦ୍ଦେଶକ ବୃନ୍ଦାବନ ଖଟେଇ, ନିରଞ୍ଜନ ବେହେରା, ଗୋବିନ୍ଦ ପଟେଲ, ବସନ୍ତ କୁମାର ମହାରଣା, ସୁରଜ କୁମାର ମହାପାତ୍ର, ବରିଷ୍ଠ ସଦସ୍ୟ ସଦାନନ୍ଦ ଓଝା, ବୈକୁଣ୍ଠ କୁମାର ନାୟକ, ସାମନ୍ତ ପାତ୍ର, ପଦ୍ମ ଚରଣ ସାହୁ, ବିରେନ୍ଦ୍ର ବରିହା, ମବୋଧ ପଟେଲ, ମନୋଜ ସାହୁ ପ୍ରମୁଖ ଯଥାକ୍ରମେ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଓ ବକ୍ତା ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ମହାନ ସାଂସ୍କୃତିକ ଗଣପର୍ବ ନୂଆଁଖାଇର ଇତିବୃତ୍ତି ଏବଂ ଏହି ପର୍ବଟି ସଂସ୍କୃତିର ପ୍ରତୀକ ଅନ୍ନ ପ୍ରତି କୃତଜ୍ଞତା, ମାଟି ମାଆ ପ୍ରତି ସମ୍ମାନ, ଦେବୀଙ୍କ ପ୍ରତି ଆସ୍ଥା, ସର୍ବୋପରି ପରିବାର ପ୍ରତି ଦାୟିତ୍ୱବୋଧତା, ସମାଜ ପ୍ରତି ଆତ୍ମୀୟତା ଏବଂ ଭାଇଚାରା ଓ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶକୁ ଋଦ୍ଧିମନ୍ତ ଓ ରୁଚିମନ୍ତ କରିପାରିଛି। ଏହିଦିନ ଇଷ୍ଟଦେବୀଙ୍କୁ ସ୍ମରଣ କରି ନବାନ୍ନ ଭକ୍ଷଣ, ଗୁରୁଜନଙ୍କୁ ଜୁହାର ଓ ଲଘୁଜନମାନଙ୍କ ପ୍ରତି ଯେଉଁ ଅନାବିଳ ସ୍ନେହ ଓ ମମତା ରହିଛି ସେ ସମ୍ପର୍କରେ ବକ୍ତାମାନେ ବିସ୍ତୃତଭାବେ ସମବେତ ଶ୍ରୋତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମିତିର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଥମେ ସମିତି ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ପରେ ନୂଆଁଖାଇ ଶୀର୍ଷକ ଏକ ପତ୍ରିକା ଶୁଭ ଉନ୍ମୋଚନ କରାଯାଇଥିଲା।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ